

ଯା ଦେବୀ ସର୍ବଭୂତେଷୁ............


ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ■ ଶନିବାର ୧୨ ମାର୍ଚ୍ଚ ୨୦୨୨ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ SATURDAY 12 MARCH 2022
Vol.No. 33 ■ No. 68 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2022






ପ୍ରକାଶ ପାଇଲା
ଡଃ ଭାଗବତ ବେହେରାଙ୍କର
ବହୁ ପ୍ରତୀକ୍ଷିତ ଆଧାତ୍ମିକ,
ଚେତନାମୂଳକ ଉପନ୍ୟାସ
ବନ୍ଧୁ ମହାନ୍ତି
ପ୍ରାପ୍ତିସ୍ଥାନ :
ତାରିଣୀ ବିଦ୍ୟା ଭଣ୍ଡାର
ଷ୍ଟେସନ ରୋଡ,
ବାଲେଶ୍ୱର-୧
ମୂଲ୍ୟ ଟ୧୫୦/-


## ଥମି ପାରେ ଋଷ ୟୁକ୍ରେନ ଯୁଦ୍ଧ



ନୂଆଦିଲ୍ଲୀ, ୧୧/୦୩ : ଋଷ ଓ ୟୁକ୍ରେନ ମଧ୍ୟରେ ଚାଲିଥିବା ଯୁଦ୍ଧ ଶୁକ୍ରବାରକୁ ୧୫ ଦିନରେ ପହଂଚିଛି । ଏହି ଯୁଦ୍ଧରେ ଉଭୟ ଋଷ ଓ ୟୁକ୍ରେନର ସହ ସହ ଯବାନ ପ୍ରାଣ ହରାଇଥିବା ବେଳେ କୋଟି କୋଟି ଟଙ୍କାର ସମ୍ପତ୍ତି ନଷ୍ଟ ହୋଇଛି । ଏହାରି ଭିତରେ ଅନେକ ଦେଶ ଋଷ ଉପରେ ବିଭିନ୍ନ କଟକଣା ଲଗାଇବା ପରେ ଏବେ ଯୁଦ୍ଧ ଥମିବା ନେଇ ଋଷ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ ସଂକେତ ଦେଇଛନ୍ତି । ଶୁକ୍ରବାର ଦିନ ପୁଟିନ କହିଛନ୍ତି କି ଋଷ ଓ ୟୁକ୍ରେନ ମଧ୍ୟରେ ଆଲୋଚନା ଏକ ସକରାତ୍ମକ ଦିଗରେ ପହଂଚିଛି । ହେଲେ ଏନେଇ ଅଧିକ କିଛି କହିବାକୁ ମନା କରିଦେଇଛନ୍ତି ପୁଟିନ । ପୁଟିନ ତାଙ୍କ ସମକକ୍ଷ ବେଲାରୁଷ ରାଷ୍ଟ୍ରପତିଙ୍କ ସହ ଆଲୋଚନା ପରେ କହିଛନ୍ତି କି ନିଶ୍ଚିନ୍ତ ଭାବେ ଉଭୟ ଦେଶର ଆଲୋଚନା ସକରାତ୍ମକ ଦିଗ ଦେଇ ଗତି କରୁଛି । ଏନେଇ ତାଙ୍କୁ ଋଷ ବାର୍ତ୍ତାକାର ସୂଚନା ଦେଇଥିବା କଥା ପୁଟିନ କହିଛନ୍ତି । ସମାଚାର ଏଜେନ୍ସି ରୟଟର ମୁତାବକ ପୁଟିନ କହିଛନ୍ତି କି, ପାଖାପାଖି ଉଭୟ ଦେଶ ମଧ୍ୟରେ ଦୈନିକ ଆଲୋଚନା ଜାରି ରହିଛି । ସେପଟେ ଋଷ ତାର ପଡୋଶୀ ଦେଶ ବେଲାରୁଷରେ ନିଜର ସୈନ୍ୟ ଅଭ୍ୟାସ ଆରମ୍ଭ କରିଦେଇଛି । କୁହାଯାଉଛି କି ସୈନ୍ୟ ଅଭ୍ୟାସ ବାହାନାରେ ଋଷ ବେଲାରୁଷରେ ନିଜ ସୈନ୍ୟଙ୍କୁ ନିୟୋଜିତ କରିବାରେ ଲାଗିଛି । ଗୋଟିଏ ପଟେ ଋଷ ଅଭିଯୋଗ କରିଛି କି, ୟୁକ୍ରେନ ଆମେରିକା ସହାୟତାରେ ଦେଶରେ ଜୈବିକ ଅସ୍ତ୍ର ପ୍ରସ୍ତୁତ କରିବାରେ ଲାଗିଛି । ଏହାର ଜବାବରେ ୟୁକ୍ରେନ ରାଷ୍ଟ୍ରପତି ଜେଲେନସ୍କି କହିଛନ୍ତି କି. ୟୁକ୍ରେନରେ କୌଣସି ରାସାୟନିକ କିମ୍ବା ଜୈବ ଅସ୍ତ୍ର ପ୍ରସ୍ତୁତ କରାଯାଇ ନାହିଁ ବା ଆଗକୁ ପ୍ରସ୍ତୁତ କରିବାର କୌଣସି ଯୋଜନା ନାହିଁ ।

## ବିଜୟ ପରେ ଗୁଜରାଟରେ ମୋଦିଙ୍କ ଶକ୍ତି ପ୍ରଦର୍ଶନ



ନୂଆଦିଲ୍ଲୀ, ୧୧/୦୩ : ୪ ରାଜ୍ୟର ବିଧାନସଭା ନିର୍ବାଚନରେ ସଫଳତା ହାସଲ କରିବା ପରେ ଶୁକ୍ରବାର ଗୁଜରାଟ ଅହମଦାବାଦରେ ବିଶାଳ ରୋଡ ଶୋ କରିଛନ୍ତି ପ୍ରଧାନମନ୍ତ୍ରୀ ମୋଦୀ । ଏହି ରୋଡ ଶୋ ଜରିଆରେ ବିଜେପି ନିଜର ଶକ୍ତି ପ୍ରଦର୍ଶନ କରିଛି । ଆଉ କିଛି ଦିନ ପରେ ଗୁଜରାଟ ବିଧାନସଭା ନିର୍ବାଚନ ହେବାକୁ ଯାଉଛି । ତେଣୁ ମୋଦିଙ୍କ ଏହି ବିଶାଳ ରାଲି ନିର୍ବାଚନୀ ବିଗୁଲ ବୋଲି କୁହାଯାଇପାରେ । ଦୁଇ ଦିନିଆ ଗୁଜରାଟ ଗସ୍ତର ପ୍ରଥମ ଦିନରେ ମୋଦି ବିଶାଳ ରୋଡ ଶୋ କରି ଅହମଦାବାଦ ବିଜେପି ମୁଖ୍ୟାଳୟରେ ପହଁଚିଥିଲେ । ଅହମଦାବାଦ ବିମାନବନ୍ଦରୁ ବିଜେପି ମୁଖ୍ୟାଳୟ ପର୍ଯ୍ୟନ୍ତ ପ୍ରାୟ ୧୦ କିଲୋମିଟର ରୋଡ ଶୋ କରିଛନ୍ତ ପ୍ରଧାନମନ୍ତ୍ରୀ । ମୋଦିଙ୍କୁ ଦେଖିବା ପାଇଁ ରାସ୍ତା ଉଭୟ କଡରେ ଶତାଧିକ ଲୋକ ଛିଡା ହୋଇଥିଲେ । ଗୁଜରାଟ ମୁଖ୍ୟମନ୍ତ୍ରୀ ଭୁପେନ୍ଦ୍ର ପଟେଲ ଓ ରାଜ୍ୟ ସଭାପତି ସିଆର ପାଟିଏ ମଧ ସାଥିରେ ଥିଲେ । ଖୋଲାଜିପରେ ଛିଡା ହୋଇ ଲୋକଙ୍କୁ ହାତ ହଲାଇ ଅଭିଭାଦନ ଗ୍ରହଣ କରିଥିଲେ ପ୍ରଧାନମନ୍ତ୍ରୀ । ୪ ରାଜ୍ୟ ସଫଳତା ପାଇଥିବାରୁ ମୋଦି ବିଜୟ ସଙ୍କେତ ଲୋକଙ୍କୁ ପ୍ରଦର୍ଶନ କରିଥିଲେ ଗୁଜରାଟ ପଂଚାୟତ ମହାସମ୍ମିଳନୀରେ ଯୋଗ ଦେଇଛନ୍ତି । ତ୍ରୀସ୍ତରୀୟ ପଂଚାୟତ ନିର୍ବାଚନରେ ଜିତିଥିବା ଜନପ୍ରତିନିଧି ଯୋଗ ଦେବେ । ଚଳିତବର୍ଷ ଶେଷ ଭାଗରେ ଗୁଜରାଟ ବିଧାନସଭା ନିର୍ବାଚନ ଅନୁଷ୍ଠିତ ହେବ । ତାରିଖ ଘୋଷଣା କରଯାଇନି । ହେଲେ ୪ ରାଜ୍ୟରେ ବିଜେପି ମିଳିଥିବା ସଫଳତା ଏବେଠାରୁ ଗୁଜରାଟାବାସୀଙ୍କ ପାଖରେ ପହଁଚାଇବା ପାଇଁ ପ୍ରୟାସ କରୁଛି ବିଜେପି ।

## ଏପ୍ରିଲ ୨୯ରୁ ମେ ୬ ଯାଏଁ ମାଟ୍ରିକ ପରୀକ୍ଷା



ଭୁବନେଶ୍ୱର, ୧୧/୦୩ (ନି.ପ୍ର): ଚଳିତ ବର୍ଷ ଏପ୍ରିଲ ୨୯ ତାରିଖରୁ ମେ ୬ ତାରିଖ ଯାଏଁ ମାଟ୍ରିକ ପରୀକ୍ଷା ଅନୁଷ୍ଠିତ ହେବ । ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର ଶୁକ୍ରବାର ଦିନ ଏହି ସୂଚନା ଦେଇଛନ୍ତି । ଏହା ଫଳରେ ମାଟ୍ରିକ ପରୀକ୍ଷାକୁ ନେଇ ଲାଗି ରହିଥିବା ଦ୍ୱନ୍ଦ ଦୂର ହୋଇଛି । ଏହାସହ ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ହେବାକୁ ମଧ୍ୟମା(ସଂସ୍କୃତ) ଓ ରାଜ୍ୟ ମୁକ୍ତ ବିଦ୍ୟାଳୟର ପରୀକ୍ଷା ମଧ୍ୟ ଏପ୍ରିଲ୨୯ତାରିଖଠାରୁ ଆରମ୍ଭ ହୋଇ ମେ ୦୬ ତାରିଖରେ ଶେଷ ହେବ। ସେ କହିଛନ୍ତି ଯେ ଏଥର ମାଟ୍ରିକ୍ ପରୀକ୍ଷାଗୁଡ଼ିକ ପିଲା ପଢୁଥିବା ନିଜ ସ୍କୁଲରେ ଦେବେ। କିନ୍ତୁ, ପରୀକ୍ଷା ପରିଚାଳନା ପାଇଁ ଅନ୍ୟ ସ୍କୁଲର ଶିକ୍ଷକମାନେ ନିୟୋଜିତ ହେବେ। ଯେଉଁଠି ତାହା ସମ୍ଭବପର ହେବ ନାହିଁ ସେଠାରେ ପାଖ ସ୍କୁଲରେ ପିଲାମାନେ ପରୀକ୍ଷା ଦେବେ। ସେ ଆହୁରି କହିଛନ୍ତି ଯେ, ସମସ୍ତଙ୍କ ପାଇଁ ଅଫଲାଇନରେ ମାଟ୍ରିକ ପରୀକ୍ଷା ହେବ । ତିନୋଟି ରୂପରେ ପିଲାଙ୍କ ଖାତା ମୂଲ୍ୟାୟନ ହେବ । ସମେଟିଭ୍ ଆସେସମେଂଟ ୨ ପରୀକ୍ଷା ସବୁ ଛାତ୍ରଛାତ୍ରୀ ନିଜ ସ୍କୁଲରେ ଦେବେ । ଯଦି ଦରକାର ପଡେ ନିକଟତମ ସ୍କୁଲରେ ପିଲା ପରୀକ୍ଷା ଦେବେ । ଏନେଇ ମାଧ୍ୟମିକ ସ୍କୁଲ ଶିକ୍ଷା ପରିଷଦ ଗାଇଡଲାଇନ୍ ଜାରି କରିବେ । ଛାତ୍ରଛାତ୍ରୀଙ୍କ ହିତ ଦୃଷ୍ଟିରୁ ଯେଉଁ ପଦ୍ଧତିରେ ଛାତ୍ରଛାତ୍ରୀ ଭଲ ମାର୍କ ରଖିବେ ସେହି ମାର୍କକୁ ଚୂଡାନ୍ତ କରାଯିବ । ପ୍ରଥମ ଦୁଇଟି ହେଉଛି ବିକଳ୍ପ ଓ ତୃତୀୟରେ ନୂଆ ପଦ୍ଧିତରେ ଫଳ ନିର୍ଦ୍ଧାରଣ ହେବ । ପ୍ରଥମ ପଦ୍ଧତିରେ ସମେଟିଭ୍ ଆସେସମେଂଟ୍ ୧ ଓ ଇଂଟରନାଲ ଆସେସମେଂଟକୁ ଦୁଇ ଗୁଣା କରି ଛାତ୍ରଛାତ୍ରୀଙ୍କ ମାର୍କ ବାହାରିବ । ଦ୍ୱିତୀୟ ପର୍ଯ୍ୟାୟରେ ସମେଟିଭ୍ ଆସେସମେଂଟ୨ ଆଧାରରେ ମାର୍କ ଦିଆଯିବ ।ସମ୍ମେଟିଭ୍-୨ ମାର୍କ ୨ ଗୁଣ କରି ହିସାବ କରାଯିବ। ୩ୟ ପଦ୍ଧତି ହେଉଛି ଇଂଟରନାଲ୍ ଆସେସ୍ମେଂଟର ୨୦% ସମ୍ମେଟିଭ୍-୧ରୁ ୩୦%। ତେବେ ସମ୍ମେଟିଭ୍-୨ରୁ ୫୦ ପ୍ରତିଶତ ନମ୍ବର ନେଇ ମାର୍କିଂ କରାଯିବ। ବିଭିନ୍ନ ପରୀକ୍ଷା ଫଳ ମିଶାଇ ▶▶ପୃଷ୍ଠା ୭

## ଇମୋସନାଲ କାର୍ଡ ଖେଳିଲେ ଜେଲେନସ୍କି : କହିଲେ ମୁଁ ବି ଜଣେ ବାପା

କିଭ୍, ୧୧/୦୩ (ନି.ପ୍ର): ରୁଷର ଘନଘନ ହମଲାରେ ଘାଇଲା ହୋଇଥିବା ୟୁକ୍ରେନ ରାଷ୍ଟ୍ରପତି ଭୋଲଦିମିର ଜେଲେନସ୍କି ଏବେ ଇମୋସନାଲ କାର୍ଡ ଖେଳିଛନ୍ତି। ୟୁକ୍ରେନ ଯୁଦ୍ଧ ମଧ୍ୟରେ ମାରାତ୍ମକ କେମିକାଲ ଅସ୍ତ୍ର ବ୍ୟବହାର କରିବାକୁ ଚାହୁଁଥିବା ରୁଷ ଅଭିଯୋଗ କରିବା ପରେ ଜେଲେନସ୍କି ନିଜର ପ୍ରତିକ୍ରିୟା ରଖିଛନ୍ତି। ସେ ରୁଷର ସମସ୍ତ ଅଭିଯୋଗକୁ ଖଣ୍ଡନ କରିଛନ୍ତି। ସେ କହିଛନ୍ତି, "ୟୁକ୍ରେନ କୌଣସି ପ୍ରକାରର ବାୟୋ କେମିକାଲ ଅସ୍ତ୍ର ମୁତୟନ କରିନାହିଁ। ବ୍ୟାପକ ଧ୍ୱଂସଲୀଳା କରିବାର କୌଣସି ଅସ୍ତ୍ର କେବେ ହେଲେ ୟୁକ୍ରେନ ବ୍ୟବହାର କରିବ ନାହିଁ।" ଦେଶକୁ ସମ୍ବୋଧନ କରି ଜେଲେନସ୍କି କହିଛନ୍ତି, "ମୁଁ ଗୋଟିଏ ଦେଶ ଓ ଲୋକଙ୍କ ରାଷ୍ଟ୍ରପତି। ମୁଁ ଦୁଇ ଜଣ ପିଲାଙ୍କ ବାପା। ମୁଁ କେବେ ହେଲେ ଧ୍ୱଂସଲୀଳା କରିପାରିବି ନାହିଁ। ଆମ ମାଟିରେ ବ୍ୟାପକ କ୍ଷତି କରୁଥିବା କୌଣସି ଅସ୍ତ୍ର ମୁତୟନ କରାଯାଇନି। ପୂରା ବିଶ୍ୱ ଏକଥା ଭଲ ଭାବେ ଜାଣିଛି। ଯଦି ରୁଷ ଆମ ବିରୋଧରେ ସେଭଳି କୌଣସି ଅସ୍ତ୍ର ବ୍ୟବହାର କରିବ, ତା'ହେଲେ ଏହାର ପରିମାଣ ଅତ୍ୟନ୍ତ ଭୟଙ୍କର ହେବ। ଆମେ ସାଂଘାତିକ କଟକଣା ଲଗାଇ ଏହାର ଜବାବ ଦେବୁ।" ରୁଷର ନ୍ୟୁଜି ଏଜେନ୍ସି କହିଥିଲା ଯେ "ଚେର୍ଣ୍ଣୋବିଲ ପରମାଣୁ ଶକ୍ତି କେନ୍ଦ୍ରରେ ୟୁକ୍ରେନ କେମିକାଲ ଅସ୍ତ୍ରର ବିକଶିତ କରିଛି। ▶▶ପୃଷ୍ଠା ୭

## ବ୍ରିଟେନରେ ପୁଣି ବଢ଼ିଲା କରୋନା




ନୂଆଦିଲ୍ଲୀ, ୧୧/୦୩ : ଦେଶରେ କରୋନା ସଂକ୍ରମଣର ପ୍ରଭାବ ବେଶ କମ ଥିବା ବେଳେ ବ୍ରିଟେନର ସଂକ୍ରମଣ ଚିନ୍ତା ବଢାଇଛି । ବ୍ରିଟେନରେ ଗୋଟିଏ ସପ୍ତାହରେ ୩ ଲକ୍ଷ ୪୬ ହଜାର ନୂଆ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । କୋଭିଡ ଭାରିଆଣ୍ଟ ବିଏ-ଟୁ ପାଇଁ ଏହି ସଂକ୍ରମଣ ବଢୁଥିବା ବିଶେଷଜ୍ଞମାନେ କହିଛନ୍ତି । ତେବେ ବ୍ରିଟେନରେ ସଂକ୍ରମଣ ବଢୁଥିବା ବେଳେ ଭାରତ ଉପରେ ଏହାର କ'ଣ ପ୍ରଭାବ ରହିବ, ସେ ନେଇ ପ୍ରତିକ୍ରିୟା ରଖି ବରିଷ୍ଠ ଚିକିତ୍ସକ କହିଛନ୍ତି ଯେ, ଭାରତରେ ତୃତୀୟ ଲହର ବେଳେ ବିଏଟୁ ଭାରିଆଣ୍ଟର ପ୍ରଭାବ ରହିଥିଲା । ତେଣୁ ଅଧିକ ସଂକ୍ରମଣ ବଢ଼ିବାର ଆଶଙ୍କା ନାହିଁ । ଆମ ଦେଶରେ କରୋନା ପ୍ରଭାବ ଓ କୋଭିଡ ଆକ୍ରାନ୍ତଙ୍କ ସଂଖ୍ୟା ବହୁମାତ୍ରାରେ କମିଥିବା ବେଳେ ବିଦେଶରେ ପୁଣି ଆକ୍ରାନ୍ତଙ୍କ ସଂଖ୍ୟା ବଢ଼ିବାରେ ଲାଗିଲାଣି । ବ୍ରିଟେନରେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି । ବିଶେଷକରି ୫୫ ବର୍ଷରୁ ଅଧିକ ବର୍ଗର ଲୋକ ଆକ୍ରାନ୍ତ ହେଉଛନ୍ତି । ବ୍ରିଟେନରେ ଗୋଟିଏ ସପ୍ତାହରେ ମୋଟ୍ ୩ଲକ୍ଷ ୪୬ ହଜାର ନୂଆ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । ଗତ ସପ୍ତାହ ତୁଳନାରେ ଏହା ୪୬ ପ୍ରତିଶତ ଅଧିକ । କୋଭିଡ ଭାରିଆଣ୍ଟ ବିଏ-ଟୁ ପାଇଁ ଏହି ସଂକ୍ରମଣ ବଢୁଥିବା ଲଣ୍ଡନର ଇମ୍ପେରିଆଲ କଲେଜର ବିଶେଷଜ୍ଞମାନେ ▶▶ପୃଷ୍ଠା ୭

## ଶାସ୍ତ୍ରୀୟ ଓଡ଼ିଆ ଭାଷା ଦିବସ ପାଳିତ

ଭୁବନେଶ୍ୱର, ୧୧/୦୩ (ନି.ପ୍ର): ଉତ୍କଳ ସମ୍ମିଳନୀ କେନ୍ଦ୍ରୀୟ କାର୍ଯ୍ୟାଳୟରେ ଶାସ୍ତ୍ରୀୟ ଓଡ଼ିଆ ଭାଷା ଦିବସ ଉତ୍କଳ ସମ୍ମିଳନୀ ପକ୍ଷରୁ ପାଳିତ ହୋଇଯାଇଛି। ପ୍ରଥମେ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଫଟୋ ଚିତ୍ରରେ ପୁଷ୍ପମାଲ୍ୟ ପ୍ରଦାନ ପରେ ରାଜ୍ୟ ସଙ୍ଗୀତ ବନ୍ଦେ ଉତ୍କଳ ଜନନୀ ଗାନ କରାଯାଇ ବୈଠକ ଆରମ୍ଭ ହୋଇଥିଲା। ଏହି ବୈଠକରେ ସମ୍ମିଳନୀର ବରିଷ୍ଠ ଉପ-ସଭାପତି ବିଚିତ୍ରାନନ୍ଦ ସାହୁ ସଭାପତିତ୍ୱ କରିଥିବାବେଳେ ଓଡ଼ିଆ ଅଧ୍ୟୟନ ଓ ଗବେଷଣା ସଂସ୍ଥାର ସଦସ୍ୟ ସଚିବ ଡ. ସୁବ୍ରତ କୁମାର ପୃଷ୍ଟି ଅତିଥି ଭାବେ ଯୋଗଦେଇ ଓଡ଼ିଆ ଭାଷା ଶାସ୍ତ୍ରୀୟ ମାନ୍ୟତା ପାଇବାର ଇତିହାସ ଓ ଏହାର ଉପକାରିତା ଉପରେ ଆଲୋକପାତ କରିଥିଲେ। ବୈଠକରେ ଉତ୍କଳ ସମ୍ମିଳନୀ ମଂଚେଶ୍ୱର ଶିକ୍ଷାଂଚଳ ଶାଖା ସଭାପତି ଅଧିବକ୍ତା ଦିଲ୍ଲୀପ ଦାଶଶର୍ମା କହିଥିଲେ ଯେ, ଗତ ଆଠବର୍ଷ ତଳୁ ଓଡ଼ିଆ ଭାଷାକୁ ଶାସ୍ତ୍ରୀୟ ଭାଷା ଭାବେ ମାନ୍ୟତା ଦିଆ ଯାଇଥିଲେ ମଧ ଆଜିପର୍ଯ୍ୟନ୍ତ ସେଭଳି କିଛି ଉନ୍ନତି ହୋଇନାହିଁ। ଉତ୍କଳ ସମ୍ମିଳନୀର ଉପ-ସଭାପତି ବିଚିତ୍ର ବଡଜେନା ଓ ଡ. ସୁରେନ୍ଦ୍ର ମିଶ୍ର, ସାଧାରଣ ସମ୍ପାଦକ ଡ. ରବି ରଞ୍ଜନ ସାହୁ, ସମ୍ପାଦିକା ବାସନ୍ତୀ ତ୍ରିପାଠୀ, କୋଷାଧକ୍ଷା ବାସନ୍ତୀ ସିଂ, ଡ. ବିପିନି ବିହାରୀ ବାରିକ, ଡ. ରବି ନାରାୟଣ ବେହେରା, ଡ. ଜଗବନ୍ଧୁ ଷଡ଼ଙ୍ଗୀ, ମହେଶ୍ୱର ବିଶ୍ୱାଳ, ଅକ୍ଷୟ ଜେଠୀ, ରୁଷୀ ପଟ୍ଟନାୟକ, ଡ. ବିଜୟାନନ୍ଦ ମହାନ୍ତି ଓ ଅନ୍ନପୂର୍ଣ୍ଣା ଦାସ ଆଦି ଓଡ଼ିଆ ଭାଷାର ଉନ୍ନତି ପାଇଁ ଭିନ୍ନ ଭିନ୍ନ ପ୍ରସ୍ତାବମାନ ଦେଇଥିଲେ। ଶେଷରେ ଭୁବନେଶ୍ୱର ଶାଖା ସଭାପତି ବିଭୂତି ମିଶ୍ର ଧନ୍ୟବାଦ ପ୍ରଦାନ କରିଥିଲେ।

## ନକଲି ଡାକ୍ତର ରମେଶ ସ୍ୱାଇଁର ହେବ ଲାଏ ଡିଟେକ୍ସନ ଟେଷ୍ଟ

ଭୁବନେଶ୍ୱର, ୧୧/୦୩ (ନି.ପ୍ର): ରସିକିଆ ନକଲି ଡାକ୍ତର ରମେଶ ଚନ୍ଦ୍ର ସ୍ୱାଇଁଙ୍କର ଆଗାମୀ ବୁଧବାର ଦିନ ଲାଏ ଡିଟେକ୍ସନ ଟେଷ୍ଟ କରାଯିବ। ପଚରାଉଚରା ସମୟରେ ବାରମ୍ବାର ବିଭ୍ରାନ୍ତିକର ତଥ୍ୟ ଦେଉଥିବାରୁ ରମେଶ ଚନ୍ଦ୍ର ସ୍ୱାଇଁଙ୍କର ଲାଏ ଡିଟେକ୍ସନ ଟେଷ୍ଟ ଲାଗି ପୋଲିସ ପକ୍ଷରୁ ନ୍ୟାୟାଳୟରେ ଆବେଦନ କରାଯାଇଥିଲା। ଏଥିଲାଗି ନ୍ୟାୟାଳୟ ଅନୁମତି ଦେବା ପରେ ଆସନ୍ତା ବୁଧବାର ଲାଏ ଡିଟେକ୍ସନ କରାଯିବ ବୋଲି ଭୁବନେଶ୍ୱର ମହିଳା ଥାନା ପକ୍ଷରୁ ସୂଚନା ଦିଆଯାଇଛି। ସୂଚନାଯୋଗ୍ୟ, ନିଜକୁ ଜଣେ ଡାକ୍ତର ତଥା କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରାଳୟର ପ୍ରଶାସନିକ ଅଧିକାରୀ ବୋଲି ପରିଚୟ ଦେଇ କେନ୍ଦ୍ରାପଡ଼ା ଜିଲ୍ଲା ପାଟକୁରା ଅଂଚଳର ରମେଶ ଚନ୍ଦ୍ର ସ୍ୱାଇଁ ରାଜ୍ୟ ତଥା ରାଜ୍ୟ ବାହାରେ ୧୭ ଜଣରୁ ଉର୍ଦ୍ଧ୍ୱ ମହିଳାଙ୍କୁ ବିବାହ କରିଛି। ଏହି ଘଟଣାରେ କମିଶନରେଟ ପୁଲିସର ଏକ ସ୍ୱତନ୍ତ୍ର ଟିମ୍ ଅଧିକ ତଦନ୍ତ କରୁଛି।

## ୧୬ ତାରିଖରେ ଶପଥ ନେବେ ଭଗୱନ୍ତ ମାନ୍



ନୂଆଦିଲ୍ଲୀ, ୧୧/୦୩ : ପଞ୍ଜାବ ନିର୍ବାଚନରେ ଆମ୍ ଆଦମି ପାର୍ଟିର ବିପୁଳ ବିଜୟ ଦେଶର ଏକ ନୂଆ ରାଜନୈତିକ ସମୀକରଣର ସଙ୍କେତ ଦେଇଛି । ଏହି ଫଳାଫଳ ୨୦୨୪ ସାଧାରଣ ନିର୍ବାଚନ ପୂର୍ବରୁ ଆପ ଦଳ ପାଇଁ ବୁଷ୍ଟର ଡୋଜ୍ ହୋଇଛି । ଅନ୍ୟପଟେ ପଞ୍ଜାବ କଂଗ୍ରେସ ମୁଖ୍ୟ ଓ ନିଜେ ମୁଖ୍ୟମନ୍ତ୍ରୀ ହାରିଯିବା କଂଗ୍ରେସର ବିପର୍ଯ୍ୟୟକୁ ପଦାରେ ପକାଇଛି । ଏନେଇ ଆଜି ମୁହଁ ଖୋଲିଛନ୍ତି ଦୁଇ ନେତା । ଅରବିନ୍ଦ କେଜ୍ରିୱାଲ ଭଗୱନ୍ତ ମାନଙ୍କ ଉପରେ ଯେଉଁ ଭରସା କରିଥିଲେ, ତାହା ଶତ ପ୍ରତିଶତ ସଫଳ ହୋଇଛି । ଫଳାଫଳ ସ୍ପଷ୍ଟ ହୋଇଯିବା ପରେ ପରସ୍ପର ପରସ୍ପରକୁ ଅଭିନନ୍ଦନ ଜଣାଇ ଖୁସି ମନାଇଛନ୍ତି ଦୁଇ ନେତା । ୧୧୭ ଆସନ ବିଶିଷ୍ଟ ପଞ୍ଜାବ ବିଧାନସଭାରେ ଏକତରଫା ଭାବେ ୯୩ଟି ଆସନରେ ବିଜୟ ସହ ଐତିହାସିକ ସଫଳତା ହାସଲ କରିଛି ଆମ ଆଦମି ପାର୍ଟି । ଆପର ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ ମାନ୍ ନିକଟତମ ପ୍ରତିଦ୍ୱନ୍ଦିଙ୍କ ନିକଟରୁ ୫୮ ହଜାରରୁ ଅଧିକ ଭୋଟ ପାଇ ବିଜୟୀ ହୋଇଛନ୍ତି । ବିଜୟ ପରେ ଏବେ ଶପଥ ଗ୍ରହଣ ପାଇଁ ଆରମ୍ଭ ହୋଇଛି ପ୍ରସ୍ତୁତି । ସୂଚନା ଅନୁସାରେ ମାର୍ଚ୍ଚ ୧୬ରେ ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେବେ ମାନ । ଅନ୍ୟପଟେ ଦୁଇ ଦୁଇଟି ଆସନରୁ ପ୍ରତିଦ୍ୱନ୍ଦିତା କରିଥିଲେ ବି ହାରି ଯାଇଛନ୍ତି ପଞ୍ଜାବ ମୁଖ୍ୟମନ୍ତ୍ରୀ ଚରଣଜିତ୍ ସିଂ ଚନ୍ନି । ଆମ ଆଦମି ପାର୍ଟିର ପ୍ରାର୍ଥୀ ହୋଇଥିବା ଦୁଇ ସାଧାରଣ ନାଗରିକଙ୍କଠାରୁ ହାରି ଯାଇଛନ୍ତି ଚନ୍ନି । ▶▶ପୃଷ୍ଠା ୭

## ସେନା ହେଲିକପ୍ଟର ଦୁର୍ଘଟଣାଗ୍ରସ୍ତ



ଶ୍ରୀନଗର, ୧୧/୦୩ (ନି.ପ୍ର): ଦୁର୍ଘଟଣାଗ୍ରସ୍ତ ହେଲା ସେନା ହେଲିକପ୍ଟର। ଭାରତୀୟ ସେନାର ଚିତା ହେଲିକପ୍ଟର ଜମ୍ମୁ କଶ୍ମୀରର ଗୁରେଜ ସେକ୍ଟରର ତୁଲାଇଲ୍ ଅଞ୍ଚଳରେ କ୍ରାଶ୍ ହୋଇଛି। ସୂଚନା ମୁତାବକ, ଆଜି ମଧ୍ୟାହ୍ନରେ କଶ୍ମୀର ଘାଟିରେ ତୁଷାରପାତରେ ବେଳେ ଏହି ଦୁର୍ଘଟଣା ଘଟିଛି। ଫଳରେ ହେଲିକପ୍ଟରଟି ବରଫାବୃତ୍ତ ଅଞ୍ଚଳରେ ଖସିପଡିଛି। ତେବେ ପାଇଲଟ ଓ ସହ ପାଇଲଟ ସୁରକ୍ଷିତ ଥିବା କୁହାଯାଉଛି। ତେବେ ହେଲିକପ୍ଟର ଲ୍ୟାଣ୍ଡିଂ ବେଳେ ଦୁର୍ଘଟଣାଗ୍ରସ୍ତ ହୋଇଥିବା କୁହାଯାଉଛି। ହେଲିପ୍ୟାଡ୍ ଉପରେ ଲ୍ୟାଣ୍ଡିଂ ବେଳେ ହେଲିକପ୍ଟରଟି ନିୟନ୍ତ୍ରଣ ହରାଇ କ୍ରାସ୍ ହୋଇଛି। ସ୍ଥାନୀୟ ଲୋକଙ୍କ କହିବା ମୁତାବକ, ଦୁର୍ଘଟଣା ପୂର୍ବରୁ ସେମାନେ ପରାସୁଟ୍ ଦ୍ୱାରା ହେଲିକପ୍ଟର ଓହ୍ଲାଇ ପଡିଥିବା ସୂଚନା ମିଳିଛି। ତେବେ ଅଧିକାରୀକ ରୂପେ ଏନେଇ କୌଣସି ସ୍ପଷ୍ଟ ସୂଚନା ସାମ୍ନାକୁ ଆସିନାହିଁ। ସେପଟେ ଖବର ପାଇ ଦୁର୍ଘଟଣାସ୍ଥଳରେ ସର୍ଚ୍ଚ ଅପରେସନ୍ ଟିମ୍ ପହଞ୍ଚିଛି। ଗୁରେଜର ଏସଡିଏମ କହିଛନ୍ତି ଯେ ଦୁର୍ଘଟଣା ପରେ ବର୍ତ୍ତମାନ ସେହି ସେନା ହେଲିକପ୍ଟର ସହିତ କୌଣସି ସମ୍ପର୍କ ହୋଇପାରି ନାହିଁ।

## ବିରୋଧୀଙ୍କ ଉପରେ ମୋଦୀ ପକାଉଛନ୍ତି ମାନସିକ ଚାପ : ପ୍ରଶାନ୍ତ କିଶୋର



ନୂଆଦିଲ୍ଲୀ, ୧୧/୦୩ : ୪ ରାଜ୍ୟରେ ବିଜେପିର ଅପୂର୍ବ ସଫଳତା ପରେ ଦଳୀୟକର୍ମୀଙ୍କୁ ଉଦବୋଧନ ଦେଇ ୨୦୨୪ ସାଧାର ନିର୍ବାଚନ ପାଇଁ ବିଗୁଲ ଫୁଙ୍କିଛନ୍ତି ପ୍ରଧାନମନ୍ତ୍ରୀ ମୋଦି । ଉତରପ୍ରଦେଶ, ଉତରାଖଣ୍ଡ, ଗୋଆ, ମଣିପୁରରେ ବିଜେପିର ବିପୁଳ ବିଜୟ ପରେ ଦଳୀୟକର୍ମୀ ନେତା ଓ ସମର୍ଥକ ମଧ ବେଶ ଉତ୍ସାହିତ । ବିରୋଧୀଙ୍କ ।ତରେ ମାଳ ମାଳ ପ୍ରସଙ୍ଗ ଥିଲେ ମଧ ବାଜି ମାରିଛି ବିଜେପି । ସମ୍ବୋଧନ କରି ମୋଦି ୨୦୨୨ ଫଳାଫଳ ୨୦୨୪ ସାଧାରଣ ନିର୍ବାଚନର ସଂକେତ ବୋଲି ସେ କହିଛନ୍ତି । ଏପରି କହିବାର କାରଣ କହିବାକୁ ଯାଇ ୨୦୧୪ ୨୦୧୭, ୨୦୧୯ ଉତରପ୍ରଦେଶ ନିର୍ବାଚନ ଫଳାଫଳ କଥା ଦୋହରାଇ ▶▶ପୃଷ୍ଠା ୭

# ପଟେନଶ୍ୱରୀ ଚାଷୀ ସମବାୟ ସମିତିର ସାଧାରଣ ପରିଷଦ ବୈଠକ

ଜୟପୁର,୧୧/୦୩ (ନି.ପ୍ର): ଜୟପୁର ଋତୁରାଜ କଲ୍ୟାଣ ମଣ୍ଡପରେ ପଟେନଶ୍ୱରୀ ଚାଷୀ ସମବାୟ ସମିତିର ସାଧାରଣ ପରିଷଦ ବୈଠକ ଅନୁଷ୍ଠିତ ହୋଇଯାଇଛି । ଏସଏଆରସିଏସ ତଥା ସମିତିର ପ୍ରଶାସକ ପ୍ରମୋଦ କୁମାର ରାଉତଙ୍କ ଆହ୍ୱାନ କ୍ରମେ ଆୟୋଜିତ ଏହି ବୈଠକରେ ମୁଖ୍ୟ ଅତିଥି ଭାବେ ନାବାର୍ଡ ଡିଡିଏମ ଏମ ଏମ ବେହେରା ଯୋଗ ଦେଇ ଉପସ୍ଥିତ ଚାଷୀଙ୍କୁ କିଷାନ କ୍ରେଡିଟ କାର୍ଡ, ବଳରାମ ଯୋଜନା ସହ ବିଭିନ୍ନ କୃଷି ଯୋଜନା ଉପରେ ଆଲୋକପାତ କରିଥିଲେ । ଜିଲ୍ଲା କୃଷି ଅଧିକାରୀ ବିଜୟ କୁମାର ସୋରେନ ଉନ୍ନତ କୃଷି ପ୍ରଣାଳୀ ଉପରେ ଚାଷୀଙ୍କୁ ସଚେତନ କରିଥିବା ବେଳେ ରାଜ୍ୟ କୃଷି ଶିଳ୍ପ ନିଗମଲିର ଜିଲ୍ଲା ପରିଚାଳକ ଆଶିଷ କୁମାର ସିଂ ଯୋଗଦେଇ ରାଜ୍ୟ ସରକାରଙ୍କ କୃଷି ନୀତି ସହ କୃଷି ଯନ୍ତ୍ରାଂଶ ଉପରେ ମିଳୁଥିବା ରିହାତି ଉପରେ ବୁଝାଇଥିଲେ । ବୈଠକରେ ହର୍ଷ ଟ୍ରଷ୍ଟ ପକ୍ଷରୁ ପ୍ରବୀଣ କୁମାର ତ୍ରିପାଠୀ ଯୋଗଦେଇ କରୋନା ଯୋଗୁଁ ଦୁଇ ବର୍ଷ ପରେ ଏହି ବୈଠକ ହୋଇଥିଲେ ବି ୪୦୦ରୁ ଅଧିକ ଚାଷୀ ଯୋଗ ଦେଇଥିବାରୁ ସମସ୍ତଙ୍କୁ କୃତଜ୍ଞତା ଜ୍ଞାପନ କରିଥିଲେ । ସମିତିର ସିଇଓ ଚନ୍ଦ୍ର ଶେଖର ତ୍ରିପାଠୀଙ୍କ ସହ ବୈଠକରେ ଇଫକୋ ଉପ କ୍ଷେତ୍ର ପ୍ରବନ୍ଧକ ସୁବାସ ଚନ୍ଦ୍ର ଜେନା, କ୍ଷେତ୍ର ଅଧିକାରୀ ବିଶ୍ୱ ରଂଜନ ଜୟ ସିଂ, ଆଇପିଏଲ ପକ୍ଷରୁ କ୍ଷେତ୍ର ଅଧିକାରୀ ଚିରଂଜିବି ନାୟକ ପ୍ରମୁଖ ଯୋଗ ଦେଇ ଉନ୍ନତ ଚାଷ ଉପରେ ଚାଷୀଙ୍କୁ ବୁଝାଇଥିଲେ । ବୈଠକରେ ଚାଷୀଙ୍କୁ କିଭଳି ସୁବିଧାରେ ଋଣ ମିଳିବ, ସାରର ସୁଷମ ବଂଟନ ଏବଂ ସେମାନଙ୍କ ଉତ୍ପାଦିତ ସାମଗ୍ରୀର ଉଚିତ ମୂଲ୍ୟ ପ୍ରାପ୍ତି ଉପରେ ବୈଠକରେ ଗୁରୁତ୍ୱ ଦିଆଯାଇଥିଲା ।

# ଅଂଶୁଘାତ ମୁକାବିଲା ପାଇଁ ପ୍ରସ୍ତୁତି ବୈଠକ

କେନ୍ଦ୍ରାପଡ଼ା,୧୧/୦୩ (ନି.ପ୍ର): ଆଗାମୀ ଗ୍ରୀଷ୍ମଋତୁରେ ଅଂଶୁଘାତର ମୁକାବିଲକା ପାଇଁ ଜିଲ୍ଲା ସ୍ତରୀୟ ବୈଠକ ଅତିରିକ୍ତ ଜିଲ୍ଲାପାଳ ପିତାମ୍ବର ସାମଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାରେ ଅଂଶୁଘାତ ଜନିତ ମୃତ୍ୟୁ ସଂଖ୍ୟାକୁ ଶୂନ୍ୟ ସ୍ତରରେ ରଖିବା ପାଇଁ ଲକ୍ଷ୍ୟଧାର୍ଯ୍ୟ କରାଯାଇଛି । ଏଥିପ୍ରତି ସତର୍କତା ଓ ପ୍ରତିକାର ସଂପର୍କରେ ଜନତାଙ୍କୁ ସଚେତନ କରିବା ଉପରେ ଗୁରୁତ୍ୱାରୋପ କରାଯାଇଛି । ଅଙ୍ଗନୱାଡି କେନ୍ଦ୍ର ଓ ସ୍କୁଲ ମାନଙ୍କରେ ଓଆରଏସ ପ୍ୟାକେଟ ମହଜୁତ ରଖିବା ଦିଗରେ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦିଆଯାଅଇଛି । ପାଇପ ଯୋଗେ ପାନୀୟ ଜଳ ଯୋଗାଣ ଓ ନଳକୂପ ଗୁଡିକୁ ସଚଳ ଅବସ୍ଥାରେ ରଖିବା ଓ ଜଳକ୍ଳିଷ୍ଟ ଅଂଚଳକୁ ଟ୍ୟାଙ୍କର ଯୋଗେ ପାନୀୟ ଜଳ ଯୋଗାଇବା ପାଇଁ ଗ୍ରାମୀଣ ପାନୀୟ ଜଳ ବିଭାଗକୁ ନିର୍ଦ୍ଦେଶ ଦିଆଯାଇଛି । ଦିନ ୧୦ଟାରୁ ଅପରାହ୍ନ ୩ଟା ପର୍ଯ୍ୟନ୍ତ ଅଂଶୁଘାତର ଆଶଙ୍କା ଥିବାରୁ ଶ୍ରମିକ ମାନଙ୍କୁ କାମରେ ନ ଲଗାଇବା ଓ ଛାୟା ବ୍ୟବସ୍ଥା କରିବା ପାଇଁ ଜିଲ୍ଲା ଶ୍ରମ ଅଧିକାରୀ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରିବାକୁ ନିର୍ଦ୍ଦେଶ ଦିଆଯାଇଛି । ଜନ ଗହଳିପୂର୍ଣ୍ଣ ସ୍ଥାନ, ହାଟ, ବଜାର ଓ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ମାନଙ୍କରେ ପୌରସଂସ୍ଥା ଓ ବ୍ଲକ ପ୍ରଶାସନ ପକ୍ଷରୁ ଜଳଛତ୍ର ବ୍ୟବସ୍ଥା କରିବା ଓ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ, ପ୍ରାଥମିକ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ରେ ଅଂଶୁଘାତ ଚିକିତ୍ସା ପାଇଁ ସ୍ୱତନ୍ତ୍ର କୋଠରୀ, ଶଯ୍ୟା, ଡାକ୍ତର, ନର୍ସ, ନିରବଚ୍ଛିନ୍ନ ବିଦ୍ୟୁତ ବ୍ୟବସ୍ଥା, ଓଆରଏସ ପ୍ୟାକେଟ ଓ ୨୪ ଘଣ୍ଟିଆ ନିୟନ୍ତ୍ରଣ କକ୍ଷ ଖୋଲିବା ସହ ବୁଲା ପଶୁ ପକ୍ଷୀ ମାନଙ୍କ ପାଇଁ ଜଳ ବ୍ୟବସ୍ଥା କରିବା କୁ ଅତିରିକ୍ତ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି । ଏହି ବୈଠକରେ ଡିଏଫଓ ଯଜ୍ଞଦତ ପତି, ଅତିରିକ୍ତ ଜିଲ୍ଲାପାଳ ଦୁର୍ଗା ପ୍ରସାଦ ମହାରଣା, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଇନ୍ଦ୍ରମଣି ବେହେରା, ଉପ ଜିଲ୍ଲାପାଳ ନିରଞ୍ଜନ ବେହେରା, ସିଡିଏମ ଡାକ୍ତର ଅନିତା ପଟ୍ଟନାୟକ, ତହସିଲଦାର ହେମଲତା ବାହାଲିଆଙ୍କ ସମେତ ବହୁ ଅଧିକାରୀ ଉପସ୍ଥିତ ଥିଲେ ।

# ଜିଲ୍ଲା କଳାକାର ସଂଘ ପକ୍ଷରୁ ନୂତନ ସଂସ୍କୃତି ଅଧିକାରୀଙ୍କୁ ସ୍ୱାଗତ

କନ୍ଧମାଳ,୧୧/୦୩ (ନି.ପ୍ର): କନ୍ଧମାଳ ଜିଲ୍ଲା ସଂସ୍କୃତି ଅଧିକାରୀ ଭାବରେ ଯୋଗଦେଇଛନ୍ତି ଅକ୍ଷୟ କୁମାର ସେଠୀ । ସେ ଆଗରୁ ବ୍ରହ୍ମପୁର ରେ ଜିଲ୍ଲା ସଂସ୍କୃତି ଅଧିକାରୀ ଭାବରେ ଦାୟିତ୍ୱରେ ଥିଲେ । ତେବେ କନ୍ଧମାଳ ଜିଲ୍ଲା ସଂସ୍କୃତି ଅଧିକାରୀ ଟଙ୍କଧର ଭୋଇ ଙ୍କ ବଦଳି ପରେ ଏହି ପଦବୀ ଦିର୍ଘ ଦୁଇବର୍ଷ ପର୍ଯ୍ୟନ୍ତ ଖାଲିପଡିଥିବା ବେଳେ ଜିଲ୍ଲା ଟୁରିଷ୍ଟ ଅଧିକାରୀ ଅଞ୍ଜନ ବାରିକ ଦାୟିତ୍ୱରେ ଥିଲେ । କିଛିଦିନ ଦାୟିତ୍ୱରେ ରହିଲା ପରେ ଅଞ୍ଜନ ବାରିକଙ୍କ ମଧ୍ୟ ବଦଳି ହୋଇଥିଲା । ତେବେ ଦିର୍ଘ ଦୁଇବର୍ଷ ପରେ ଜଣେ ନୂତନ ସଂସ୍କୃତି ଅଧିକାରୀ ଯୋଗଦେବାରୁ ଜିଲ୍ଲାର କଳାକାର ମାନଙ୍କ ମଧ୍ୟରେ ଉତ୍ସାହ ଦେଇଦେଇଛି । ତେବେ ଅକ୍ଷୟ କୁମାର ସେଠୀ ସଂସ୍କୃତି ଅଧିକାରୀ ଭାବରେ ଯୋଗଦେବା ପରେ ଜିଲ୍ଲା କଳା ସଂସ୍କୃତି ସଂଘ ତରଫରୁ ନୂତନ ସଂସ୍କୃତି ଅଧିକାରୀଙ୍କୁ ସ୍ୱାଗତ କରାଯାଇଛି । ଜିଲ୍ଲା କଳାକାର ସଙ୍ଘର ଉପ-ସଭାପତି ଅକ୍ଷୟ କୁମାର କର୍ଣ୍ଣଙ୍କ ନେତୃତ୍ୱରେ ସଂଘ ନୂତନ ସଂସ୍କୃତି ଅଧିକାରୀଙ୍କୁ ସ୍ୱାଗତ କରିଥିବାବେଳେ କାର୍ଯ୍ୟକ୍ରମରେ ସଂଘର ଜିଲ୍ଲା ସଂଯୋଜକ ସନ୍ତୋଷ କୁମାର ପାତ୍ରଙ୍କ ସମେତ ଫୁଲବାଣୀ ବ୍ଲକ ଉପସଭାପତି ରମେଶ ଚନ୍ଦ୍ର ସାହୁ , ତ୍ରିନାଥ ପଣ୍ଡା, ପ୍ରମୋଦ ଦଣ୍ଡସେନା, ରବିନ୍ଦ୍ର ପ୍ରଧାନ, ଗୋଲକ ମଲ୍ଲିକ, ସୁକାନ୍ତ ନାଏକ, ସରୋଜ କୁମାର ସାହୁ, ଭାଗିରଥି ସାହୁ, ସାରଥି ପ୍ରଧାନ, ଅଚ୍ୟୁତ ବେହେରାଙ୍କ ସହ ଜିଲ୍ଲାର ସମସ୍ତ ୧୨ଟି ବ୍ଲକର ଉପସଭାପତି ଓ ଜିଲ୍ଲାର ଅନେକ କଳାକାର ଉପସ୍ଥିତ ଥିଲେ । ଅନ୍ୟପଟେ ଜିଲ୍ଲାରେ ନୂତନ ଭାବରେ ଯୋଗଦେଲା ପରେ ଜିଲ୍ଲାର କଳାକାରମାନଙ୍କ ବିଭିନ୍ନ ସମସ୍ୟାର ସମାଧାନ ପାଇଁ ଚେଷ୍ଟା ଜାରି ରହିବ ବୋଲି ବିଜ ବକ୍ତବ୍ୟରେ କହିଛନ୍ତି ଜିଲ୍ଲା ସଂସ୍କୃତି ଅଧିକାରୀ ।

# ବିଜୁ ପଟ୍ଟନାୟକ ଡିଗ୍ରୀ ଓ +୨ ମହାବିଦ୍ୟାଳୟ ଅଧକ୍ଷଙ୍କ ଦୁର୍ନୀତିର ପର୍ଦ୍ଦାଫାସ

ମାଲକାନଗିରି,୧୧/୦୩ (ନି.ପ୍ର): ମାଲକାନଗିରି ଜିଲ୍ଲା ଖଇରପୁଟ ବ୍ଲକ ଜିଲ୍ଲାର ପ୍ରବେଶପଥରେ ଥିବା ଗୋବିନ୍ଦପାଲ୍ଲିର ବିଜୁ ପଟ୍ଟନାୟକ କଲେଜରେ ବର୍ଷ ବର୍ଷ ଧରି ଚାଲିଥିବା ଆର୍ଥିକ ଅନିୟମିତତା ଓ ଦୁର୍ନୀତି ବାବଦରେ ଗନ୍ଧମାର୍ଦ୍ଦନ ଟ୍ରଷ୍ଟ ର ସାଧାରଣ ସମ୍ପାଦକ ଓ ସେଇ କଲେଜର ଅଧାପକ ମାନଙ୍କ ପକ୍ଷରୁ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ ହୋଇଥିଲା । ଏ ବାବଦରେ ତଦନ୍ତ ପାଇଁ ଜିଲ୍ଲାପାଳଙ୍କ ନିର୍ଦ୍ଦେଶ ରେ ଜିଲ୍ଲା ଟ୍ରେଜେରି ଅଫିସର ଜଗଦିଶ ଶା ଙ୍କ ନେତୃତ୍ୱରେ ଏକ ତଦନ୍ତକାରୀ ଟିମ ଗଠନ କରାଯାଇ ଗତ କିଛି ମାସ ହେବ ତଦନ୍ତ କରି ଏଇ ସପ୍ତାହରେ ଉପଜିଲ୍ଲାପାଳ ତଥା କଲେଜ ପ୍ରଶାସନିକ ସମିତିର ସଭାପତି ଙ୍କୁ ତାଙ୍କ ରିପୋର୍ଟ ପ୍ରଦାନ କରିଛନ୍ତି । ଟ୍ରେଜେରି ଅଫିସରଙ୍କ କହିବା ଅନୁସାରେ ଦୀର୍ଘ ବର୍ଷରେ +୨ ଓ ଡିଗ୍ରୀ ଉଭୟ କଲେଜର ଅଧକ୍ଷ ମାନେ ଲକ୍ଷ ଲକ୍ଷ ଟଙ୍କା ହଡପ କରିଥିବାର ପ୍ରମାଣ ମିଳିଛି । ତେବେ ଆଗରୁ ବି +୨ ଅଧକ୍ଷ ସୁଜିତ ବୋଷ ଅନ୍ୟ ଅଭିଯୋଗ ସମୟରେ କଲେଜର ରେକର୍ଡ ପତ୍ର ଲୁଚେଇ ଫେରାର ହେବା ପରେ ୱ୍ରେଣ୍ଟ ହୋଇଥିଲା । ତେବେ ଆଇନର ଗଳାବାଟରେ ଖସି ପୁଣି ନିଜେ ଅଧକ୍ଷ ପଦ ମାଡି ବସିଥିଲେ । ସୁଜିତ ବୋଷ ଦୁର୍ନୀତି ଅଭିଯୋଗ ରେ ତିନି ବର୍ଷ ଧରି ନିଲମ୍ବିତ ବି ଥିଲେ । ସେହିପରି ଡିଗ୍ରୀ କଲେଜର ଅଧକ୍ଷ ନବୀନ କୁମାର ନାୟକ ଲକ୍ଷ ଲକ୍ଷ ଟଙ୍କା ଆଦିବାସୀ ପିଲାଙ୍କ ଠାରୁ ବିନା ରସିଦରେ ପ୍ରାକ୍ଟିକାଲ ଫି , ଶିକ୍ଷା ପ୍ରମାଣପତ୍ର ପାଇଁ ଟଙ୍କା ଆଦାୟ କରି ଆସୁଥିଲେ ଓ ବିଭିନ୍ନ ସମୟରେ ଆସୁଥିବା ସରକାରୀ ଅନୁଦାନ ଟଙ୍କା ହଡପ କରିଥିବାର ପ୍ରମାଣ ବି ମିଳିଛି । ସେହିପରି କଲେଜ ପରିଚାଳନା ସମିତିର ସଭାପତି ତଥା ଉପଜିଲ୍ଲାପାଳ ଙ୍କ ବିନା ଅନୁମୋଦନରେ କଲେଜ ପରିଚାଳନା ସମିତି ର ଟଙ୍କା ବାରମ୍ବାର ବ୍ୟାଙ୍କରୁ ଉଠେଇ ଖର୍ଚ୍ଚ କରିଥିବା ନିରପେକ୍ଷ ତଦନ୍ତରେ ପ୍ରମାଣ ମିଳିଛି ବୋଲି ଜିଲ୍ଲା ଟ୍ରେଜେରି ଅଫିସର ଜଗଦିଶ ଶା କହିଛନ୍ତି । ତେବେ ଏ ସଙ୍କ୍ରାନ୍ତରେ କଲେଜ ପରିଚାଳନା ସମିତିର ସଭାପତି ତଥା ଉପଜିଲ୍ଲାପାଳ ଏ ବାବଦରେ ନିର୍ବାଚନ ଯୋଗୁଁ ବ୍ୟସ୍ତ ଥିବାରୁ ତୁରନ୍ତ ପଦକ୍ଷେପ ନେଇ ପାରି ନାହାନ୍ତି ଓ ଠିକ ସମୟରେ ତଦନ୍ତ ରିପୋର୍ଟ କୁ ଆଧାର କରି ଉଚିତ ପଦକ୍ଷେପ ନିଆଯିବ ବୋଲି କହିଛନ୍ତି । ତେବେ ଆଦିବାସୀ ଅଧୁଷିତ ଅଞ୍ଚଳରେ ଆଦିବାସୀ ପିଲାଙ୍କଠୁ ଲକ୍ଷ ଲକ୍ଷ ଟଙ୍କା ସରକାରଙ୍କ ନାକ ତଳୁ ହଡପ କରୁଥିବା ଅଧକ୍ଷ ମାନଙ୍କର ସୁରକ୍ଷା ପଛରେ କିଏ ଅଛି ତାହା ଦେଖିବା କଥା । ୫ ଟି ରେ ଅଭିଯୋଗ ପରେ ଯଦି ଏଭଳି ଦୁର୍ନୀତି ଖୋର ଅଧକ୍ଷ ଙ୍କ ଉପରେ କୌଣସି କଡା ପଦକ୍ଷେପ ନିଆ ନଯାଏ ତେବେ ଶହ ଶହ ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ନିର୍ଭର କରୁଥିବା ଏ ଅନୁଷ୍ଠାନ ଓ ଉପଜିଲ୍ଲାପାଳଙ୍କ ଉପରୁ ଜନତାଙ୍କ ବିଶ୍ୱାସ ଉଠିଯିବ । ତେବେ ଉପଜିଲ୍ଲାପାଳଙ୍କ ଆଗାମୀ ପଦକ୍ଷେପ ଉପରେ ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ନିର୍ଭର କରେ ଓ ସେ କଣ ନେଉଛନ୍ତି ପଦକ୍ଷେପ ଦେଖିବାକୁ ରହିଲା ।

# ବିଜେଡି ନଗରପାଳ ପ୍ରାର୍ଥୀ ଶୁଭେନ୍ଦୁଙ୍କ ଦୋକାନ ବଜାର ଓ ଘରକୁ ଘର ବୁଲି ପ୍ରଚାର

ଭୁବନ,୧୧/୦୩ (ନି.ପ୍ର): ପୌର ନିର୍ବାଚନ ଯେତିକି ପାଖେଇ ଆସୁଛି, ଧିରେ ଧିରେ ନିର୍ବାଚନ ଉତ୍ସୁତା ବୃଦ୍ଧି ପାଇବାରେ ଲାଗିଛି । ଗତକାଲି ପୂର୍ବାହ୍ନରେ ସ୍ଥାନୀୟ ବିଧାୟକ ତଥା ରାଜ୍ୟ ଖଣି ଇସ୍ପାତ ଓ ପୂର୍ତ୍ତମନ୍ତ୍ରୀ ପ୍ରଫୁଲ୍ଲ କୁମାର ମଲ୍ଲିକ ଭୁବନ ଏନଏସିର ଯୁବ ନଗରପାଳ ପ୍ରାର୍ଥୀଙ୍କ ପାଇଁ ୧ ନମ୍ବର ୱାର୍ଡରେ ଘରକୁ ଘର ବୁଲି ପ୍ରଚାର କରିବା ସହ କାଉନସିଲର ପ୍ରାର୍ଥୀ ଗିରିଧାରୀ ସାହୁ ଓ ନଗରପାଳ ପ୍ରାର୍ଥୀ ଶୁଭେନ୍ଦୁ ସାହୁଙ୍କୁ ଆଶୀର୍ବାଦ କରିବାକୁ ନିବେଦନ କରିଥିବାବେଳେ ଗତକାଲି ସଂଧ୍ୟାରେ ଶୁଭେନ୍ଦୁ ତାଙ୍କ ସାଙ୍ଗସାଥୀ ଓ ସମର୍ଥକଙ୍କୁ ନେଇ କାଳିବଜାରର ପ୍ରତ୍ୟେକ ଦୋକାନ ବୁଲି ପୁସିଙ୍ଗକାର୍ଡ଼ ଦେଇ ଭୋଟ ଭିକ୍ଷାକରିଥିଲେ । ବିଜେଡିର ୩ ନମ୍ବର ୱାର୍ଡ ପ୍ରାର୍ଥୀନୀ ମାନିନୀ ସାହୁଙ୍କୁ ଜିତାଇବା ସକାଶେ ନଗରପାଳ ପ୍ରାର୍ଥୀ ଶୁଭେନ୍ଦୁ ସାହୁ ଆଜି ପୂର୍ବାହ୍ନରେ ୩ ନମ୍ବର ୱାର୍ଡ ଓ ବନ୍ଧାଳ ମୌଜାରେ ଘରକୁ ଘର ବୁଲି ଲୋକଙ୍କୁ ଭେଟିବା ସହ ଆଶୀର୍ବାଦ ଭିକ୍ଷା କରିଥିଲେ । ଶୁଭେନ୍ଦୁଙ୍କ ନିଆରା ପ୍ରଚାର ଭୋଟରଙ୍କୁ ଆକୃଷ୍ଟ କରୁଛି ଓ ଜନସମର୍ଥନ ବୃଦ୍ଧି ପାଇବାରେ ଲାଗିଛି ।

# ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ବିଶ୍ୱ ଗ୍ଳୁକୋମା ସପ୍ତାହ ପାଳନ

କେନ୍ଦ୍ରାପଡ଼ା,୧୧/୦୩ (ନି.ପ୍ର): କେନ୍ଦ୍ରାପଡା ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ବିଶ୍ୱ ଗ୍ଲୁକୋମା ସପ୍ତାହ ପାଳନ କରାଯାଇଛି । ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡାକ୍ତର ଅନିତା ପଟ୍ଟନାୟକଙ୍କ ଅଧକ୍ଷତାରେ ଚଳିତ ମାସ ୬ ତାରିଖରୁ ୧୨ ତାରିଖ ପର୍ଯ୍ୟନ୍ତ ଗ୍ଲୁକୋମା ଚକ୍ଷୁ ରୋଗର ସଚେତନତା ଓ ଚିକିତ୍ସା ସମ୍ବନ୍ଧୀୟ ଜିଲ୍ଲାର ୯ଟି ବ୍ଲକ ସ୍ତରୀୟ ଚିକିତ୍ସକ ଓ ପୋଗ୍ରାମ ମ୍ୟାନେଜର ମାନଙ୍କ କର୍ମଶାଳା ଆୟୋଜନ କରାଯାଇ ଥିଲା । ସାଧାରଣତଃ ୪୦ ବର୍ଷ ପରେ ଏହି ରୋଗ ଚକ୍ଷୁରେ ହେବା ସହ ଦୃଷ୍ଟିଶକ୍ତି କମି କମି ଯାଇଥାଏ । ପ୍ରାରମ୍ଭିକ ଅବସ୍ଥାରେ ଏହାର ଲକ୍ଷ୍ୟଣ ଜଣାପଡିବା ପରେ ତୁରନ୍ତ ଚିକିତ୍ସା କରାଇବା ଉପରେ ସମସ୍ତ ବ୍ଲକ ସ୍ତରୀୟ ଡାକ୍ତର ମାନଙ୍କୁ ପରାମର୍ଶ ଦିଆଯାଇଛି । ଏହାର ସଠିକ୍ ଚିକିତ୍ସା ପ୍ରାରମ୍ଭିକ ଅବସ୍ଥାରେ କରାଇ ନେବା ଉପରେ ଗୁରୁତ୍ୱ ଦିଆଯାଇ ଥିଲା । କାର୍ଯ୍ୟକ୍ରମରେ ଡାକ୍ତର ସଚିଦାନନ୍ଦ ମିଶ୍ର, ଡାକ୍ତର ମିର୍ଜା ବାବର ବେଗଙ୍କ ସମେତ ସମସ୍ତ ଡାକ୍ତର ଓ ପୋଗ୍ରାମ ମ୍ୟାନଜେର କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ ।

# ଶ୍ରୀଶ୍ରୀ ବଳଦେବଜୀଉ ମନ୍ଦିର ପ୍ରତିଷ୍ଠା ଉତ୍ସବ

ଧର୍ମଶାଳା,୧୧/୦୩ (ନି.ପ୍ର): ଆଧ୍ୟାତ୍ମିକ ଚେତନାକୁ ସୁସ୍ୱାଗତ ଜଣାଇ ଓ ମଠ ମନ୍ଦିରର କର୍ତ୍ତବ୍ୟ ନିଷ୍ଠାକୁ ଉଦଯିବିତ କରିବା ଉଦ୍ଦେଶ୍ୟରେ ମଠ ମନ୍ଦିର ଗଢିଉଠୁଛି । ଏହି ଅବସରରେ ଯାଜପୁର ଜିଲା ଧର୍ମଶାଳା ବ୍ଲକ ଦେଓଦା ପଂଚାୟତସ୍ଥ ଦେଓଦାଠାରେ ବଳଦେବଜୀଉଙ୍କ ଭବ୍ୟ ମନ୍ଦିର ଓ ଶ୍ରୀ ବିଗ୍ରହ ପ୍ରତିଷ୍ଠା ଉତ୍ସବ ଆଧ୍ୟାତ୍ମିକ ଓ ଧର୍ମୀୟ ପରିବେଶ ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି । ତିନି ଦିନ ଧରି ଚାଲିଥିବା ଏହି କାର୍ଯ୍ୟକ୍ରମରେ ପ୍ରଥମ ବିଦସରେ ଅଙ୍କୁରାରୋପଣ ଓ କଳସାଧିବାସ ଅନୁଷ୍ଠିତ ହୋଇଥିଲା । ୨ୟ ଦିବସରେ ସୂର୍ଯ୍ୟପୂଜା ଗୋ ପୂଜା ସହ ଶ୍ରୀ ଜୀଉଙ୍କ ସ୍ନାନ ଓ ଶୟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଶେଷ ଦିବସରେ ପ୍ରାଣ ପ୍ରତିଷ୍ଠା,ମନ୍ଦିର ପ୍ରତିଷ୍ଠା ଓ ନଗର ପରିକ୍ରମା କରାଯାଇଥିଲା । ଅପରାହ୍ନରେ ଭନ୍ଦିର ଭିତରକୁ ଶ୍ରୀ ଜୀଉ ପ୍ରବେଶ କରିଥିଲେ । ଶହଶହ ସଂଖ୍ୟାରେ ଶ୍ରଦ୍ଧାଳୁମାନେ ଶ୍ରୀ ଜୀଉଙ୍କ ଦର୍ଶନ କରିଥିଲେ । ସନ୍ଧ୍ୟାରେ ପୂର୍ଣ୍ଣାହୂତି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଭକ୍ତମାନେ ଯୋଗ ଦେଇ ଯଜ୍ଞକୁଣ୍ଡରେ ପୂର୍ଣ୍ଣାହୂତି ଦେଇଥିଲେ । ଗାଁ ଦାଣ୍ଡ ଘଂଟ ଘଂଟା,ହରିବୋଲ ହୁଳହୁଳିରେ ଗାଁ ଦାଣ୍ଡ ପ୍ରକମ୍ପିତ ହୋଇଥିଲା । ପ୍ରବଚକ ନାଉଗାଁସ୍ଥିତ ବାବା ସତ୍ୟାନନ୍ଦ ଦାସଜୀ ମହାରାଜ,ଗୋଠଦା ମଠ ବାବା ଚିନ୍ତାମଣି ପର୍ବତ ଜୀ ମହାରାଜ ଓ ପୁରୀ ଶ୍ରୀମନ୍ଦିରର ବଡପଣ୍ଡା ଯୋଗ ଦେଇ ପ୍ରବଚନ ଦେଇଥିଲେ । ପଣ୍ଡିତ ବିଜୟ କରଙ୍କ ପ୍ରତ୍ୟକ୍ଷ ତତ୍ୱାବଧାନରେ ବହୁ ପଣ୍ଡିତ ଯୋଗ ଦେଇ ଯଜ୍ଞକର୍ମରେ ସହଯୋଗ କରିଥିଲେ । ପ୍ରତ୍ୟେହ ସନ୍ଧ୍ୟାରେ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା । କାର୍ଯ୍ୟକ୍ରମ ସଫଳ ହୋଇଥିବାରୁ ଆୟୋଜକ କୃଷ୍ଣ ବାବା ଓ ମନ୍ଦିର ପରିଚାଳନା କମିଟି ଓ ଗ୍ରାମବାସୀ ସହଯୋଗ କରିବା ସହ ଭକ୍ତମାନଙ୍କୁ ଆଶିଷ କାମନା କରିଛନ୍ତି ।

# କେନ୍ଦୁଝର ହିମା ହସପିଟାଲରେ ପ୍ରସୂତି ମୃତ୍ୟୁ ଘଟଣାକୁ ନେଇ ତଦନ୍ତ ନିର୍ଦ୍ଦେଶ

କେନ୍ଦୁଝର ,୧୧/୦୩ (ନି.ପ୍ର): କେନ୍ଦୁଝର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ସମ୍ମୁଖରେ ଜନୈକ ସରକରୀ ଡାକ୍ତରଙ୍କ ଦ୍ୱାରା ପ୍ରତିଷ୍ଠିତ ହିମା ହସପିଟାଲରେ ଜଣେ ପ୍ରସୂତି ଙ୍କ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟଣାରେ ସିଡିଏମଓ ଡାକ୍ତର ସୁଜାତାରାଣୀ ମିଶ୍ର ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି । ମୃତା ମହିଳାଙ୍କ ଭାଇ ଚିନ୍ମୟ ରାଉତ ଙ୍କ ଅଭିଯୋଗ କ୍ରମେ ଏହି ତଦନ୍ତ ଆଦେଶ କରାଯିବା ସହ ସ୍ତ୍ରୀ ଓ ପ୍ରସୂତି ବିଭାଗର ଡାକ୍ତର, ନର୍ସ ତଥା ଅନ୍ୟ କର୍ମଚାରୀଙ୍କୁ ଉପସ୍ଥିତ ରହିବାକୁ ନିର୍ଦ୍ଦେଶ ଦିଆଯାଇଛି । ସିଡିଏମଓଙ୍କ ଚିଠି ସଂଖ୍ୟା ୬୬୦/୦୮/୦୩/୨୦୨୨ ଏହି ତଦନ୍ତ ଆଦେଶ ହୋଇଛି । ଏବଂ ୩ ଦିନ ମଧ୍ୟରେ ରିପୋର୍ଟ ଦେବାକୁ ସିଡିଏମଓ ନିର୍ଦ୍ଦେଶ ରହିଛି । ଏଡିପିଏଚ୍‌ଓ (ଭିବିଡି) ଡଃ ଦେବେନ ଦାସ ଏବଂ ଏଡିଏମଓ ଡଃ ଜିସି ରାଉତଙ୍କୁ ଏହାର ତଦନ୍ତ ଭାର ଦିଆଯାଇଛି । ଅଭିଯୋଗ ଅନୁଯାୟୀ ପୀଡିତା ଅନୁପମା ଙ୍କୁ ପ୍ରସବ ବେଦନା ହେବା ପରେ ଜିଲା ମୁଖ୍ୟ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା । ତେବେ ୬ ତାରିଖ ରାତିରେ ପ୍ରସୂତି ଅନୁପମା ରାଉତ ଙ୍କୁ ଅର୍ଦ୍ଧ ରାତ୍ରରେ ନର୍ସିଂ ହୋମର ମାଲିକାଣୀ ଡାକ୍ତରଙ୍କ ପ୍ରରୋଚନାରେ ହେମା ନର୍ସିଂହୋମ କୁ ଚିକିତ୍ସା ପାଇଁ ଅଣାଯାଇଥିଲା । ସେଠାରେ ରାତିରେ ଅପରେସନ କରାଯାଇଥିଲେ ମଧ୍ୟ ହଠାତ ୭ ତାରିଖ ଦିନ ପୀଡିତାଙ୍କ ଅବସ୍ଥା ଗୁରୁତର ହେବା ଦର୍ଶାଯାଇ ହେମା ହସପିଟାଲ ପକ୍ଷରୁ ୧୦୮ ଆମ୍ବୁଲାନଓ ଡକାଯାଇ କଟକ ସ୍ଥାନାନ୍ତରଣ କରାଯାଇଥିଲା । କିନ୍ତୁ ତାଙ୍କର ବାଟରେ ମୃତ୍ୟୁ ହେବା ଯୋଗୁଁ ବାଟରୁ ଫେରାଇ ଆଣାଯାଇଥିବା କୁହାଯାଇଥିବା ବେଳେ ତାଙ୍କର ଅପୋରେସନ ସମୟରେ ମୃତ୍ୟୁ ହୋଇଥିବା ଅଭିଯୋଗ ହୋଇଥିଲା । । ଏହାକୁ ନେଇ ମୃତକ ଙ୍କ ପରିବାର ପକ୍ଷରୁ ପ୍ରତିବାଦ କରାଯିବା ସହ ଏହାକୁ ଚିକିତ୍ସା ଅବହେଳା ଅଭିଯୋଗ ଆଣାଯାଇ ମୃତ ଦେହ ନର୍ସିଂ ହୋମ ସମ୍ମୁଖରେ ରଖି ପ୍ରତିବାଦ କରାଯାଇଥିଲା । ଏବଂ ଏ କ ଘରୋଇ ନର୍ସିଂ ହୋମ ଦ୍ୱାରା ସରକାରୀ ଆମ୍ବୁଲାନ୍ସକୁ ମନଇଚ୍ଛା ବ୍ୟବହାର ଉପରେ ଅନେକ ମଧ୍ୟ ପ୍ରଶ୍ନ ଉଠାଇଛନ୍ତି । ଏହାକୁ ନେଇ ବିବାଦ ସୃଷ୍ଟି ହେବା ପରେ ନର୍ସିଂହୋମ ପକ୍ଷରୁ ପୀଡିତା ପରିବାରକୁ ଆର୍ଥିକ ସହାୟତା ଦିଆଯାଇ ବିବାଦକୁ ସମାଧାନ କରିଥିଲେ ଏବଂ ମୃତଦେହ ନେଇ ପରିବାର ଲୋକ ଶବ ବ୍ୟବଚ୍ଛେଦ କରିବାକୁ ରାଜି ହୋଇଥିଲେ । କିନ୍ତୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରୁ ପ୍ରସୂତି ମହିଳାଙ୍କୁ କିପରି ନର୍ସିଂ ହୋମ କୁ ନିଆଗଲା ଏବଂ ପରେ ଗୁରୁତର ଅବସ୍ଥାରେ ପ୍ରାଇଭେଟ ମେଡିକାଲରୁ ୧୦୮ ଆମ୍ବୁଲାନ୍ସ କିପରି ରୋଗୀ ସେବା ପାଇଁ ବ୍ୟବହାର ହେଲା ତାହା ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ନେବାକୁ ଦାବୀ ହୋଇଥିଲା ।

# ସଙ୍କଟ ମୋଚନ ମହାରାଜଙ୍କ ଜନ୍ମୋତ୍ସବ ଯଜ୍ଞ ଉଦ୍‌ଯାପିତ

କୋରେଇ,୧୧/୦୩ (ନି.ପ୍ର): ପଥରପଦା ପଂଚାୟତ ଅନ୍ତର୍ଗତ ଓଚିନ୍ଦା ଗିରିସାହିରେ ସଙ୍କଟ ମୋଚନ ମହାରାଜଙ୍କ ଜନ୍ମୋତ୍ସବ ଉଦ୍‌ଯାପିତ ହୋଇଛି । ୩ଦିନ ବ୍ୟାପି ଅନୁଷ୍ଠିତ ଯଜ୍ଞର ପୂର୍ଣ୍ଣାହୂତି ହୋଇଛି । ଶହ ଶହ ସଂଖ୍ୟାରେ ଭକ୍ତମାନେ ପୂର୍ଣ୍ଣତୋୟା ବୈତରଣୀ ନଦୀରୁ କଳସ ବୁଡାଇ ଶୋଭାଯାତ୍ରାରେ ଆସି ସଙ୍କଟ ମୋଚନଙ୍କ ପାଖରେ ପହଂଚିବା ଗୀତା ଯଜ୍ଞ ଆରମ୍ଭ ହୋଇଥିଲା । ଯଜ୍ଞର ପୂର୍ଣ୍ଣାହୂତି ପର୍ଯ୍ୟନ୍ତ ଭକ୍ତ ଦର୍ଶକ ମାନେ ପହଂଚି ବିଭୂକୃପା ଲାଭ କରିଥିଲେ । ପଣ୍ଡିତ ପରମାନନ୍ଦ ସତପଥି, ରଘୁନାଥ ପାଢୀ, ରବିନାରାୟଣ ପଣ୍ଡା, ମଧୁସୂଦନ ପାଢୀ ପ୍ରମୁଖ ଯଜ୍ଞରେ ପୂଜକ ଭାବେ ଯୋଗଦାନ କରିଥିବା ବେଳେ କର୍ତ୍ତା ଭାବେ ଦେବଦତ ସେନାପତି, ଗୌରାଙ୍ଗ ସାହୁ ରଂଜନ ଗିରି ପ୍ରମୁଖ ସସ୍ତ୍ରୀକ ଉପବେଶନ କରିଥିଲେ । କାର୍ଯ୍ୟକ୍ରମରେ ନାମ ଯଜ୍ଞ ସହ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ । ବିଶେଷ ଆକର୍ଷଣ ମୀନା ବଜାରରେ ପିଲାମାନେ ବୁଲୁଥିଲେ । ଏହି କାର୍ଯ୍ୟକ୍ରମକୁ କୈଳାସ ସେନାପତି, ପ୍ରକାଶ ସାହୁ, ମାୟାଧର ସାହୁ, କୃପାସିନ୍ଧୁ ସେନାପତି, ଲକ୍ଷ୍ମୀଧର ଗିରି, ରମେଶ ସାହୁ, ରାହାସ ସାହୁ, ନିରଂଜନ ପଣ୍ଡା, ସଂଜୟ ସେନାପତି, ରାଜୁ ବିଶ୍ୱାଳ, ଚିନ୍ତାମଣି ଗିରି, ଅର୍ଜ୍ଜୁନ ଗିରି, ନାରାୟଣ ଗିରି, ଧନେଶ୍ୱର ସାହୁ, ବ୍ରଜ କିଶୋର ପୁରୀ, ପରମାନନ୍ଦ ସାହୁ, ବାସୁଦେବ ମହାରଣା, ସଦାନନ୍ଦ ସାହୁ, ସମୀର ସାହୁ, ହରେକୃଷ୍ଣ ଶିଅଳ, ପ୍ରକାଶ ଶିଅଳ, ପ୍ରତାପ ପରିଡା, ମାନଗୋବିନ୍ଦ ପରିଡା, ବିଶ୍ୱନାଥ ମାଝୀ, ଅଶୋକ ମାଝୀ, ପ୍ରମୋଦ ପହୀ, ନାରାୟଣ ମାଝୀ, ଗେଡୁଆ ମାଝୀ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ । ଗ୍ରାମବାସୀଙ୍କ ପାଇଁ ସମୂହ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଥିବା ବେଳେ ଆବାଳ ବୃଦ୍ଧ ବନିତା ଏହି କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରିଥିଲେ ।

# ରାଜଧାନୀରେ ଆଉ ୮ ପଜିଟିଭ୍

ଭୁବନେଶ୍ୱର, ୧୧/୦୩ (ନି.ପ୍ର): ଭୁବନେଶ୍ୱରରେ ଶୁକ୍ରବାର ଦିନ ଆଉ ୮ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି । ସେମାନେ ସମସ୍ତେ ସ୍ଥାନୀୟ ସଂକ୍ରମିତ ବୋଲି ବିଏମସି ପକ୍ଷରୁ ଟୁଇଟ୍ କରି ସୂଚନା ଦିଆଯାଇଛି । ସେହିପରି ଗତ ୨୪ ଘଂଟାରେ ଆଉ ୧୧ ଜଣ ଆକ୍ରାନ୍ତ ସୁସ୍ଥ ହୋଇଛି । ଗତକାଲି ୧୨ ଜଣ ଆକ୍ରାନ୍ତ ଚିହ୍ନଟ ହୋଇଥିଲେ । ଏଥିସହ ଭୁବନେଶ୍ୱରରେ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୧୫୬୩୯୩ ରେ ପହଂଚିଥିବା ବେଳେ ୧୫୪୯୦୩ ଜଣ ସୁସ୍ଥ ହୋଇଛନ୍ତି । ଅପରପକ୍ଷରେ ୧୧୯୧ ଆକ୍ରାନ୍ତ ମୃତ୍ୟୁବରଣ କରିଛନ୍ତି ।

# ପରିସ୍ରାଗାର ଅଛି ହେଲେ କାର୍ଯ୍ୟକ୍ଷମ ବିହୀନ: ୧୧୨ ବର୍ଷର ସହର ଫୁଲବାଣୀ

କନ୍ଧମାଳ,୧୧/୦୩ (ନି.ପ୍ର): ଶୁଣିଲେ ଟିକେ ଅଡୁଆ ଲାଗିବ । ହେଲେ କଥାଟି ସତ । କନ୍ଧମାଳ ଜିଲାର ସଦର ମହକୁମା ଏମଧ୍ୟରେ ୧୧୨ ବର୍ଷରେ ପହଂଚିଲାଣି । ବିଜ୍ଞାପିତ ଅଞ୍ଚଳରୁ ପୌର ପରିଷଦ୨୦୦୮ ରୁ ହେଲାଣି ଏମଧ୍ୟରେ୨ ଜଣ ଅଧକ୍ଷ ଜଣେ ଦକ୍ଷ ପ୍ରଶାସକ ଦାୟିତ୍ୱ ନେଲେଣି । ସୌନ୍ଦର୍ଯ୍ୟ କରଣ ନାମରେ ବାଉଁଶ ବତା ବାଡେଇ କୋଟିଏ ଟଙ୍କା ଯାଇଥିବା ବେଳେ ପ୍ରାଚୀର ନିର୍ମାଣ ,ଚିତ୍ର କରି ବିପୁଳ ଅର୍ଥ ବ୍ୟୟ କରାଯାଉଛି । ହେଲେ ଜଣେ ବାହାର ଆଗନ୍ତୁକ କିମ୍ବା ସ୍ଥାନୀୟ ବ୍ୟବସାୟୀ ବିଶେଷ ଭାବେ ରୋଗୀ ଓ ମହିଳା ମାନଙ୍କ ପାଇଁ ଦୀର୍ଘ ୪ କି.ମି ମୁଖ୍ୟ ରାସ୍ତାରେ ପରିସ୍ରାଗାରଟିଏ ନାହିଁ । ୭ବର୍ଷ ତଳେ କିଛି ସର୍ବସାଧାରଣ ଶୌଚାଳୟ ଓ ପରିସ୍ରାଗାର ପ୍ରବଳ ପିସି କାର ବାର ମଧ୍ୟରେ ହୋଇଥିଲା । ହେଲେ ମୂଳରୁ ବିଭାଗୀୟ ଉଦାସିନତା ରକ୍ଷଣା ବେକ୍ଷଣ ଅଭାବ ଯୋଗୁଁ କ୍ରମଶଃ ତାହା ପରିତ୍ୟକ୍ତ ସ୍ଥାନରେ ପରିଣତ ହୋଇଛି । ଏହା ବୋଧେ ପୌର ପରିଷଦ ଓ ଜିଲା ପ୍ରଶାସନ ସମ୍ପୂର୍ଣ୍ଣ ଭୁଲିଯାଇଛନ୍ତି । ଏଭଳିକି ୧ କି.ମି ବଜାର ମଧ୍ୟରେ ପରିସ୍ରାଗାରଟିଏ ନଥିବାରୁ ବ୍ୟବସାୟୀ ଓ ସାଧାରଣ ଜନତା ମାଦିକୁନ୍ଦା ଛକ ନୂଆ ସାହି ସାମ୍ନା, ଦଂଡପାଣି ସାହୁ ମିଲ୍ ରାସ୍ତା, ପିଅନପଡା ରସ୍ତା, ଜେଲ୍ ପଛପଟ,ବ୍ରାହ୍ମଣସାହି ରାସ୍ତା, ଜିଲାପାଳଙ୍କ ପ୍ରାଚୀର କଡ, ସଭାଗୃହ ସମ୍ନା ସ୍ଥାନ, ଡିପିଇପି ଅଫିସ ପାର୍ଶ୍ୱ ଓ ମେଡିକାଲ ପାର୍ଶ୍ୱ ବିଇଓ ଅଫିସ ରାସ୍ତା ସମେତ ଚ୍ୟାନା ମାର୍କେଟ ପୂର୍ତ୍ତ ବିଭାଗ କାନ୍ଥ ଓ ନାଳକୁ ସୁଲଭ ପରିଶ୍ରାଗାର ଭାବେ ବ୍ୟବହାର କରନ୍ତି । ପୁରୁଷ ମାନେ ସିନା କାମ ଚଳାଇ ଦିଅନ୍ତି ହେଲେ ମହିଳାମାନଙ୍କ ଅବସ୍ଥା ଭାରି ଶୋଚନୀୟ । ବିଶେଷ କରି ସହର ବାହାରୁ ଆସୁଥିବ ବସ୍ ଯାତ୍ରୀ ଅଟୋ ଯାତ୍ରୀ ତଥା ମହିଳାମାନଙ୍କ ଅବସ୍ଥା ବହୁ କଷ୍ଟକର ହୋଇପଡ଼େ । ପୌର ନିର୍ବାଚନ ଆସିଲେ ବହୁ ଜନପ୍ରତିନିଧି ବାହାସ୍ଫୋଟ ମାରି ମିଡିଆ ସମ୍ମୁଖରେ ବହୁ କଥା କହନ୍ତି ହେଲେ ପଦବୀ ପାଇ ଆସନକୁ ଯିବା ପରେ ସବୁ ଫୁସ୍ । ଫୁଲବାଣୀ ପୌର ପରିଷଦକୁ ଗତ ୩ ଟି ନିର୍ବାଚନରେ ଶାସକ ବିଜେଡି ଦଳ ନିଜ କବ୍‌ଜାରେ ରଖିଛି । ପୁଣି ଚଳିତ ନିର୍ବାଚନକୁ ହାତେଇବା ପାଇଁ ଚେଷ୍ଟା ଜାରିରଖିଛି । ସବୁ ଦଳର ପ୍ରାର୍ଥୀ ନାମାଙ୍କନ ପତ୍ର ଦାଖଲ କରି ସାରିଛନ୍ତି । ଫୁଲବାଣୀ ସହରରେ ଥିବା ଅନନେକ ସମସ୍ୟା ମଧ୍ୟରେ ଏକ ପ୍ରମୁଖ ସମସ୍ୟା ହେଉଛି ପରିସ୍ରାଗାର ସମସ୍ୟା ସରକାରୀ କଲେଜ ଠାରୁ ଜଗନ୍ନାଥ ମନ୍ଦିର ପର୍ଯ୍ୟନ୍ତ ମଝିରେ କେବଳ ବଜାରରେ ଗୋଟିଏ ମାତ୍ର ଶୌଚାଳୟ ରହିଛି ତାହା ପୁଣି ପରିସ୍ରା କରିବାକୁ ହେଲେ ୨ ଟଙ୍କା ଦେବାକୁ ପଡେ । ଯାହାକୁ ଅତି ଜୋର୍ ଲାଗୁଥିବ ସେ ଶୌଚଳୟରେ ପଇସା ଦଉ ଦଉ ଯାହା ଅବସ୍ଥା ହେବ ତାହା ଅନୁଭବି ହିଁ କହି ପାରିବ । ମୁଖ୍ୟ ବଜାରରେ ଏକ ପରିସ୍ରାଗାର ନିର୍ମାଣ ହୋଇଛି କିନ୍ତୁ ତାହା ବ୍ୟବହାର ଉପେଯାଗି ନୁହେଁ । ବର୍ତ୍ତମାନ ସହରର ଜନସଂଖ୍ୟା ଅଧାଲକ୍ଷରୁ ଅଧିକ ଭୋଟର ୨୫ହଜାର ୫୨୦ । ପ୍ରତି ବୁଧବାର ହାଟ ଓ ଦୈନିକ ହାଟରୁ ପୌର ପରିଷଦ ଟିକସ ଆଦାୟରେ କେବେ ହେଳା କରେନାହିଁ ହେଲେ ହାଟପଦା ପରିସରରେ ମଧ୍ୟ ପରିସ୍ରାଗାରଟିଏ ନାହିଁ । ଏ ସମ୍ପର୍କରେ ସହରର ବହୁ ବୁଦ୍ଧିଜୀବୀ ଓ ସଚେତନ ନାଗରିକ ବାରମ୍ବାର ଅଭିଯୋଗ କରିଆସୁଛନ୍ତି ।

# ଅଧାପିକାଙ୍କୁ ଅଶାଳୀନ ବ୍ୟବହାରକୁ ନେଇ ଅଧକ୍ଷଙ୍କ ବିରୋଧରେ ଅଭିଯୋଗ

କେନ୍ଦ୍ରାପଡ଼ା,୧୧/୦୩(ନି.ପ୍ର): କେନ୍ଦ୍ରାପଡା ଜିଲ୍ଲା କରିଲୋପାଟଣା କଲେଜର ଜନୈକା ଅଧାପିକାଙ୍କୁ ଉଦ୍ଦେଶ୍ୟ ମୂଳକ ଭାବେ ଆର୍ଥିକ କ୍ଷତି ପହଁଚାଇବା ଓ ଅଶାଳୀନ ତଥା ସମ୍ମାନହାନୀ ମୂଳକ ବ୍ୟବହାର ଦେଖାଇବା କାରଣରୁ ସଂପୃକ୍ତ କଲେଜ ଅଧକ୍ଷଙ୍କ ବିରୋଧରେ ଥାନାରେ ଏତଲା ହେବା ସହ ଉପ ଜିଲ୍ଲାପାଳଙ୍କୁ ଅଭିଯୋଗ କରାଯାଇଛି । ଅଭିଯୋଗ ମୁତାବକ ୨୦୧୩ ମସିହାରୁ କରିଲୋପାଟଣା କଲେଜରେ ଇତିହାସ ଅଧାପିକା ଭାବେ ଶିଖା ସାହୁ ମ୍ୟାନେଜମେଣ୍ଟ ସିଷ୍ଟମରେ ନିଯୁକ୍ତି ପାଇ ୨୦୧୮ ଡିସେମ୍ବର ରୁ ୨୦୧୯ ସେପ୍ଟେମ୍ବର ପର୍ଯ୍ୟନ୍ତ ପ୍ରସବ କାଳୀନ ଛୁଟିରେ ରହିଥିଲେ । ତତ୍‌କାଳୀନ ଅଧକ୍ଷ ଏହି ଛୁଟି ମଞ୍ଜୁର କରିନଥିବା ବେଳେ ଅନ୍ୟ ଏକ ଦୁର୍ଘଟଣାର ସମ୍ମୁଖୀନ ହୋଇ ଅଧାପିକା ସାହୁ ୨୦୨୧ ସେପ୍ଟେମ୍ବର ୨୦୨୨ ଫେବୃଆରୀ ପର୍ଯ୍ୟନ୍ତ ଚିକିତ୍ସାଧୀନ ଥିଲେ । ଏହାକୁ ମଧ୍ୟ ଅଧକ୍ଷ ଏହି ଛୁଟି ମଞ୍ଜୁର ନକରି ଅଧାପିକାଙ୍କୁ ମାନସିକ ଯନ୍ତ୍ରଣା ଓ ଆର୍ଥିକ କ୍ଷତି ପହଁଚାଉଥିବା ବେଳେ ସଂପୃକ୍ତ ଅଧାପିକା ବାରମ୍ବାର ଛୁଟି ମଞ୍ଜୁର କରି ବକେୟା ପ୍ରାପ୍ୟ ଦେବାପାଇଁ କଲେଜର ଅଧକ୍ଷଙ୍କୁ ନିବେଦନ କରି ଆସୁଥିଲେ । ମାତ୍ର ଅଧକ୍ଷ ଓ କଲେଜର କିରାଣୀ ତାଙ୍କ ଛୁଟିକୁ ମଞ୍ଜିର ନକରି କଟୁ ଭାଷା ପ୍ରୟୋଗ କରିବା ଓ ସମ୍ମାନହାନୀ ହେଲାଭଳି ବ୍ୟବହାର ଦେଖାଇବାକୁ ନେଇ ଅଧାପିକା ଜଣକ ପାଟକୁରା ଥାନାରେ ଅଭିଯୋଗ କରିଛନ୍ତି । ଏହା ସହ ପରିଚାଳନା କମିଟିର ସଭାପତି ଓ ଉପ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରିଛନ୍ତି ।

# ସୁପରଫୁଡ-୧






୧୯୯୦ ଦଶକ ଆରମ୍ଭରେ ସୁପରଫୁଡସ ନାମରେ ଗୋଟିଏ ରୋଷେଇ ବହି ବଜାରକୁ ଆସିଥିଲା । ଏହାର ସହ ଲେଖକ ମାଇକେଲ ବାନ ଷ୍ଟ୍ରେଟେନ ଥିଲେ- ବୈକଳ୍ପିକ ଚିକିତ୍ସା ବ୍ୟବସାୟୀ । ସୁପରଫୁଡ୍ ଶବ୍ଦ ଗଠନ କରିଥିବା ମୁଷ୍ଟିମେୟ ବ୍ୟକ୍ତିଙ୍କ ମଧ୍ୟରେ ସେ ଅନ୍ୟତମ । ଶବ୍ଦଟି ଗତ ୩୦ ବର୍ଷ ଭିତରେ ଏକ ପରିଚିତ ମାର୍କେଟିଂ ଟର୍ମ ହୋଇଛି । ଏବେ ମଧ୍ୟ ତଥାକଥିତ ସୁପରଫୁଡର ଗୁଣ ନେଇ ବିତର୍କ ଚାଲିଛି, ବାରମ୍ବାର ସର୍ଭେ କରାଯାଉଛି । ବିଶେଷଜ୍ଞମାନେ କହୁଛନ୍ତି ଖାଦ୍ୟର ପୋଷାକତତ୍ତ୍ୱ ପ୍ରସଙ୍ଗଟି ଅତି ଜଟିଳ ତାହାପୁଣି ବ୍ୟକ୍ତି ଭେଦରେ ଭିନ୍ନଭିନ୍ନ ଓ ରହସ୍ୟମୟ । ତେବେ ସମସ୍ତଙ୍କୁ ଜଣା ଅଛି ସୁଷମ ଖାଦ୍ୟ ଏବଂ ପ୍ରଚୁର ଫଳ ଓ ପନିପରିବା ଖାଇବା ସହିତ ନିୟମିତ ବ୍ୟାୟାମ କଲେ ସୁପରଫୁଡ୍ ଖୋଜିବା ଆବଶ୍ୟକ ହେବ ନାହିଁ । ଯଦି ଏପରି କରା ନଯାଏ କୌଣସି ସୁପରଫୁଡ୍ ଆମକୁ ରୋଗ ଆକ୍ରମଣରୁ ରକ୍ଷା କରିପାରିବ ନାହିଁ।

ଶରୀରର ଉପଯୁକ୍ତ ପୁଷ୍ଟିସାଧନ, କ୍ଷୟ ପୂରଣ ଓ କାର୍ଯ୍ୟଶକ୍ତି ଉତ୍ପାଦନ ପାଇଁ ଯେଉଁ ଖାଦ୍ୟରେ ସମସ୍ତ ଖାଦ୍ୟ ଉପାଦାନ ଆବଶ୍ୟକ ପରିମାଣରେ ଥାଏ, ତାକୁ କହନ୍ତି ସୁଷମ ଖାଦ୍ୟ । ଆମର ଦୈନିକ ଖାଦ୍ୟ ମଧ୍ୟରେ ଚାଉଳ, ଅଟା, ଚିନି/ ଗୁଡ଼, ତେଲ/ ଘିଅ, ମାଛ, ମାଂସ, ଅଣ୍ଡା, କ୍ଷୀର, ଡାଲି, ଶାଗ, ପନିପରିବା, ପାଚିଲାଫଳ, ପାଣି, ଲୁଣ ଓ ମସଲା ଉପଯୁକ୍ତ ପରିମାଣରେ ଥିବା ଦରକାର । କାରଣ ଏସବୁ ଏକ ସୁସ୍ଥ ଜୀବନର ମୂଳ ଭିତ୍ତି । ତେବେ ସୁପରଫୁଡ୍ ସେହିସବୁ ଖାଦ୍ୟପଦାର୍ଥକୁ କୁହାଯାଉଛି ଯେଉଁଥିରୁ ପୋଷକ ତତ୍ତ୍ୱ ପ୍ରଚୁର ମାତ୍ରାରେ ମିଳୁଛି । ସୁପରଫୁଡ୍ ଶତ ପ୍ରତିଶତ ପ୍ରାକୃତିକ ଖାଦ୍ୟଦ୍ରବ୍ୟ ହୋଇଥିବାରୁ ଏହା ସ୍ୱାସ୍ଥ୍ୟ ପ୍ରତି କୌଣସିମତେ କ୍ଷତିକାରକ ହୋଇ ନପାରେ ବୋଲି କୁହାଯାଉଛି । ଯୁଗ ବଦଳିବା ସହିତ ଲୋକଙ୍କ ଖାଦ୍ୟ ଆଦତ ବଦଳୁଛି । ସ୍ୱାସ୍ଥ୍ୟ ପ୍ରତି ଲୋକମାନେ ଅଧିକ ସଚେତନ ହେବା ଫଳରେ ସୁପରଫୁଡର ଚାହିଦା ବଢ଼ିବାରେ ଲାଗିଛି । ବିଶେଷ କରି ସହରାଞ୍ଚଳବାସୀ ଗୁଣବତ୍ତା ଆଧାରରେ ସୁପରଫୁଡ୍ ପ୍ରତି ଆଗ୍ରହୀ ହେଉଛନ୍ତି । କାରଣ ସୁପରଫୁଡରୁ ମିଳୁଛି ଅଧିକ ଭିଟାମିନ, ମିନେରାଲ ଆଦି ପୋଷକତତ୍ତ୍ୱ । ତା ସହିତ ଆଣ୍ଟିଅକ୍ସିଡାଣ୍ଟ ଏଥିରେ ଉପଲବ୍ଧ । ସୁପରଫୁଡ୍ ମସ୍ତିଷ୍କର ଶକ୍ତି ବଢ଼ାଇବା ସହ ବିଭିନ୍ନ ସ୍ୱାସ୍ଥ୍ୟ ସମସ୍ୟାରୁ ବର୍ତ୍ତିବାରେ ସହାୟକ ହେଉଛି । ଯେଉଁ ଖାଦ୍ୟ ଖାଇଲେ ପର୍ଯ୍ୟାପ୍ତ ପୋଷାକତତ୍ତ୍ୱ ମିଳିବା ସହିତ ଓଜନ ବଢ଼େ ନାହିଁ ତାହା ନିଶ୍ଚିତରୂପେ ସୁପରଫୁଡ୍ ପଦବାଚ୍ୟ । ସୁପରଫୁଡର ତାଲିକା ବେଶ ଦୀର୍ଘ । ପ୍ରତ୍ୟେକ ବ୍ୟକ୍ତି ପ୍ରତି ୬ମାସରେ ବଡ଼ି କମ୍ପୋଜିସନ ଟେଷ୍ଟ କରାଇ ଶରୀରରେ କେଉଁ ପୋଷକତତ୍ତ୍ୱର ଅଭାବ ଅଛି ଜାଣିବା ପରେ ସେହି ଅନୁସାରେ ସୁପରଫୁଡ୍ ଖାଇବା ଉଚିତ । ସୁପର ଫୁଡର ଫାଇଦା ମିଳିବ ଯଦି ଆମେ ଏସବୁକୁ ସନ୍ତୁଳିତ ଡାଏଟ୍ ସହିତ ଗ୍ରହଣ କରିବା । ପ୍ରତିଦିନ ଏକା ପ୍ରକାର ସୁପରଫୁଡ୍ ଖାଇବା ଅନୁଚିତ ।

ପାଳଙ୍ଗ ଶାଗ :- ପାଳଙ୍ଗ ଏକ ସୁପର ଫୁଡ୍ ଯେଉଁଥିରେ ନିୟାସିନ, ଜିଙ୍କ ଓ ଫାଇବର ପ୍ରଚୁର ମାତ୍ରାରେ ଉପଲବ୍ଧ । ପାଳଙ୍ଗରେ କ୍ୟାଲୋରି ଖୁବ କମ । ତେବେ ଏହାର ପୋଷକତତ୍ତ୍ୱ ଅଧିକ । ବୟସ୍କମାନେ ନିୟମିତ ପାଳଙ୍ଗ ଖାଇଲେ ମୋତିଆବିନ୍ଦୁ, କ୍ୟାନ୍ସର, ହୃଦରୋଗ, ଅସ୍ଥି ଦୁର୍ବଳତା ଆଦିରୁ ତ୍ରାହି ପାଇବେ । ପ୍ରତିଦିନ ଗୋଟିଏ ଗିନା ପାଳଙ୍ଗ ଶାଗ ଖିଆଯାଇ ପାରେ ।

ମହୁ :- ଖାଣ୍ଟି ମହୁରେ ଥିବା ନିୟାସିନ, ଆମିନୋ ଏସିଡ୍, ଥାୟମିନ ଓ ଭିଟାମିନ ଡି-୬ ଜୀବକୋଷଗୁଡ଼ିକୁ ସୁରକ୍ଷିତ ରଖେ । ମହୁରେ ଏକ ବିଶେଷ ପ୍ରକାର କାର୍ବୋହାଇଡ୍ରେଟ ଅଛି ଯାହା ପାକସ୍ଥଳି ଭିତରେ ଉପକାରୀ ବ୍ୟକ୍ଟେରିଆ ସଂଖ୍ୟା ବୃଦ୍ଧି କରାଏ । ପ୍ରତିଦିନ ଅଧାରୁ ଏକ ଚାମଚ ମହୁ ଖାଇବା ଉଚିତ ।

କମଳା :- ଗୋଟିଏ କମଳାରୁ ସାରା ଦିନ ପାଇଁ ଆବଶ୍ୟକ ଭିଟାମିନ-ସି ମିଳିଥାଏ । ଏହାଛଡ଼ା କ୍ୟାଲସିୟମ ଓ ଫାଇବରରେ ଭରପୂର କମଳା ରୋଗ ପ୍ରତିରୋଧକ ଶକ୍ତିକୁ ଦୃଢ଼ କରିଥାଏ ।

ବାଦାମ :- ଡାଇଟିସିୟନଙ୍କ ମତରେ ପେସ୍ତା, ଆଲମଣ୍ଡ, ୱାଲନଟ୍, କାଜୁ, ଚିନାବାଦାମ ଆଦିରେ ମାଗ୍ନେସିୟମ, କ୍ୟାଲସିୟମ, ଫାଇବର, ପ୍ଲାଣ୍ଟ ପ୍ରୋଟିନ, ଆଇରନ, ଜିଙ୍କ, ପଟାସିୟମ ଓ ଭିଟାମିନ ସି' ଭରପୁର ମାତ୍ରାରେ ରହିଛି । କ୍ୟାଲୋରି କମ ଥିବା ଯୋଗୁ କଲେଷ୍ଟ୍ରାଲ ମାତ୍ରା ହ୍ରାସ କରି ବାଦାମ ହୃତପିଣ୍ଡକୁ ସୁସ୍ଥ ରଖିବାରେ ସହାୟକ ହୋଇଥାଏ । ଏହାଛଡ଼ା ବାଦାମରେ ଥିବା ମାଗ୍ନେସିୟମ ଶରୀରର ସୁଗାର ଲେଭଲକୁ ସନ୍ତୁଳିତ ରଖେ । ଏଥିରେ ଥିବା ଜିଙ୍କ ମସ୍ତିଷ୍କକୁ ଶକ୍ତି ଯୋଗାଏ ଓ ବାର୍ଦ୍ଧକ୍ୟଜନିତ ପାର୍କିନସନ୍ସ ଭଳି ରୋଗକୁ ରୋକିଥାଏ । ବାଦାମର ମାଇକ୍ରୋ ନ୍ୟୁଟ୍ରିଏଣ୍ଟ କୋଷକୁ ସୁସ୍ଥ ରଖେ । ତେବେ ଅଧିକ ମାତ୍ରାରେ ବାଦାମ ଖାଇଲେ ଓଜନ ବଢ଼ିଯାଏ । ପ୍ରତିଦିନ ୧୧-୧୨ଟି ବାଦାମ ମଞ୍ଜି ଚୋବାଇ ଖାଇଲେ ବହୁ ଉପକାର ମିଳେ । ବାଦାମ ମଞ୍ଜିକୁ ଗୁଣ୍ଡକରି ଗୋଟିଏ ଗ୍ଲାସ କ୍ଷୀରରେ ଗୋଳି ପିଇବା ପାଇଁ ଡାଇଟିସିୟନମାନେ ପରାମର୍ଶ ଦେଉଛନ୍ତି ।

କଦଳୀ ପାଚିଲା କଦଳୀ ଏକ ସୁପରଫୁଡ୍ ଯେଉଁଥିରେ ପ୍ରଚୁର ମାତ୍ରାରେ ପଟାସିୟମ, ଫାଇବର, ମାଗ୍ନେସିୟମ, ଭିଟାମିନ ବି-୬ ଓ ଭିଟାମିନ -ସି ପ୍ରଚୁର ମାତ୍ରାରେ ଥାଏ । ପଟାସିୟମ ଥିବାରୁ କଦଳୀ ରକ୍ତଚାପକୁ ସ୍ୱାଭାବିକ ରଖିବାରେ ସହାୟକ ହୁଏ । ସେହିପରି କଦଳୀରେ ଥିବା ମ୍ୟାଗ୍ନେସିୟମ କୋଲଷ୍ଟ୍ରଲ ମାତ୍ରା କମ କରାଇଥାଏ । କଦଳୀରେ ଥିବା ଷ୍ଟାର୍ଚ ମେଟାବୋଲିଜିମକୁ ସନ୍ତୁଳିତ ରଖେ । କଦଳୀ ଖାଇଲେ ପାଚନ ପ୍ରକ୍ରିୟା ଠିକ ରହେ । ତା ସହିତ ଶରୀରରେ କେଉଠି କେମିତି ପୀଡ଼ା ଥିଲେ ଦୂର ହୁଏ । ଅବସାଦଗ୍ରସ୍ତ ରୋଗୀଙ୍କ ପାଇଁ କଦଳୀ ହିତକର । କାରଣ କଦଳୀ ଖାଇଲେ ମନ ପ୍ରଫୁଲ୍ଲରହେ । ଶିଶୁ ଓ ଯୁବକମାନଙ୍କ ପାଇଁ ଏହା ଉପାଦେୟ । କାରଣ ଏହା ଏକ ଗଠନମୂଳକ ତଥା ଶକ୍ତିଦାୟକ ଫଳ । ଏହାଛଡ଼ା କଦଳୀ ରକ୍ତକୁ ପତଳା ରଖିବାରେ ସାହାଯ୍ୟ କରିଥାଏ। ଦୈନିକ ଗୋଟିଏ ବା ଦୁଇଟି କଦଳୀ ଖିଆଯାଇ ପାରେ । ତେବେ ଭେରାଇଟି ପାଇଁ ଅନ୍ୟ ଫଳ ମଧ୍ୟ ଖାଇବା ସଦରକାର । ଡାଇବେଟିସ ରୋଗୀ କମ କଦଳୀ ଖାଇବା ଉଚିତ । କଦଳୀ ଖାଇବାର ସବୁଠୁ ଭଲ ସମୟ ସକାଳ । ନିଦରୁ ଉଠି ଗୋଟିଏ ଖିଆଯାଇପାରେ । ଇଚ୍ଛା ହେଲେ ଦିନର ଅନ୍ୟ ସମୟରେ ଏହାକୁ ଖାଇହେବ ।

## ଗ୍ୟାସ୍ ବଞ୍ଚାଇବାକୁ ଚାହୁଁଥିଲେ...




♦ ରୋଷେଇ ଆରମ୍ଭ କରିବା ପୂର୍ବରୁ ସମସ୍ତ ଆବଶ୍ୟକ ସାମଗ୍ରୀ ଏକାଠିକରି ରଖନ୍ତୁ ।

♦ ଏହାଦ୍ୱାରା ଉଭୟ ଗ୍ୟାସ ଓ ସମୟ ବଞ୍ଚିଥାଏ ।

♦ ଥଣ୍ଡା କ୍ଷୀର, ପନିପରିବା ଏବଂ ଫ୍ରୋଜନ୍ ଫୁଡ୍ ଆଦିକୁ ବ୍ୟବହାର କରିବାକୁ ଥିଲେ ୧ଘଣ୍ଟା ପୂର୍ବରୁ ଫ୍ରିଜ୍‌ରୁ ବାହାରକରି ରଖନ୍ତୁ ।

♦ ବିନା ଢାଙ୍କୁଣିରେ ଖାଦ୍ୟ ପ୍ରସ୍ତୁତ କଲେ ଗ୍ୟାସ୍ ତିନି ଗୁଣା ଅଧିକ ଖର୍ଚ୍ଚ ହୋଇଥାଏ । ତେଣୁ ସବୁବେଳେ ଢ଼ାଙ୍କୁଣି ଘୋଡାଇ ରୋଷେଇ କରନ୍ତୁ ।

♦ କଡେଇ ଏବଂ ପ୍ୟାନ୍ ବଦଳରେ ପ୍ରେସର କୁକରରେ ରୋଷେଇ କରନ୍ତୁ । କୁକରରେ ରୋଷେଇ ଶୀଘ୍ର ହୋଇଥାଏ ଏବଂ ଗ୍ୟାସ୍ ବି କମ୍ ଖର୍ଚ୍ଚ ହୋଇଥାଏ ।

♦ ଖାଦ୍ୟ ପ୍ରସ୍ତୁତ ସମୟରେ ଆବଶ୍ୟକ ଅନୁସାରେ ପାଣି ଦିଅନ୍ତୁ । ଅଧିକ ପାଣି ଦେବା ଦ୍ୱାରା ରୋଷେଇ ଅଧିକ ସମୟ ଲାଗିଥାଏ ଏବଂ ପୋଷକ ତତ୍ତ୍ୱ ନଷ୍ଟ ହୋଇଯାଏ ।

♦ ପନିପରିବା, ଡାଲି ଏବଂ ମାଂସ ଆଦି ସିଝିବା ପାଇଁ ଗ୍ୟାସ୍ ଅଧିକ ଖର୍ଚ୍ଚ ହୋଇଥାଏ । ଏସବୁକୁ ସେମିକୁକ୍ କରିବା ପାଇଁ ମାଇକ୍ରୋୱେଭ୍ ବ୍ୟବହାର କରନ୍ତୁ । ଗ୍ୟାସ୍ ତୁଳନାରେ ମାଇକ୍ରୋୱେଭ୍‌ରେ ମାଂସ ଶୀଘ୍ର ସିଝିଥାଏ ।

♦ ମିଡିୟମ ଆଞ୍ଚରେ ସବୁବେଳେ ଖାଦ୍ୟ ପ୍ରସ୍ତୁତ କରନ୍ତୁ । କାରଣ ଅଧିକ ଆଞ୍ଚରେ ଖାଦ୍ୟ ପେଡିଯାଏ ଏବଂ କମ୍ ଆଞ୍ଚରେ ଗ୍ୟାସ୍ ଅଧିକ ଖର୍ଚ୍ଚ ହୋଇଥାଏ ।

♦ ରୋଷେଇ ତଥା ଚା' କିମ୍ବା ଅନ୍ୟ ଖାଦ୍ୟ ପ୍ରସ୍ତୁତି ବେଳେ ବାରମ୍ବାର ପାଣି ଗରମକରି ଏକ ଫ୍ଲାକ୍ସରେ ରଖନ୍ତୁ ।

♦ ଶୀତଦୀନେ ବାରମ୍ବାର ଗ୍ୟାସ୍‌ରେ ପାଣି ଗରମ କରିବା ବଦଳରେ ସୋଲାର ୱାଟର ହିଟର ବ୍ୟବହାର କରନ୍ତୁ ।

♦ ଖାଦ୍ୟ ପ୍ରସ୍ତୁତି ପାଇଁ ଉପଯୁକ୍ତ ସାଇଜର କଡେଇ ବା ପ୍ୟାନ୍ ବ୍ୟବହାର କରନ୍ତୁ । ଛୋଟ ସାଇଜ କଡେଇ ବ୍ୟବହାର କରିବା ଦ୍ୱାରା ଗ୍ୟାସ୍‌ର ଆଞ୍ଚ କଡେଇର ବାହାରକୁ ଆସିଥାଏ ଏବଂ ବଡ ସାଇଜର କଡେଇ ବ୍ୟବହାର ଦ୍ୱାରା ଗରମ ହେବା ପାଇଁ ଗ୍ୟାସ୍ ଅଧିକ ଖର୍ଚ୍ଚ ହୋଇଥାଏ ।

♦ ବର୍ନର ହଳଦିଆ ଫ୍ଲେମ୍‌ରେ ଜଳିଲେ ଏହାକୁ ପରିଷ୍କାର କରିବା ସଙ୍କେତ ମିଳିଥାଏ । ତେଣୁ ସମୟ ଅନ୍ତରରେ ରେଗୁଲେଟର, ପାଇପ୍ ଏବଂ ବର୍ନର ଆଦିର ଚେକ୍ କରି ନିଅନ୍ତୁ । ନଚେତ୍ ଗ୍ୟାସ୍ ଲିକ୍ ହେବା ସମ୍ଭାବନା ରହିଛି ।

## ଗୋଲମରିଚର ଚମତ୍କାରୀ ଗୁଣ

ଔଷଧୀୟ ଗୁଣରେ ଭରପୂର ଜ୍ୟୋତି ବଢ଼ିଥାଏ । ଆଜିକାଲି ଯୁବପିଢ଼ି ନିଶାସେବନ ଗୋଲମରିଚର ସ୍ଥାନ ଆମ କରିବା କାରଣରୁ ସେମାନଙ୍କ ଆଖିର ଜ୍ୟୋତି ହ୍ରାସ ପାଏ । ରୋଷଶାଳାରେ ବେଶ୍ ସ୍ୱତନ୍ତ୍ର । କେହି ସେଥିରୁ ରକ୍ଷା ପାଇବାକୁ ହେଲେ ପ୍ରତ୍ୟହ ଚା'ରେ ଏହାକୁ ଗୁଣ୍ଡକରି ଗୋଲମରିଚ ଗୁଣ୍ଡ ମିଶାଇ ପିଇବା ଉଚିତ । ପ୍ରୟୋଗ କଲାବେଳେ ଅନ୍ୟ କେହି ଚାଇନିଜ୍ ଖାଦ୍ୟରେ ମଧ୍ୟ ଗୋଲମରିଚର ଉପଯୋଗ କରିଥାନ୍ତି । ହିତକାରୀ ଗୋଲମରିଚର ଆମ ସ୍ୱାସ୍ଥ୍ୟ ଉପରେ ଅନେକ ଉତ୍ତମ ପ୍ରଭାବ ପଡିଥାଏ ବୋଲି ବିଶେଷଜ୍ଞଙ୍କ ମତ ।



ଗୋଲମରିଚରେ ପେପରିନ୍ ନାମକ ତତ୍ତ୍ୱ ଥାଏ । ଲୌହ, ପୋଟାସିୟମ୍, ମାଙ୍ଗାନିଜ୍, ଜିଙ୍କ୍, ଭିଟାମିନ୍ ଏ, କ୍ରୋମିୟମ୍ ତତ୍ତ୍ୱ ଥିବା ଗୋଲମରିଚର ଉପଯୋଗ କଲେ ଆଖିର ଏକ ସର୍ବେକ୍ଷଣ ଅନୁସାରେ, ଗୋଲମରିଚ ଗୁଣ୍ଡ ନିୟମିତ ଅଧ ଚାମଚ ସେବନ କଲେ ମହିଳାମାନଙ୍କଠାରେ ସ୍ତନ କର୍କଟ ହେବାର ଆଶଙ୍କା କମ୍ ରହିଛି । ପୁରୁଷମାନେ ମଧ୍ୟ ପ୍ରତ୍ୟେହ ଗୋଲମରିଚ ସେବନ କରିବା ସେମାନଙ୍କ ସ୍ୱାସ୍ଥ୍ୟ ପାଇଁ ହିତକାରୀ । ମାନସିକ ଚାପରେ ରହୁଥିବା ଲୋକ ଗୋଲମରିଚ ଅଳ୍ପ ପରିମାଣରେ ଖାଇବା ଉଚିତ । ଗୋଲମରିଚରେ ଏଭଳି ତତ୍ତ୍ୱ ଅଛି, ଯାହା ଆମକୁ ଚାପମୁକ୍ତ କରିଥାଏ ।

## ୱାର୍କପ୍ଲେସ୍ ପାଇଁ କୁର୍ତ୍ତା ଫ୍ୟାସନ୍



ଯେତେବେଳେ ଆମେ କଣ ପିନ୍ଧିବା ବୋଲି ସ୍ଥିର କରି ପାରନ୍ତି ନାହିଁ ତେବେ ରଖାଯାଇଥିବା କୁର୍ତ୍ତା ଆମକୁ ସାହାର୍ଯ୍ୟ କରିଥାଏ । ଏହାକୁ ପିନ୍ଧି ଆମେ ସହଜରେ ଆମର ସମସ୍ୟାର ସମାଧାନ କରିପାରିବା । କୁର୍ତ୍ତାକୁ ପାରମ୍ପରିକ ଡ୍ରେସ ଭାବରେ ସମସ୍ତେ ମାନନ୍ତି । କିନ୍ତୁ ଏହା ଜରୁରୀ ନୁହେଁ ଯେ ଆପଣ କୌଣସି ଫେଷ୍ଟିଭାଲ ବା ଟ୍ରାଡିସନ୍ ଇଭେଣ୍ଟରେ ଏହାକୁ ପିନ୍ଧିବେ । ତେଣୁ ଡ୍ରେସଗୁଡିକ ମଧ୍ୟରେ ଥିବା ଏହି ଆରାମ ଦାୟକ କୁର୍ତ୍ତାକୁ ଆପଣ ୱାର୍କ ପ୍ଲେସ ପାଇଁ ପିନ୍ଧିକାରିବେ । ଆଠ ଘଣ୍ଟାର କାର୍ଯ୍ୟ ବ୍ୟସ୍ତ ଭିତରେ ଏହି ଫର୍ମାଲ ସର୍ଟ ଓ ଟ୍ରାଉଜର୍ସକୁ କୁର୍ତ୍ତା ସହିତ ମ୍ୟାଚିଂ କରି ଆପଣ ଆକର୍ଷଣୀୟ ଲୁକ୍ ପାଇ ପାରିବେ ।



♦ ଯଦି ଆପଣ ପ୍ଲେନ କୁର୍ତ୍ତା ପିନ୍ଧିବାକୁ ପସନ୍ଦ କରୁ ନାହାଁନ୍ତି ତେବେ ଏହି ପ୍ରିଣ୍ଟେଡ ମୋନୋକ୍ରୋମ କୁର୍ତ୍ତା ସେଟ୍ ଆପଣଙ୍କ ପାଇଁ ପରଫେକ୍ଟ ରହିବ । ଏହିପରି କୁର୍ତ୍ତାକୁ ହିଲ୍‌ସ ସହିତ ପିନ୍ଧନ୍ତୁ ।

♦ ବ୍ଲାକ୍ ଷ୍ଟ୍ରାଇପଡ୍ ଅଙ୍ଗରଖା ଷ୍ଟାଇଲ କୁର୍ତ୍ତା ମଧ୍ୟ ୱାର୍କପ୍ଲେସ ପାଇଁ ମଧ୍ୟ ଠିକ୍ ରହିବ । ଏହା ସହିତ କାନରେ ଝୁମୁକା ଓ ବ୍ଲାକ ହିଲ୍‌ସ ପେୟାର କରି ନିଜ ପାଇଁ ଏକ ସ୍ମାର୍ଟ ଲୁକ୍ ପ୍ରସ୍ତୁତ କରନ୍ତୁ ।

♦ ହ୍ୱାଇଟ୍ ଷ୍ଟାଇପ୍‌ରେ ନାଲି କୁର୍ତ୍ତା ଓ ଫିଟ୍ ପ୍ୟାଣ୍ଟ୍‌ସ ସହିତ ହ୍ୱାଇଟ୍ ପଏଣ୍ଟଡ୍ ହିଲ୍‌ସ ପିନ୍ଧନ୍ତୁ । ଏହା ଆପଣଙ୍କୁ ସୁନ୍ଦର ଦେଖାଯିବ ।

♦ ଯଦି ବେଶୀ ଲୁକ୍ ପାଇବା ପାଇଁ ଚାହୁଁଛନ୍ତି ତେବେ ପ୍ରିଣ୍ଟେଡ କୁର୍ତ୍ତା ସହିତ ପ୍ଲାଜୋସ ସେଟ୍‌କୁ ଛୋଟ ଛୋଟ ଝୁମ୍‌କା ଓ ଜୁତୀ ସହିତ ଷ୍ଟାଇଲ୍ କରି ପିନ୍ଧନ୍ତୁ ।

♦ ପାଉଡର ବ୍ଲୁର ଲକ୍ଷ୍ନୌର କୁର୍ତ୍ତା ବା ହ୍ୱାଇଟ୍ ପ୍ଲାଜୋସ ସେଟ୍ ସହିତ ବିଗ୍ ସାଇଜ ସିଲ୍‌ଭର ହୁପ୍‌ସ ପିନ୍ଧି ଆପଣ ନିଜକୁ ଏକ ସାଧାରଣ ଓ ଆକର୍ଷଣୀୟ ଲୁକ୍ ଦେଇପାରିବେ ।

♦ ପେଷ୍ଟଲ ଗୋଲାପୀ ଅର୍ଗେନ୍‌ଜା କୁର୍ତ୍ତା ସେଟ୍‌ରେ ଆପଣଙ୍କ ଚେହେରା ଗୋଲାପୀ ନଜର ଆସିବ । ଆପଣଙ୍କ ବ୍ୟସ୍ତ ଦିନକୁ ସହଜ ଓ ସରଳ କରିବା ପାଇଁ ଏହି ପେଷ୍ଟଇ କୋଡ୍‌ସର କୁର୍ତ୍ତା ସେଟ୍‌କୁ ଆପଣଙ୍କ ଡ୍ରେସ୍ ଭିତରେ ସାମିଲ କରନ୍ତୁ ।

♦ ହ୍ୱାଇଟ୍ ବଟନଦାର କୁର୍ତ୍ତା ଆପଣ ଭେଡ୍ ରଙ୍ଗର କେପ୍ରୀ, କୋହ୍ଲାପୁରୀ ଚପ୍ପଲ ଓ ଗୋଲ ଶେପ୍‌ର ସନ୍‌ଗ୍ଲୋସେସ ସହିତ ଟିମ୍ ଅପ୍ କରି ପିନ୍ଧିପାରିବେ ।

## କଙ୍କଡ଼ା ନଡ଼ିଆ ରସା



ଆବଶ୍ୟକ ସାମଗ୍ରୀ: କଙ୍କଡ଼ା, କଟା ପିଆଜ, କଟା କଞ୍ଚା ଲଙ୍କା, ଅଦା ରସୁଣ ପେଷ୍ଟ, ହଳଦି ଗୁଣ୍ଡ, ଲଙ୍କା ଗୁଣ୍ଡ, ଧନିଆ ଗୁଣ୍ଡ, କଟା ଟମାଟୋ, ନଡ଼ିଆ ରସ, ସୋରିଷ ତେଲ, ଲୁଣ, ଗୋଟା ଗରମ ମସଲା, ଧନିଆ ପତ୍ର, ଗରମ ମସଲା

ପ୍ରସ୍ତୁତି ପ୍ରଣାଳୀ: ପ୍ରଥମେ କଙ୍କଡ଼ାକୁ ଭଲ ଭାବେ ବନାଇ ଦିଅନ୍ତୁ। ସେଥିରେ ଲୁଣ ଓ ହଳଦି ପକାଇ ଗୋଳାଇ ଦିଅନ୍ତୁ। ପରେ କରେଇରେ ତେଲ ଗରମ କରନ୍ତୁ। ତେଲ ଗରମ ହେବା ପରେ ପାତ୍ରରେ ରଖିଥିବା କଙ୍କଡ଼ାକୁ ଭାଜନ୍ତୁ। ଏହା ଭାଜି ହେଲା ପରେ ତାକୁ ଏକ ପାତ୍ରକୁ କାଢ଼ି ଦିଅନ୍ତୁ। ଏହାପରେ କରେଇରେ ତେଲ ଗରମ କରନ୍ତୁ। ତେଲ ଗରମ ହୋଇଗଲା ପରେ ସେଥିରେ ଗୋଲମରିଚ, ଜିରା, ପାନମଧୁରୀ ପକାଇ ଦିଅନ୍ତୁ। ପରେ ସେଥିରେ କଟା ପିଆଜ ପକାଇ ଲାଲ ହେବା ପର୍ଯ୍ୟନ୍ତ ଭାଜନ୍ତୁ। ପିଆଜ ଭାଜି ହେଲା ପରେ ଅଦା ରସୁଣ ପେଷ୍ଟ, ଲଙ୍କା ଗୁଣ୍ଡ, ଧନିଆ ପାଉଡ଼ର୍, ଟମାଟୋ ପକାଇ ମସଲାକୁ କଷନ୍ତୁ। ପରେ ସେଥିରେ ସ୍ୱାଦ ଅନୁସାରେ ଲୁଣ ଓ ହଳଦି ପକାଇ ମସଲାକୁ ଭଲ ଭାବରେ କଷନ୍ତୁ। ମସଲା କଷି ହେବା ପରେ ନଡ଼ିଆ ରସକୁ ସେଥିରେ ପକାଇ ଗୋଳାଇ ଦିଅନ୍ତୁ। ପରେ ଭାଜି ରଖିଥିବା କଙ୍କଡ଼ାକୁ ସେଥିରେ ପକାଇ ଦେଇ ଗୋଳାଇ ଦିଅନ୍ତୁ। ସେଥିରେ ଅଳ୍ପ ପାଣି ଦେଇ ୩ରୁ୪ ମିନିଟ୍ ପର୍ଯ୍ୟନ୍ତ ଘୋଡ଼ଣୀ ଢ଼ାଙ୍କି ଦିଅନ୍ତୁ। ପରେ ଗ୍ୟାସ ଆଞ୍ଚକୁ ବନ୍ଦ କରି ଦିଅନ୍ତୁ। ତା' ଉପରେ ଧନିଆ ପତ୍ର ଓ ଗରମ ମସଲା ପକାଇ ଦିଅନ୍ତୁ। ପ୍ରସ୍ତୁତ ହୋଇଗଲା କଙ୍କଡ଼ା ନଡ଼ିଆ ରସା ।

# ଧ୍ୱନି ପ୍ରତିଧ୍ୱନି

ବାଲେଶ୍ୱର ୪

୧୨ ମାର୍ଚ୍ଚ ୨୦୨୨, ଶନିବାର


## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## ଏକଜିଟ ପୁଲ୍ ସତହେଲା...

ପାଞ୍ଚଟି ରାଜ୍ୟର ବିଧାନସଭା ନିର୍ବାଚନ ଫଳାଫଳ ପ୍ରକାଶ ପାଇଛି । ଭୋଟଗ୍ରହଣ ଶେଷ ହେବାପରେ ବିଭିନ୍ନ ପୂର୍ବାନୁମାନକାରୀ ଏଜେନ୍ସିମାନଙ୍କ ପକ୍ଷରୁ ଯେଉଁ ଆକଳନ ଓ ଭବିଷ୍ୟବାଣୀ କରାଯାଇଥିଲା, ତାହା ଏକପ୍ରକାର ସତ୍ୟ ବୋଲି ପ୍ରମାଣିତ ହୋଇଛି । ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟ ନାଥଙ୍କ ଭବିଷ୍ୟତ ଓ ବିଜେପି ସେହି ରାଜ୍ୟରେ ପୁଣି ଥରେ କ୍ଷମତାକୁ ଫେରିବା ନେଇ ଯେଉଁମାନେ ଆଶଙ୍କା ପ୍ରକଟ କରୁଥିଲେ ସେମାନଙ୍କ ଏଭଳି ଧାରଣା ସଂପୂର୍ଣ୍ଣ ଅମୂଳକ ବୋଲି ସାବ୍ୟସ୍ତ ହୋଇଛି । ବିଜେପି ଉତ୍ତରପ୍ରଦେଶରେ କେବଳ କ୍ଷମତାକୁ ଫେରିନାହିଁ, ଅପରପକ୍ଷେ ପୂର୍ବାପେକ୍ଷା ଅଧିକ ସଂଖ୍ୟାରେ ନିର୍ବାଚନ ବିଜୟୀ ହୋଇଛି । ଏହା ପ୍ରମାଣସିଦ୍ଧ କରିଛି ଯେ, ବିଜେପି ଉପରେ ରାଜ୍ୟର ଜନତା ପୁନଃ ଆସ୍ଥା ପ୍ରକଟ କରିଛନ୍ତି । ଯୋଗୀଜୀଙ୍କ ନେତୃତ୍ୱରେ ସେଠାରେ ଅବସ୍ଥାପିତ ଡବଲ ଇଂଜିନ ସରକାର ଗତ ପାଞ୍ଚବର୍ଷ ଭିତରେ ସାମାଜିକ ଆର୍ଥିକ ବିକାଶ କ୍ଷେତ୍ରରେ ଯେଉଁ ବ୍ୟାପକ ପ୍ରଗତି ଓ ପରିବର୍ତ୍ତନ ଆଣିଛନ୍ତି ତାହା ଦଳକୁ ବିଜୟୀ କରାଇବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିବା ସ୍ପଷ୍ଟରୂପେ ଦୃଶ୍ୟ ହୁଏ । ଏହି ନିର୍ବାଚନ ଫଳାଫଳ ସମାଜବାଦୀ ପାର୍ଟି ପତିଆରାକୁ କିଛି ମାତ୍ରାରେ ପୁଷ୍ଟ କରିଛି ସତ, କିନ୍ତୁ ଏହା ସତ୍ତ୍ୱେ ଏହା ମଧ୍ୟ ପ୍ରଦର୍ଶିତ କରିଛି ଯେ, ଉତ୍ତରପ୍ରଦେଶ ନିର୍ବାଚନ ଆଉ ଜାତି ଗୋଷ୍ଠୀ ଭିତରେ ସୀମିତ ହୋଇନାହିଁ । କଂଗ୍ରେସ ଏବଂ ବହୁଜନ ସମାଜ ପାର୍ଟିଙ୍କ ଶୋଚନୀୟ ଅବସ୍ଥା ସେମାନଙ୍କ ଉପରୁ ଲୋକମାନଙ୍କ ଆସ୍ଥା ତୁଟିଯିବା ଘଟଣାକୁ ଲୋକଲୋଚନକୁ ଆଣିଛି । ପଞ୍ଜାବ ବିଧାନସଭା ନିର୍ବାଚନର ଫଳାଫଳ ଦର୍ଶାଇଛି ଯେ, ସେଠାରେ ପଟ୍ଟପରିବର୍ତ୍ତନ ଘଟିଛି । ତିନି ପ୍ରମୁଖ ରାଜନୈତିକ ଦଳ (ଶାସନ କ୍ଷମାତାସୀନ କଂଗ୍ରେସ, ବିଜେପି ଏବଂ ଶିରୋମଣି ଅକାଳୀ ଦଳ)ଙ୍କୁ ପଛରେ ପକାଇ ଆମ୍ ଆଦ୍‌ମୀ ପାର୍ଟି ସେଠାରେ ପୂର୍ଣ୍ଣ ବହୁମତ ହାସଲ କରିଛି । ଫଳରେ କଂଗ୍ରେସ ହାତରୁ ଆଉ ଗୋଟିଏ ଦୁର୍ଗ ଖସିଛି । ରାଜ୍ୟ କଂଗ୍ରେସ ଭିତରେ ଗତ କେଇବର୍ଷ ଧରି ଜାରି ରହିଥିବା ଗୋଷ୍ଠୀ କନ୍ଦଳ କ୍ୟାପ୍ଟେନ ଅମରୀନ୍ଦର ସିଂହଙ୍କ ମୁଖ୍ୟମନ୍ତ୍ରୀ ପଦ ଓ ଦଳ ତ୍ୟାଗ ପାଇଁ ପଥ ପରିଷ୍କାର କରିଥିଲା । ଏହାପରେ ସମ୍ଭବତଃ ରାଜ୍ୟବାସୀ କଂଗ୍ରେସଠାରୁ ମୁହଁ ଫେରାଇ ନେଇଛନ୍ତି । ନଭଜୋତ ସିଂହ ସିଦ୍ଧୁଙ୍କ ନେତୃତ୍ୱ ଓ ବିଦ୍ରୋହ ଦଳକୁ ପରାଜୟର ସ୍ୱାଦ ଚଖାଇବାରେ ସହାୟକ ହୋଇଛି । ସେହିଭଳି ଶିରୋମଣି ଅକାଳୀ ଦଳ ଓ ବିଜେପି ମଧ୍ୟରେ ମେଣ୍ଟ ତୁଟିବା ପରେ ରାଜ୍ୟର ଭୋଟର ଏହି ଦୁଇ ଦଳଙ୍କୁ ମଧ୍ୟ ପସନ୍ଦ କରିନଥିବା ପରି ପ୍ରତୀୟମାନ ହୁଏ । ଏବେ ଆପ୍ ଆବାହକ ଅରବିନ୍ଦ କେଜରିୱାଲ ଦିଲ୍ଲୀ ଭଳି ପଞ୍ଜାବବାସୀଙ୍କ ଲାଗି କି ପ୍ରକାର ସୁଶାସନର ପେଡ଼ି ଖୋଲୁଛନ୍ତି ତାହା ଲକ୍ଷ୍ୟ କରିବାର କଥା । କେଜରିୱାଲ ନିଜର ନିର୍ବାଚନ ବେଳେ ରାଜ୍ୟବାସୀଙ୍କୁ ଅନେକ ପ୍ରତିଶ୍ରୁତି ଦେଇଛନ୍ତି । ଏବେ ତାହା ପୂରଣର ବେଳ ଆସିଛି । ପଞ୍ଜାବ ଫଳାଫଳ କେଜରିୱାଲଙ୍କୁ ଜାତୀୟ ସ୍ତରରେ ଜଣେ ପ୍ରଭାବୀ ନେତାର ମର୍ଯ୍ୟାଦା ପ୍ରଦାନ କରିଛି । ଗୋଆ, ଉତ୍ତରାଖଣ୍ଡ ଓ ମଣିପୁରରେ ବିଜେପି କ୍ଷମତାକୁ ପୁଣି ଥରେ ଫେରିବ ଏବଂ ଏହି ତିନି ରାଜ୍ୟବାସୀ ଡବଲ ଇଂଜିନ ସରକାର ଉପରେ ହିଁ ପୁନଃ ଆସ୍ଥା ପ୍ରକଟ କରିଛନ୍ତି । ଏବେ ସେହିସବୁ ରାଜ୍ୟରେ ବର୍ତ୍ତମାନର ମୁଖ୍ୟମନ୍ତ୍ରୀମାନଙ୍କ ନେତୃତ୍ୱରେ ହିଁ ପୁନର୍ବାର ସରକାର ଗଢ଼ାଯିବା ବିଶ୍ୱାସ କରାଯାଏ । ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱ ଉପରେ ଦେଶବାସୀଙ୍କ ଅତୁଟ ଆସ୍ଥା ରହିଥିବା ଏହି ଯାଞ୍ଚ ନିର୍ବାଚନ ଫଳାଫଳ ପ୍ରମାଣିତ କରେ । ଇତିପୂର୍ବରୁ ଅନ୍ୟାନ୍ୟ ରାଜ୍ୟରେ ହୋଇଥିବା ବିଧାନସଭା ନିର୍ବାଚନ ମଧ୍ୟ ଏହାର ପ୍ରମାଣ ବହନ କରେ । କିନ୍ତୁ ୨୦୨୪ ମସିହାର ଆଗାମୀ ସାଧାରଣ ନିର୍ବାଚନ ପୂର୍ବରୁ ଚଳିତ ପାଞ୍ଚଟି ରାଜ୍ୟର ନିର୍ବାଚନକୁ ସେମି-ଫାଇନାଲ ଦୃଷ୍ଟିରେ ରାଜନୈତିକ ପରିଦ୍ରଷ୍ଟାମାନେ ଦେଖନ୍ତି । କାରଣ, ୨୦୨୪ ନିର୍ବାଚନ ପୂର୍ବରୁ ଆଉ ଏତେ ସଂଖ୍ୟକ ରାଜ୍ୟର ବିଧାନସଭା ନିର୍ବାଚନ ଅନୁଷ୍ଠିତ ହେବାର ନାହିଁ । ପୁନଶ୍ଚ, ଉତ୍ତରପ୍ରଦେଶ ଫଳାଫଳକୁ ଯେକୌଣସି ରାଜନୈତିକ ଦଳ କଷଟି ପଥର ରୂପେ ଧରିନେବାର ଏକ ସୁଦୀର୍ଘ ପରମ୍ପରା ରହିଛି । ଏବେ ଉତ୍ତରପ୍ରଦେଶ ଗଡ଼ ଜିଣି ବିଜେପି ଏବଂ ଏନଡିଏ ମେଣ୍ଟ ଆଗୁଆ ହୋଲି ପର୍ବ ମନାଇବାର ଯଥେଷ୍ଟ କାରଣ ରହିଛି ।

## ଅକାଳ ମୃତ୍ୟୁ ହରଣମ୍



**ଲଳିତ ମୋହନ ମିଶ୍ର**

ବ୍ରହ୍ମା-ବିଷ୍ଣୁ-ମହେଶ୍ୱରଙ୍କୁ ହିନ୍ଦୁଧର୍ମରେ ସୃଷ୍ଟି, ସ୍ଥିତି ଓ ସଂହାରର ନିୟନ୍ତା ବୋଲାଯାଏ । ଶିବ ସୃଷ୍ଟିର ଅନିଷ୍ଟକାରୀ, ଅପଶକ୍ତି, ଅନ୍ୟାୟ, ଅନୀତିକୁ ସଂହାର କରି ସଂସାରକୁ ସୁଖଶାନ୍ତି ପ୍ରଦାନ କରନ୍ତି । ସେ ଦେବଦେବ ମହାଦେବ-ସତ୍ୟ, ଶିବ, ସୁନ୍ଦର । ସେ ଅକାଳମୃତ୍ୟୁ ହରଣର ମହାଶକ୍ତି ମହାମୃତ୍ୟୁଞ୍ଜୟ । ସେ ସାଗର ମନ୍ଥନରୁ ଜାତ ହଳାହଳ ବିଷକୁ ପାନ କରିଥିଲେ । ସମଗ୍ର ସୃଷ୍ଟିକୁ ରକ୍ଷା କରି ନିଜେ ବିଷ ପାନ କରିଥିବାରୁ ତାଙ୍କର ନାମ ନୀଳକଣ୍ଠ । ମହାମୃତ୍ୟୁଞ୍ଜୟ ମନ୍ତ୍ର ଜପ କରି ଶିବଙ୍କ କୃପାରୁ ମନୁଷ୍ୟ ଅକାଳ ମୃତ୍ୟୁକୁ ଜୟ କରିପାରେ । ଶିବ ପଞ୍ଚାକ୍ଷର ମନ୍ତ୍ର ଓଁ ନମଃ ଶିବାୟ ଜପର ଫଳ ସ୍ୱରୂପ ମନୁଷ୍ୟ ସଦଜ୍ଞାନ ଲାଭକରି ସାଂସାରିକ ଦୁଃଖତାପରୁ ମୁକ୍ତି ପାଏ । ଜୀବଜଗତର ଜନ୍ମ ମୃତ୍ୟୁର କାଳ ସ୍ୱରୂପ ଶିବ ହେଉଛନ୍ତି ମହାକାଳେଶ୍ୱର । ଯେଉଁମାନେ ଶିବଙ୍କର ଭକ୍ତ ସେମାନେ ଶୈବ । ଶିବଙ୍କ ପ୍ରତି ଭକ୍ତିରେ ଏକ ଆଶ୍ଚର୍ଯ୍ୟଜନକ ଘଟଣା ଘଟିଛି । ବ୍ରହ୍ମପୁରାଣରେ ବର୍ଣ୍ଣିତ ଅଛି - ଯେ ଭଗବାନଙ୍କ ପ୍ରତି ଭକ୍ତି ରଖେ ତାର ଶକ୍ତି ମୃତ୍ୟୁକୁ ବି ସାମ୍ନା କରିପାରେ । ଯିଏ ଈଶ୍ୱରଙ୍କ ଭକ୍ତ, ତାଙ୍କର ଗୁରୁ ହିଁ ଭଗବାନ । ତାଙ୍କ ଉପରେ ଅନ୍ୟ କାହାର ଅଧିକାର ନାହିଁ । ମୃତ୍ୟୁର ମଧ୍ୟ କୌଣସି ଅଧିକାର ନାହିଁ । ଏକଦା ଗୋଦାବରୀ କୂଳରେ ଜଣେ ବ୍ରାହ୍ମଣ ବାସ କରୁଥିଲେ, ଯାହାର ନାମ 'ଶ୍ୱେତ' । ଭଗବାନ ଶିବଙ୍କ ଭକ୍ତିରେ ସଦାସର୍ବଦା ଲୀନ ଥିଲା 'ଶ୍ୱେତ' । ଏପରିକି ସେ ପ୍ରତ୍ୟେକ ବ୍ୟକ୍ତି ମଧ୍ୟରେ ଶିବଙ୍କୁ ଦେଖୁଥିଲେ । ସମସ୍ତଙ୍କୁ ସମ୍ମାନର ସହିତ ବ୍ୟବହାର କରୁଥିଲେ । ଅବସର ସମୟରେ ଶିବ ଭକ୍ତିରେ ମଜ୍ଜି ରହୁଥିଲେ । ଶିବଙ୍କ ଭକ୍ତିରେ ଲୀନ ହୋଇ ମୃତ୍ୟୁର ସମୟ କେତେବେଳେ ଆସିଗଲା ସେ ଜାଣି ପାରିଲେ ନାହିଁ । କାରଣ ଭଗବାନ ଶିବଙ୍କ ଅନୁଗ୍ରହରୁ 'ଶ୍ୱେତ' ର କୌଣସି ରୋଗ କି ଦୁଃଖ ନଥିଲା। ତାଙ୍କର ସମ୍ପୂର୍ଣ୍ଣ ଧ୍ୟାନ କେବଳ ଭଗବାନ ଶିବଙ୍କ ଭକ୍ତିରେ ଉତ୍ସର୍ଗୀକୃତ ଥିଲା । ଏପରି ପରିସ୍ଥିତିରେ, ତାର ଆୟୁଷ ସମାପ୍ତ ହେବା ମାତ୍ରେ ଯମଦୂତମାନେ ତାଙ୍କୁ ନେବାକୁ ଆସିଥିଲେ । କିନ୍ତୁ ସେମାନେ ଶ୍ୱେତଙ୍କ ଘରେ ପ୍ରବେଶ କରିପାରି ନଥିଲେ। ଯେତେବେଳେ ଚିତ୍ରଗୁପ୍ତ ମୃତ୍ୟୁ ଦେବଙ୍କୁ ପଚାରିଲେ? ଶ୍ୱେତ କାହିଁକି ଯମାଳୟକୁ ଆସିନାହାଁନ୍ତି? ମୃତ୍ୟୁଦେବ ଶ୍ୱେତାଙ୍କ ଉପରେ ଅତ୍ୟଧିକ କ୍ରୋଧିତ ହୋଇ ନିଜେ ତାଙ୍କୁ ନେବାକୁ ଆସିଲେ। ଯେତେବେଳେ ଶ୍ୱେତଙ୍କ ଘର ସାମ୍ନାରେ ପହଞ୍ଚିଲେ, ସେତେବେଳେ ସେ ଦେଖିଲେ ଯେ ତାଙ୍କ ଦୂତମାନେ ତାଙ୍କ ଘର ବାହାରେ ଠିଆ ହୋଇଛନ୍ତି ଏବଂ ଭୟଭୀତ ହୋଇ କମ୍ପୁଛନ୍ତି। ମୃତ୍ୟୁଦେବ ପଚାରିଲେ ଏ କ'ଣ ? ଦୂତମାନେ କହିଲେ - ଶ୍ୱେତ ଭଗବାନ ଶିବଙ୍କ ଦ୍ୱାରା ସୁରକ୍ଷିତ । ତେଣୁ ତାଙ୍କ ଘରେ କେହି ପ୍ରବେଶ କରି ପାରିବେ ନାହିଁ। ଆହୁରି ମଧ୍ୟ ଆମେ ତାଙ୍କୁ ଦେଖିବା ପାଇଁ ସକ୍ଷମ ନୋହୁଁ । ଦୂତମାନଙ୍କ କଥା ଶୁଣି ମୃତ୍ୟୁଦେବ କ୍ରୋଧିତ ହୋଇ କିଛି ଚିନ୍ତା ନ କରି ଶ୍ୱେତଙ୍କ ଘରେ ପ୍ରବେଶ କଲେ । ବାହାରେ କ'ଣ ଘଟୁଛି ତାହା ବ୍ରାହ୍ମଣ ଜାଣି ନ ଥିଲେ। ମୃତ୍ୟୁଦେବ ଶ୍ୱେତଙ୍କୁ ସାମ୍ନାରେ ଦେଖି ଶୀଘ୍ର ନେବାକୁ ଆଗକୁ ବଢ଼ିଲେ । ତା'ପରେ ସେଠାରେ ଉପସ୍ଥିତ ଥିବା ଭୈରବ ବାବା ତାଙ୍କୁ ସେଠାରୁ ଚାଲିଯିବାକୁ କହିଥିଲେ । କିନ୍ତୁ ମୃତ୍ୟୁ ଦେବତା ଶ୍ୱେତଙ୍କ ବେକରେ ରସି ଲଗାଇଥିଲେ। ଏହା ଦେଖି ଭୈରବ ବାବା ତାଙ୍କୁ ବାଡିରେ ପିଟିଥିଲେ । ଯେଉଁ କାରଣରୁ ମୃତ୍ୟୁଦେବଙ୍କ ମୃତ୍ୟୁ ଘଟିଥିଲା । ଏହା ଦେଖି ଯମଦୂତ ମାନେ ଯମରାଜଙ୍କ ନିକଟକୁ ଦୌଡ଼ିଲେ ଏବଂ ପୁରା ଘଟଣା ଜଣାଇଲେ । ଯମଦେବ ମୃତ୍ୟୁଦେବଙ୍କ ମୃତ୍ୟୁ ବିଷୟରେ ଜାଣିବା ମାତ୍ରେ ବହୁତ ରାଗିଗଲେ । ନିଜେ ଯମଦଣ୍ଡ ଧରି ଯମଦୂତ ମାନଙ୍କ ସହିତ ଶ୍ୱେତଙ୍କ ଘରେ ପହଞ୍ଚିଲେ । ଯମଦେବ ଦେଖିଲେ ଭଗବାନ ଶିବଙ୍କ ପାର୍ଶ୍ୱଦେବତା ସେଠାରେ ଉପସ୍ଥିତ ଅଛନ୍ତି। ଏପରି ପରିସ୍ଥିତିରେ ଯମଦେବ ପଛକୁ ଫେରିବାକୁ ପ୍ରସ୍ତୁତ ନଥିଲେ କିମ୍ବା ଭଗବାନ ଶିବଙ୍କ ସଦସ୍ୟମାନେ ମଧ୍ୟ ପ୍ରସ୍ତୁତ ନଥିଲେ । ଯୁଦ୍ଧ ଚାଲିଲା । ଯୁଦ୍ଧ ସମୟରେ ଶିବ ସେନାର ସେନାପତି କାର୍ତ୍ତିକେୟଙ୍କ ଶକ୍ତି ଏବଂ ଅସ୍ତ୍ର ଯୋଗୁ ଯମଦେବଙ୍କ ସମଗ୍ର ସେନାବାହିନୀ ଏବଂ ସ୍ୱୟଂ ମୃତ୍ୟୁ ବରଣ କଲେ । ଯମଦେବଙ୍କ ମୃତ୍ୟୁ ଖବର ଶୁଣି ସୂର୍ଯ୍ୟଦେବ ସମସ୍ତ ଦେବତାଙ୍କ ସହ ଭଗବାନ ବ୍ରହ୍ମାଙ୍କ ନିକଟରେ ପହଞ୍ଚିଲେ । ବ୍ରହ୍ମା ସମସ୍ତ ଦେବତାଙ୍କ ସହିତ ଘଟଣାସ୍ଥଳରେ ପହଞ୍ଚିଲେ । ତା'ପରେ ସମସ୍ତ ଦେବତା ଭଗବାନ ଶିବଙ୍କୁ ସ୍ତୁତି କଲେ । ଶିବଙ୍କୁ କହିଲେ - ହେ ପ୍ରଭୁ ! ଯମରାଜ ସୂର୍ଯ୍ୟଦେବଙ୍କ ପୁତ୍ର । ସେ ଲୋକପାଳ । ତାଙ୍କର ମୃତ୍ୟୁରେ ଅବ୍ୟବସ୍ଥା ସୃଷ୍ଟି ହେବ । ଦୟାକରି ତାଙ୍କୁ ଜୀବନ୍ତ କର । ଆପଣଙ୍କୁ କରା ଯାଇଥିବା ପ୍ରାର୍ଥନା କଦାପି ବୃଥା ନୁହେଁ । ସମୟର ଚକ୍ରରେ ମହାକାଳ ଶିବ ଦେବତାମାନଙ୍କୁ କହିଥିଲେ - 'ମୁଁ ମଧ୍ୟ ଏହି ବ୍ୟବସ୍ଥା ସପକ୍ଷରେ ଅଛି । ବେଦମାନଙ୍କର ମଧ୍ୟ ଏକ ବ୍ୟବସ୍ଥା ଅଛି । ଯେଉଁମାନେ ମୋର କିମ୍ବା ଭଗବାନ ବିଷ୍ଣୁଙ୍କ ଭକ୍ତ, ସେମାନଙ୍କର ପ୍ରଭୁ ଆମେ । ସେମାନଙ୍କ ଉପରେ ମୃତ୍ୟୁର କୌଣସି ଅଧିକାର ନାହିଁ। ବରଂ, ଯମରାଜଙ୍କ ପାଇଁ ଆଉ ତାଙ୍କ ଅନୁଗାମିନୀ ମାନଙ୍କ ପାଇଁ ଏହି ବ୍ୟବସ୍ଥା କରାଯାଇଛି। ଶେଷରେ, ଭଗବାନ ଶିବ ସମସ୍ତ ମୃତ ଲୋକଙ୍କ ଉପରେ ଗୌତମୀ (ଗୋଦାବରୀ) ନଦୀର ଜଳ ସିଞ୍ଚନ କରି ସେମାନଙ୍କୁ ଜୀବନ୍ତ କରିଥିଲେ । ତା'ପରେ ସମସ୍ତେ ଜୀବନ୍ତ ହୋଇ ଭଗବାନ ଶିବଙ୍କଠାରୁ କ୍ଷମା ପ୍ରାର୍ଥନା କରିଥିଲେ ।


♥ ନୟାଗଡ଼

ମୋ: ୯୪୩୭୯୮୫୮୬୬


## କିଦ୍‌ୱାଇଙ୍କ ପୁସ୍ତକ ଓ ପ୍ରଧାନମନ୍ତ୍ରୀମାନଙ୍କ ଆକଳନ



**ଗୋପାଳ ମହାପାତ୍ର**

ଦେଶ ସ୍ୱାଧୀନ ହେବାର ୭୫ ବର୍ଷ ହେଲାଣି । ଇତି ମଧ୍ୟରେ ଅନେକ ପ୍ରଧାନମନ୍ତ୍ରୀ ଏ ଦେଶ ଦେଖିଲାଣି । ପଣ୍ଡିତ ଜବାହରଲାଲ ନେହେରୁଙ୍କଠାରୁ ନରେନ୍ଦ୍ର ମୋଦୀଙ୍କ ପର୍ଯ୍ୟନ୍ତ ଅନେକ ପ୍ରଧାନମନ୍ତ୍ରୀଙ୍କ କାମ, ସେମାନଙ୍କ ବିଚାର ଏବଂ ସେମାନଙ୍କ ଭିଜନ ମଧ୍ୟ ଏ ଦେଶ ଦେଖିଛି । ଏ ପର୍ଯ୍ୟନ୍ତ ପ୍ରଧାନମନ୍ତ୍ରୀ ହୋଇଥିବା ଏହି ୧୫ ଜଣଙ୍କ ଆକଳନ କରାଯିବା ଉଚିତ ନୁହେଁ କି ? କେଉଁ ପ୍ରଧାନମନ୍ତ୍ରୀଙ୍କ ସମୟରେ ଦେଶର ପ୍ରଗତି ହୋଇଛି ଓ କେଉଁ ପ୍ରଧାନମନ୍ତ୍ରୀ ଦେଶର ବିକାଶ ପାଇଁ ବୁନିଆଦି ଢାଞ୍ଚା ପ୍ରସ୍ତୁତ କରିଛନ୍ତି ? ଏପରିକି କେଉଁ ପ୍ରଧାନମନ୍ତ୍ରୀ ଦେଶର ବିକାଶ ପାଇଁ କିଛି କରିନାହାନ୍ତି ? ଆଜିର ଡିଜିଟାଲ୍ ସମୟରେ ଏ କଥା ଜାଣିବା ମଧ୍ୟ ସହଜ । ବର୍ତ୍ତମାନ ସମୟ ଏମିତି ଆସିଛି ଯେ କେତେକ ଐତିହାସିକ ଇତିହାସ ଏବଂ ତଥ୍ୟକୁ ବିକୃତ ଭାବରେ (ତ୍ରୁଟିପୂର୍ଣ୍ଣ ଭାବରେ) ଉପସ୍ଥାପନ କରୁଛନ୍ତି । କେବେ କୁହାଯାଉଛି ଯେ ପଣ୍ଡିତ ନେହେରୁ ମୁସଲମାନ ଥିଲେ ତ ଆଉ କେବେ କକୁହାଯାଉଛି ଯେ ଯଦି ସର୍ଦ୍ଦାର ବଲ୍ଲଭ ଭାଇ ପଟେଲ ପ୍ରଧାନମନ୍ତ୍ରୀ ହୋଇଥାନ୍ତେ ତେବେ ଦେଶ ଆହୁରି ଅଧିକ ଆଗେଇ ପାରିଥାନ୍ତା । ଏ କଥା ମଧ୍ୟ କୁହାଯାଉଛି ଯେ ପଣ୍ଡିତ ନେହେରୁ କାଶ୍ମୀର ସମସ୍ୟାକୁ ଦୀର୍ଘ ସମୟ ଧରି ଲଟକାଇ ରଖିଥିଲେ । ବିଖଣ୍ଡିତ ଇତିହାସର ଆହୁରି ମଧ୍ୟ ଅନେକ କଥା ଉପସ୍ଥାପନ କରାଯାଉଛି । କିନ୍ତୁ ଏମିତି କୌଣସି ପୁସ୍ତକ ନାହିଁ ଯେଉଁଥିରେ ତଥ୍ୟଭିତ୍ତିରେ ଦେଶ ଏବେ କେଉଁ ଆଡ଼କୁ ଯାଉଛି ବୋଲି ଉଲ୍ଲେଖ କରାଯାଇଛି । ଏଙ୍କ ଦେଶର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଯେଉଁ ଦେଶ (ଭାରତ)ର ପ୍ରଧାନମନ୍ତ୍ରୀ ଅଛନ୍ତି ସେଇ ଦେଶ ପଣ୍ଡିତ ଜବାହରଲାଲ ନେହେରୁଙ୍କ ବେଳେ କେତେ ଭିନ୍ନ ଥିଲା ଆଉ ବର୍ତ୍ତମାନ ଅପେକ୍ଷା ଅବିକଶିତ ଥିଲା ସେ କଥା କେହି ବୁଝିବାକୁ ନାରା । ରଶିଦ୍ କିଦ୍‌ୱାଇ ଏକ ପୁସ୍ତକ ରଚନା କରିଛନ୍ତି । ପୁସ୍ତକଟିର ନାମ ହେଉଛି 'ଭାରତ କେ ପ୍ରଧାନମନ୍ତ୍ରୀ-ଦେଶ, ଦଶା ଔର ଦିଶା' । ଦେଶର ପ୍ରଧାନମନ୍ତ୍ରୀମାନଙ୍କ ବାବଦରେ ଏହି ପୁସ୍ତକଟିରେ ଅନେକ ତଥ୍ୟ ରହିଛି । ରଶିଦ୍ କିଦ୍‌ୱାଇ ହେଉଛନ୍ତି ଜଣେ ପ୍ରତିଷ୍ଠିତ ସାମ୍ବାଦିକ ଏବଂ ରାଜନୈତିକ ବିଶ୍ଳେଷକ ।

ରଶିଦ୍ କିଦ୍‌ୱାଇ ତାଙ୍କ ପୁସ୍ତକରେ ତଥ୍ୟ ସହିତ ଇତିହାସର ତ୍ରୁଟିକୁ ମଧ୍ୟ ଉଲ୍ଲେଖ କରିଛନ୍ତି । ପ୍ରଥମ ଅଧ୍ୟାୟରେ ସେ ପଣ୍ଡିତ ନେହେରୁଙ୍କ ସମ୍ପର୍କରେ ଲେଖିଛନ୍ତି । ନେହେରୁ କାଶ୍ମୀରର ପଣ୍ଡିତ ପରିବାରରେ ଜନ୍ମଗ୍ରହଣ କରିଥିଲେ । ୧୭୧୬ରେ ଏହି କାଶ୍ମୀର କୌଲ ପରିବାରକୁ ତତ୍କାଳୀନ ବାଦଶାହା ଦିଲ୍ଲୀ ଡକାଇ ଆଣିଥିଲେ । ସେମାନେ ଦିଲ୍ଲୀରେ ବସବାସ କଲେ । ଏହି ପରିବାର ଦିଲ୍ଲୀରେ ଯେଉଁଠାରେ ରହୁଥିଲେ ସେଠାରେ ଏକ ନେହର (ନହର ବା ନାଳ) କହୁଥିଲା । ଏଣୁ କୌଲ ପରିବାର ନେହର ବାଲା ଓ ପରବର୍ତ୍ତୀ ପର୍ଯ୍ୟାୟରେ ନେହେରୁ ବୋଲି ପରିଚିତ ହେଲେ । ପଣ୍ଡିତ ନେହେରୁ ଜର୍ଜ ବର୍ଣ୍ଣାଡ ଶ'ଙ୍କ ଭଳି ପ୍ରଖ୍ୟାତ ଲେଖକ ଓ ଚିନ୍ତକଙ୍କ କଥାରୁ ଲାଭାନ୍ୱିତ ହୋଇଥିଲେ ଏବଂ ଫ୍ରେଡରିକ ନିତ୍ସେଙ୍କ ଦର୍ଶନରେ ଅନୁପ୍ରାଣିତ ହୋଇଥିଲେ । ୧୯୧୮ରେ ସେ ଗାନ୍ଧୀଙ୍କ ସହଯୋଗୀ ଭାବେ ସ୍ୱାଧୀନତା ଆନ୍ଦୋଳନରେ ଯୋଗ ଦେଇଥିଲେ । ନେହେରୁ ଡିସ୍କଭରି ଅଫ୍ ଇଣ୍ଡିଆ ନାମକ ଏକ ପୁସ୍ତକ ଲେଖିଛନ୍ତି । ୧୯୪୭ ମସିହା ଅଗଷ୍ଟ ୧୫ ତାରିଖରେ ଯେତେବେଳେ ଦେଶ ସ୍ୱାଧୀନ ହେଲା ସେତେବେଳେ ନେହେରୁ ଦେଶର ପ୍ରଥମ ପ୍ରଧାନମନ୍ତ୍ରୀ ହୋଇଥିଲେ । ନେହେରୁଙ୍କ ଚିନ୍ତା, ତାଙ୍କର ଦୃଷ୍ଟିକୋଣ, ତାଙ୍କର ଉପଲବ୍ଧି ସବୁକିଛି କିଦ୍‌ୱାଇ ଉଲ୍ଲେଖ କରିଛନ୍ତି । ନେତାଜୀ ସୁବାସ ଚନ୍ଦ୍ର ବୋଷ ଏବଂ ସର୍ଦ୍ଦାର ପଟେଲଙ୍କ ସହ ନେହେରୁଙ୍କର ସମ୍ପର୍କ କେମିତି ଥିଲା ସେ କଥା ମଧ୍ୟ ବିସ୍ତାର ଭାବେ ଉଲ୍ଲେଖ କରାଯାଇଛି । ସେ ସମୟରେ ଦେଶର ସାକ୍ଷରତା ହାର ୧୨ ପ୍ରତିଶତ ଥିଲା ଯାହା ୨୦୨୦ ବେଳକୁ ୭୪.୩୭ରେ ପହଞ୍ଚିଛି । ଦେଶର ନାଗରିକମାନଙ୍କର ଆୟୁ ସାଧାରଣ ଭାବେ ୩୨ ବର୍ଷ ଥିଲା ଯାହା ୨୦୨୦ ବେଳକୁ ୬୮.୫ ହୋଇଯାଇଛି । କେମ୍ବ୍ରିଜ ଭଳି ବିଶ୍ୱର ପ୍ରତିଷ୍ଠିତ ଶିକ୍ଷା ସଂସ୍ଥାନର ଐତିହାସିକ ଆଗସ ମେଡିସନ ଗବେଷଣା ପରେ ଯାହା ଲେଖିଛନ୍ତି ତାହା ହେଉଛି ବିଶ୍ୱର ଅର୍ଥ ବ୍ୟବସ୍ଥାରେ ଭାରତର ଭାଗିଦାରୀ ୧୭୦୦ରେ ୟୁରୋପ ସହ ପ୍ରାୟତଃ ସମାନ ଥିଲା । ଅର୍ଥାତ ୧୭୦୦ ବେଳେ ବିଶ୍ୱସ୍ତରର ଅର୍ଥବ୍ୟବସ୍ଥାରେ ୟୁରୋପର ଭାଗିଦାରୀ ୨୩.୩ ଥିଲା ଓ ଭାରତର ଭାଗିଦାରୀ ୨୨.୬ ପ୍ରତିଶତ ଥିଲା । କିନ୍ତୁ ୧୯୫୨ରେ ଏହି ଭାଗିଦାରୀ ହ୍ରାସ ପାଇ ୩.୮ ପ୍ରତିଶତରେ ରହିଯାଇଥିଲା । ଏଥିରୁ ସ୍ପଷ୍ଟ ଯେ ନେହେରୁ ଯେତେବେଳେ ପ୍ରଧାନମନ୍ତ୍ରୀ ହେଲେ ସେତେବେଳେ ଭାରତର ସ୍ଥିତି ଓ ଅବସ୍ଥା କ'ଣ ଥିଲା । କିନ୍ତୁ ନେହେରୁ ଆଧୁନିକ ଉଦ୍ୟୋଗ ଜରିଆରେ ଦେଶର ବୁନିଆଦୀ ଢାଞ୍ଚାକୁ ଉତ୍ତମ ଢଙ୍ଗରେ ବିକଶିତ କରିଥିଲେ । ନେହେରୁ ନିଜର ଚିନ୍ତା ଓ ମାନସିକତା ଆଧାରରେ ଦେଶର କୂଟନୈତିକ ବ୍ୟବସ୍ଥା, ଶିକ୍ଷା ଓ ବିଜ୍ଞାନର ପ୍ରଗତି ପାଇଁ ଅନେକ ପଦକ୍ଷେପ ନେଇଥିଲେ । ଏଥିରୁ ନେହେରୁଙ୍କ ଦୂରଦୃଷ୍ଟି ସ୍ପଷ୍ଟ ଜଣାପଡ଼େ । ଏଥିରୁ ମଧ୍ୟ ସ୍ପଷ୍ଟ ଯେ ନେହେରୟୁ ଦେଶକୁ କେଉଁ ଦିଗକୁ ବା ସ୍ଥିତିକୁ ନେବାକୁ ଚାହୁଁଥିଲେ ।

ପୁସ୍ତକଟିରେ ନେହେରୁଙ୍କ ପରେ ଗୁଲଜାରିଲାଲ ନନ୍ଦା, ଲାଲବାହାଦୂର ଶାସ୍ତ୍ରୀ, ଇନ୍ଦିରା ଗାନ୍ଧୀ, ମୋରାରଜି ଦେଶାଇ, ଚରଣ ସିଂହ, ରାଜୀବ ଗାନ୍ଧୀ, ବିଶ୍ୱନାଥ ପ୍ରତାପ ସିଂହ, ଚନ୍ଦ୍ରଶେଖର, ପିଭି ନରସିଂହ ରାଓ, ଏଚଡି ଦେବେଗୌଡ଼ା, ଇନ୍ଦ୍ର କୁମାର ଗୁଜରାଲ, ଅଟଳ ବିହାରୀ ବାଜପେୟୀ ଓ ଡକ୍ଟର ମନମୋହନ ସିଂହଙ୍କ ବାବଦରେ ଲେଖିବା ସହ ନରେନ୍ଦ୍ର ମୋଦୀଙ୍କ ବାବଦରେ ମଧ୍ୟ ଅନେକ ତଥ୍ୟ ଉଲ୍ଲେଖ କରିଛନ୍ତି । ରଶିଦ କିଦ୍‌ୱାଇ ସବୁ ପ୍ରାନମନ୍ତ୍ରୀଙ୍କ ବାବଦରେ ଉଲ୍ଲେଖ କରି ଆକଳନ ମଧ୍ୟ କରିଛନ୍ତି । ଆକଳନ ବେଳେ ସେ ପକ୍ଷପାତ କରିଛନ୍ତି ବୋଲି ତାଙ୍କ ଲିଖିତ ପୁସ୍ତକଟି ପଢ଼ିଲେ କେହି କହିପାରିବେ ନାହିଁ । ୨୦୧୪ ଏବଂ ୨୦୧୯ର ଲୋକସଭା ନିର୍ବାଚନରେ ମୋଦୀ ଜଣେ ଭଲ ବକ୍ତା ଭାବେ ସାମ୍ନାକୁ ଆସିଥିଲେ । ପ୍ରଧାନମନ୍ତ୍ରୀ ହେବା ପରଠାରୁ ସେ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ଏଜେଣ୍ଡାକୁ ନିଷ୍ଠାର ସହ ଲାଗୁ କରାଇବା ପାଇଁ ଉଦ୍ୟମ କରିଛନ୍ତି । ବୈଦେଶିକ ନୀତି ହେଉ ବା ରାମ ମନ୍ଦିର ନିର୍ମାଣ ସବୁପାଇଁ ସେ ପ୍ରତିବଦ୍ଧତା ଦେଖାଇଛନ୍ତି । ମୋଦୀ ବେଟି ବଚାଓ-ବେଟି ପଢ଼ାଓ, ନମାମି ଗଙ୍ଗେ, ମେକ୍ ଇନ୍ ଇଣ୍ଡିଆ, ସ୍ୱଚ୍ଛ ଭାରତ ଅଭିଯାନ ଭଳି ଅନେକ ପ୍ରମୁଖ ଅଭିଯାନ ଚଳାଇଛନ୍ତି । ଏକ ଖାସ୍ କଥା ହେଉଛି ମୋଦୀ ସବୁବେଳେ ବିଷମ ପରିସ୍ଥିତିକୁ ବାଛିଛନ୍ତି କିନ୍ତୁ ମୋଦୀଙ୍କ ସବୁ ଯୋଜନା ସବୁବେଳେ ବିବାଦ ଘେରରେ ରହିଛି । ତାଙ୍କ ସମୟରେ ଦଳିତ ଓ ସଂଖ୍ୟାଲଘୁଙ୍କ ଉପରେ ଉତ୍ପୀଡ଼ନ ବଢ଼ିଛି, ଗୋରକ୍ଷା ନାମରେ ମବ୍ ଲିଞ୍ଚିଂ ଭଳି ଘଟଣା ଘଟିଛି, ସାମାଜିକ ସଦ୍‌ଭାବର କ୍ଷରଣ ହୋଇଛି ଓ ଗଣମାଧ୍ୟମ ଉପରେ ଚାପ ମଧ୍ୟ ବଢ଼ିଛି । ଅନେକ ପ୍ରସଙ୍ଗରେ ମୋଦୀଙ୍କୁ ଘୋର ସମାଲୋଚନାର ଶିକାର ହେବାକୁ ପଡ଼ିଛି ବୋଲି କିଦ୍‌ୱାଇ ଉଲ୍ଲେଖ କରିଛନ୍ତି । ନାଗରିକତା ସଂଶୋଧନ ଆଇନ, କୃଷି ଆଇନ, କରୋନା ସମୟରେ ବିଶେଷ ବ୍ୟବସ୍ଥା ନକରି ଲକ୍‌ଡାଉନ୍ ଘୋଷଣା, କରୋନା ଆକ୍ରାନ୍ତଙ୍କ ଚିକିତ୍ସାରେ ଅବ୍ୟବସ୍ଥା, ଅନିୟନ୍ତ୍ରିତ ଦରଦାମ୍ ବୃଦ୍ଧି ଏବଂ ବେରୋଜଗାରୀକୁ ନେଇ ଅନେକ ପ୍ରଶ୍ନ ଉଠିଛି । ମୋଦୀ ସରକାରଙ୍କ ଦ୍ୱାରା ଅଚାନକ ବିମୁଦ୍ରୀକରଣର ଘୋଷଣା ଦେଶର ଅର୍ଥବ୍ୟବସ୍ଥାକୁ ଏକ ବଡ଼ ଝଟ୍‌କା ଦେଇଥିଲା । ଏହାପରେ ଆସିଲା ଜିଏସଟି ଯାହା ଛୋଟ ବ୍ୟବସାୟୀଙ୍କ ବ୍ୟବସାୟକୁ ପ୍ରଭାବିତ କରିଥିଲା । ରାଷ୍ଟ୍ରୀୟ ସଂଖ୍ୟିକୀ ବିଭାଗ ପକ୍ଷରୁ କରାଯାଇଥିବା ଏକ ସର୍ବେକ୍ଷଣ ଅନୁସାରେ ଦେଶର ଅର୍ଥବ୍ୟବସ୍ଥା ଏମିତି ବିଗିଡ଼ି ଯାଇଥିଲା ଯେ ୨୦୧୭-୧୮ ବେଳେ ଭାରତରେ ବେରୋଜଗାରୀ ହାର ୬.୧ ପ୍ରତିଶତ ବଢ଼ିଯାଇଥିଲା । ଏହା ୪୫ ବର୍ଷ ମଧ୍ୟରେ ସର୍ବାଧିକ ବୃଦ୍ଧି ଥିଲା । ଛୋଟ ଏବଂ ସୂକ୍ଷ୍ମ ଉଦ୍ୟୋଗ ବନ୍ଦ ହେବାରେ ଲାଗିଥିଲା । ଦେଶର ଲକ୍ଷଲକ୍ଷ ଲୋକ ତାଙ୍କ ରୋଜଗାର ହରାଇଥିଲେ ।

ମୋଦୀଙ୍କ ବାବଦରେ କିଦ୍‌ୱାଇ ଆହୁରି ଅନେକ କଥା ଲେଖିଛନ୍ତି । ଏଠାରେ ମଧ୍ୟ ଅନେକ ପ୍ରଶ୍ନ ଉଠାଯାଇଛି ଯାହାର ଉତ୍ତର ମୋଦୀ ସରକାର ବା ସରକାରର ମନ୍ତ୍ରୀମାନେ ଦେଉନାହାନ୍ତି । ଏ କଥା ସତ୍ୟ ଯେ ପ୍ରଧାନମନ୍ତ୍ରୀ ମୋଦୀଙ୍କ ବାବଦରେ ଆକଳନ ଭବିଷ୍ୟତରେ ହେବ । କିନ୍ତୁ ତାଙ୍କର କାର୍ଯ୍ୟକାଳ ଜର୍ଜ ଅରବେଲଙ୍କ ବିଶ୍ୱପ୍ରସିଦ୍ଧ ଉପନ୍ୟାସ 'ଆନିମଲ ଫାର୍ମ'କୁ ମନେ ପକାଇ ଦେଉଛି । ଅରବେଲ ତାଙ୍କ ଉପନ୍ୟାସରେ ଲେଖିଛନ୍ତି ଯେ ଯେତେବେଳେ ସମାଜ ଏବଂ ସରକାରଙ୍କର ବିଭିନ୍ନ ଅଙ୍ଗ ଏକ ନିର୍ଦ୍ଦିଷ୍ଟ ବିଚାରଧାରା ଏବଂ ଦୃଷ୍ଟିକୋଣକୁ ଗୁରୁତ୍ୱ ଦେଇଥାଏ ସେତେବେଳେ ସବୁ ଆଦର୍ଶ ଧିରେଧିରେ ଖଣ୍ଡବିଖଣ୍ଡିତ ହୋଇଯାଇଥାଏ । କିଦ୍‌ୱାଇଙ୍କ ପୁସ୍ତକରେ ନେହେରୁ ଏବଂ ମୋଦୀଙ୍କ ବ୍ୟତୀତ ସମସ୍ତ ପ୍ରଧାନମନ୍ତ୍ରୀମାନଙ୍କର ଆକଳନ କରାଯାଇଛି ଯାହା ବର୍ତ୍ତମାନର ସମାଜର ଅତୀତ ଏବଂ ଭବିଷ୍ୟତର ସ୍ପଷ୍ଟ ଚିତ୍ର ପ୍ରଦର୍ଶନ କରୁଛି । ଏହି ପୁସ୍ତକଟିକୁ ପଢ଼ିଲେ ପାଠକ ନିଶ୍ଚୟ ବୁଝିପାରିବେ ଯେ କେଉଁ ପ୍ରଧାନମନ୍ତ୍ରୀ ଦେଶକୁ ମଜଭୁତ କରିଛନ୍ତି ଓ କିଏ ଦେଶକୁ ଦୁର୍ବଳ କରିବାପାଇଁ କାର୍ଯ୍ୟ କରିଛି ।


♥ ରାମଚନ୍ଦ୍ରପୁର, ରଣପୁର

ମୋ-୯୪୩୮୪୮୫୦୯୪





### ଲଜ୍ଜା

**ସୁନନ୍ଦା ମହାନ୍ତି**



ଏକ ଆବରଣ
ବିବେକୀ ଭୂଷଣ
ସାମଗ୍ରିକ ଅନ୍ୱେଷଣ
ମାର୍ଜ୍ଜିତ ପରିବେଷଣ
ଲଜ୍ୟା ଏକ ଆଭୂଷଣ
କେବଳ ନାରୀ ନୁହେଁ
ସାରା ମାନବ ଜାତିର
ପୋଷକ ଓ ପୋଷଣ
ବିରୁଦ୍ଧରେ ଶୋଷଣ
ଅବିଯୋଗରେ ବାକ୍ୟବାଣ
ଅପାରଗତାରେ ଶରଣ
ଶିଖିବାରେ ସନ୍ଧିକ୍ଷଣ
ବଂଚିବାରେ ବତାବରଣ
ଶୃଙ୍ଖଳାରେ ଉଦାହରଣ
ସତ୍ୟର ପରିବେଷଣ
ଶାନ୍ତିର ସମ୍ଭାଷଣ
ମୈତ୍ରୀର ସମୀକରଣ
ପ୍ରୀତିର ଜନମନଗଣ
ଋତୁରେ ପର୍ଯ୍ୟାବରଣ
ଅତିଥି ଅଭ୍ୟାଗତ ବରଣ
ସନ୍ଧିରେ ବିଶ୍ୱକଲ୍ୟାଣ
ଭକ୍ତିରେ ଜଗନ୍ନାଥ ଶରଣ


♥ ସାକ୍ଷୀଗୋପାଳ
ପୁରୀ
ମୋ: ୭୦୦୮୯୪୨୨୧୫


### ଛଳନାର ବାଲିଘର

**ଝରଣା ବାରିକ**

ଭାବି ମୁଁ ନ ଥିଲି ପ୍ରେମ କରିବାଟା
ପାପ ହୋଇଯିବ ଦିନେ,
ପାଗଳୀ ପରି ମୋ ଭଲ ପାଇବାଟା
ଲୁହ ଦେବ କାହା ମନେ।

ଜଳୁଛି ଆଜି ମୁଁ କୁହୁଳି କୁହୁଳି
ଧୂଆଁରେ ଧୋଉଛି ମୁହଁ,
ନିଆଁ ତ ଲାଗିଛି ହୃଦୟ ରେ ମୋର
କେମିତି ଦିଶିବ କୁହ।

ଏତେ ସ୍ୱାର୍ଥପର କେମିତି ସାଜିଲ
ଖେଳୁଥିଲ ପ୍ରେମ ଖେଳ,
ଅଧା ବାଟେ ଆସି ହାତ ଛାଡିଦେଲ
ବୁଡିଗଲା ଆସି ବେଳ।

ଏବେବି ଅପେକ୍ଷା କରିଛି ତୁମକୁ
ନିଶ୍ଚୟ ଫେରିବ ଦିନେ,
ଭଲ ପାଇବାର ମଞ୍ଜି ବୁଣି ଦେଇ
କହୁ ଥିବ ମୋର କାନେ।

ଭଲ ପାଇବା ମୋ ଛଳନା ନ ଥିଲା
ବୁଝି ତୁ ପାରିଲୁ ନାହିଁ,
ବୋହୂ ଟିଏ ହୋଇ ମୋ ଘରକୁ ଯିବୁ
ଜୀବନ ସାଥିଟେ ହୋଇ।


♥ ସମଲ, ତାଳଚେର,
ଅନୁଗୋଳ


### କୋଣାର୍କର ଗାଥା

**ରୀକ୍ଷିରାମ ମେହେର**

କୋଣାର୍କର ଗାଥା ଗାଉଅଛି ଆଜି
ଶୁଣ ମନ ଦେଇ କର୍ଣ୍ଣ
ଶୁଣିଲେ ଜାଣିବ ଇତିହାସ କଥା
ମଉଳିବ ମୁଖ ବର୍ଣ୍ଣ ।

ଲାଙ୍ଗୁଳା ନରସିଂହ ଦେବ ଥିଲେଟି
ଉତ୍କଳ ମଉଡ଼ ମଣି
ସ୍ୱପ୍ନାଦେଶେ ଆସିଲେ ସୂର୍ଯ୍ୟ ଦେବତା
ରାଜାଙ୍କୁ କହିଲେ ପୁଣି ।

ଚନ୍ଦ୍ରଭାଗା ମୁହାଣେ ମନ୍ଦିର ତୋଳ
ମୋର ପୂଜା ବିଧି ପାଇଁ
ପ୍ରଥମ କିରଣ ମୋହର ପଡିବ
ମୁଖ୍ୟ ଦ୍ୱାର ଥିବ ତହିଁ ।

ଶିବେଇ ସାନ୍ତରାକୁ ଦେଲେ ଆଦେଶ
ମନ୍ଦିରର କାରୁକାର୍ଯ୍ୟ
ବାର ଶ ବଢ଼େଇ ହେଲେ ନିୟୋଜିତ
ବିଶୁ ମହାରଣା ମୁଖ୍ୟ ।

ମନ୍ଦିର ଉଠିଲା ସମ୍ପୂର୍ଣ୍ଣ ଉପରେ
ବାକିଥିଲା ମୁଣ୍ଡି ମରା
ବାରମ୍ବାର ମୁଣ୍ଡି ମାରୁଥିଲେ ବିଷ୍ଣୁ
ହେଲା ନାହିଁ ମୁଣ୍ଡି ପୁରା ।

ଚାହୁଁ ଚାହୁଁ ଦିନ ଗଡିଲାଣି କେତେ
ପୁରିଲାଣି ବାର ବର୍ଷ
ତଥାପି ମନ୍ଦିର କାମ ସରୁ ନାହିଁ
ଚାଲିଛି କେତେ ସଂଘର୍ଷ ।

ରାଜା ନରସିଂହ ଦେଲେ ଚେତାବନୀ
ମୁଣ୍ଡି ଚୂଳ କାର୍ଯ୍ୟ ପାଇଁ
ସୂର୍ଯ୍ୟୋଦୟ ପୂର୍ବରୁ ଚୂଳ ନ ହେଲେ
ମୁଣ୍ଡ କାଟ ହେବ ତହିଁ ।

ଏଣେ ଧରମା ମାତାଙ୍କ ପାଶେ ଯାଇ
ନିତିଦିନ କରେ ଅଳି
ପିତାକୁ ଭେଟିବେ କୋଣାର୍କ ବେଢାରେ
ମାତା ହେଲେ ନିଜେ ଭାଳି ।

ଜନମ ଦିନରୁ ଧରମା ଜାଣିନି
କିଏ ତାଙ୍କ ଜନ୍ମଦାତା
ବିଷ୍ଣୁ ମହାରଣା ପୁଅକୁ ଦେଖିନି
ଜାଣେ ନାହିଁ ଜନ୍ମ କଥା ।

ଧରମାକୁ ଡାକି ବରକୋଳି ଦେଇ
କହି ଦେଲ ଗୁପ୍ତ କଥା
ବରକୋଳି ଖାଇ ଜାଣିବେ ତୁମକୁ
ଚିହ୍ନିବେ ତୁମର ପିତା ।

ଖୋଜି ଖୋଜି ଯାଇ ପହଞ୍ଚିଲା ସିଏ
କୋଣାର୍କର ମୁହାଣରେ
ବରକୋଳି ଖାଇ ଚକିତ ହୋଇଲେ
ବଢ଼େଇ ଯେତେ ସେଠାରେ ।

କହିଲେ ବରକୋଳି ତୁମ ବାଡିର
ଶୁଣ ବିଷ୍ଣୁ ମହାରଣା
ତାହା ଶୁଣି ବିଷ୍ଣୁ ଚକିତ ହୋଇଲେ
ଗୁପତ ପଡିଲା ଜଣା ।

ବରକୋଳି ଖାଇ ପୁଅକୁ ଚିହ୍ନିଲେ
ପୁଅକୁ ନେଲେ କୋଳେଇ
ବିହ୍ୱଳିତ ହୋଇ ବିଷ୍ଣୁ ମହାରଣା
କାନ୍ଦିଲେ ଲୁହ ଝରେଇ ।


♥ ସାନପୋଡ଼ାଗୁଡା
କୋକସରା, କଳାହାଣ୍ଡି
ମୋ: ୭୭୩୫୯୪୬୨୯୧


### ମନଚୋର

**ବିନୟ ମିଶ୍ର**

ଯାଉଛି କରିବି ଚୋରି ଆରେ ଭାଇ ଯାଉଛି କରିବି ଚୋରି,
ହରେକୃଷ୍ଣ ଭାଇ ସାଙ୍ଗରେ ଯିବି ମୁଁ
ସଙ୍ଗେ ଥିବେ ଭାଇ ହରି।

ତ୍ରିବେଣୀ ଅମାସ୍ୟା ରାତି ଅଧେ ଯିବୁ ଆକାଶେ ପଞ୍ଚମୀ ଚାନ୍ଦ,
କୁଆଁର ପୁନେଇଁ ଅନ୍ଧାରରେ ଥିବୁ ନବଦୁଆରକୁ ରୁନ୍ଧ
ପାହାନ୍ତାରେ ଚୋର ଧରା ହେବ ପରା ଯିବ ସିନ୍ଧି ବାଟ କରି ।
ଯାଉଛି କରିବି ଚୋରି.....

ଦୁଇ ଶ ପଚାଶ ସାଇ ପଡିଶା ଯେ ଭାଙ୍ଗି ଚୌରାଳିଶି ଘର,
ସାତ ଶ ବାସ୍ତରୀ ନାଳ ଡେଇଁ ଗଲେ ପଡିବ ଚଉଦ୍ୱାର,
ଛଅ ମାଇଲିକୁ ଚକଟି ମାଧବ
ଘର ହୋଇଯିବୁ ପାରି ।
ଯାଉଛି କରିବି ଚୋରି.....

ଯାଦବ ଭାଇକୁ ଯାଦୁ ହୋଇଅଛି ଖସ ଖସ ରାମ୍ପି ହୁଏ,
ପଦ୍ମନାଭ ଭାଇ ମଦ ପିଇ ଗଡେ ସଂଗେ ନ ଯିବ ଟି ସିଏ,
ଅଚ୍ୟୁତିଆ ସାଙ୍ଗ,ଗୋବିନ୍ଦ ଅମଙ୍ଗ, କିଏ ବା କରିବ ପାରି।୩।
ଯାଉଛି କରିବି ଚୋରି.....


♥ ନିଆଳ, ଖୋର୍ଦ୍ଧା

## ମିନା ଅପାଙ୍କ ରାମାୟଣ ଟୁଙ୍କି (୩୩)

# ବନବାସରେ ରାମ, ଲକ୍ଷ୍ମଣ ଓ ଜାନକୀ



କାର୍ତ୍ତିକ ସାଇଁ



(ପୂର୍ବ ପ୍ରକାଶିତ ଉତ୍ତାରୁ)

ରାମ, ଲକ୍ଷ୍ମଣ, ସୀତା ରଥରେ ବସି ବନବାସ ଲାଗି ଯାତ୍ରା ଆରମ୍ଭ କଲେ। ରଥ ଚାଳକ ଥିଲେ ରାଜା ଦଶରଥଙ୍କ ମନ୍ତ୍ରୀ ସୁମନ୍ତ। ତାଙ୍କ ବନବାସ ଯାତ୍ରା ଦେଖି କାନ୍ଦିବା ଆରମ୍ଭ କରିଦେଇଥିଲେ ଅଯୋଧ୍ୟା ନଗରୀର ଲୋକମାନେ। ରଥ ପଛରେ ଚାଲୁଥିଲେ ସେମାନେ। ରଥର ବେଗ ଅଧିକ ହେବାର ରାଜା ଦଶରଥ, ମାତା କୌଶଲ୍ୟା ଓ ସୁମିତ୍ରା ପଛରେ ରହିଗଲେ। ମାତ୍ର ଅଯୋଧ୍ୟାର ନରନାରୀ ରଥର ଅନୁସରଣ କରିଥିଲେ।

ଅଯୋଧ୍ୟା ନଗରୀର ରାଜ ଭବନରେ ଦୁଃଖର କଳାବାଦଲ। ରାଜା ଦଶରଥ ଦୁଃଖରେ ଭାଙ୍ଗି ପଡ଼ିଥିଲେ। ମାତା କୌଶଲ୍ୟାଙ୍କ ଅବସ୍ଥା ମଧ୍ୟ ତଦନୁରୂପ ଥିଲା। ବିଧିର ବିଧାନ- କେ



କରିବ ଆନ। ରାମଙ୍କର ବନବାସ ଯିବାର ଥିଲା। ତାକୁ ବଦଳେଇ ଥାନ୍ତା କିଏ।

ସୁମନ୍ତ ରଥର ବେଗ ବଢ଼ାଇଥିଲେ। ଅଯୋଧ୍ୟାର ପୁରବାସୀ ମଧ୍ୟ ତାଙ୍କ ଦୌଡ଼ ଆରମ୍ଭ କରିଥିଲେ। ରଥକୁ କିଛି ସମୟ ଅଟକାଇ ରାମଚନ୍ଦ୍ର ପୁରବାସୀଙ୍କୁ ବୁଝାଇଥିଲେ। ମାତ୍ର ସେମାନଙ୍କର ଏକା ଜିଦ୍- ରାମଚନ୍ଦ୍ର ଅଯୋଧ୍ୟାକୁ ଫେରି ଚାଲନ୍ତୁ।

ଅଯୋଧ୍ୟା ନରନାରୀଙ୍କ ଭକ୍ତି ପ୍ରେମ ଥିଲଣ ଦୃଢ଼। ମାତ୍ର ରାମଚନ୍ଦ୍ର ପିତୃସତ୍ୟ ପାଳିବାକୁ ପ୍ରତିଜ୍ଞା କରିଛନ୍ତି। ତେଣୁ ଚଉଦବର୍ଷ ଆଗରୁ ଅଯୋଧ୍ୟାକୁ ଫେରିବାର ପ୍ରଶ୍ନ ଉଠୁନଥିଲା।

ରାମଚନ୍ଦ୍ର, ମା ସୀତା ଓ ଲକ୍ଷ୍ମଣ ତମସା ନଦୀ କୂଳରେ ପହଂଚି ଯାଇଥିଲେ। ସେଠାରେ ରାତ୍ରି ଯାପନ କରିବାକୁ ଶ୍ରୀରାମ ସ୍ଥିର କଲେ। ଲକ୍ଷ୍ମଣ ସଂଗେ ସଂଗେ ଜଙ୍ଗଲରୁ କିଛି ଫଳମୂଳ ସଂଗ୍ରହ କରି ଆଣିଲେ। ବୃକ୍ଷମାନଙ୍କ ପତ୍ର ଦ୍ୱାରା ଏକ ଶଯ୍ୟା ପ୍ରସ୍ତୁତ କଲେ। ରାମ ଓ ସୀତା କିଛି ଫଳ ଭୋଜନ କରି ଶନୟ କଲେ। ଲକ୍ଷ୍ମଣ ସଜାଗ ପ୍ରହରୀ ହୋଇ ସେ ଯାଗାକୁ ଜଗି ରଖିଲେ।

ଶ୍ରୀରାମଙ୍କ ଅନୁଧାବନ କରିଥିବା ପ୍ରଜାମାନେ ମଧ୍ୟ ଏ ସବୁ ଦେଖିଲେ। ସେମାନେ ମଧ୍ୟ ପତ୍ରର ଶଯ୍ୟା କରି ସେଠାରେ ଶୟନ କଲେ। ନିଜ ଆଖିରେ ସେମାନେ ତାଙ୍କ ପ୍ରିୟ ଯୁବରାଜ ରାମଚନ୍ଦ୍ରଙ୍କୁ ଭୂମି ଉପରେ ପତ୍ର ଶଯ୍ୟାରେ ଶୋଇବାର ଦେଖିଲେ।

ସମୟର ଖେଳ ବିଚିତ୍ର। କାଲି ଯେ ରାମଚନ୍ଦ୍ର ଆଜି ସେ ଦାଣ୍ଡରେ ଭିକାରି ଏପରି ଉକ୍ତି ଅଛି। ଆଜି ରାମଚନ୍ଦ୍ରଙ୍କର ରାଜ୍ୟ ଅଭିଷେକ ହେବା କଥା ମାତ୍ର ସେ ଏବେ ବନବାସ ଯାତ୍ରାରେ।

ରାତ୍ରିର ଦୁଇ ପ୍ରହର ବିତି ଯାଇଥିଲା। ରାମଚନ୍ଦ୍ର ଉଠିପଡ଼ିଲେ ଓ ମା ସୀତାଙ୍କୁ ଉଠେଇ ଦେଲେ। ମନ୍ତ୍ରୀ ସୁମନ୍ତ ଓ ଲକ୍ଷ୍ମଣଙ୍କୁ କହିଲେ- ଆମେ ଆଜଜି ରାତିରେ ଏଠାରୁ ପଳାଇଯିବା। ପ୍ରଥରେ ରଥ ଅଯୋଧ୍ୟା ଦିଗରେ ଚାଲୁ। କିଛି ବାଟ ପରେ ଆମେ ବାଟ ଭାଂଗି ଗଙ୍ଗାନଦୀ କୂଳକୁ ଚାଲିଯିବା। ସକାଳେ ପ୍ରଜାମାନେ ବୁଝିବେ ଆମେ ଅଯୋଧ୍ୟାକୁ ଫେରି ଯାଇଛେ। ସେମାନେ ଅଯୋଧ୍ୟାକୁ ଫେରିଯିବେ। ରାମଙ୍କ କହିବା ଅନୁସାରେ ସୁମନ୍ତ ରଥକୁ କିଛି ବାଟ ଅଯୋଧ୍ୟା ଦିଗରେ ନେଲେ। ସେଠାରୁ ବାଟ ବଦଳାଇ ସେମାନେ ଗଙ୍ଗାନଦୀ ଆଡ଼କୁ ଯାତ୍ରା କଲେ।

ସକାଳେ ରାମଙ୍କ ରଥକ ଅନୁସରଣ କରି ଆସିଥିବା ଅଯୋଧ୍ୟାର ଲୋକମାନେ ରାମ, ଲକ୍ଷ୍ମଣ, ଜାନକୀ ଓ ରଥକୁ ନପାଇ ବିଚଳିତ ହୋଇପଡ଼ିଲେ। ମାତ୍ର ରଥର ଖୁରା ଚିହ୍ନ ସେମାନେ ଅଯୋଧ୍ୟା ଆଡ଼କୁ ପଡ଼ିଥିବାର ଦେଖିଲେ। ସେମାନେ ଭାବିଲେ ଶ୍ରୀରାମ ଅଯୋଧ୍ୟାକୁ ଫେରିଯାଇଛନ୍ତି। ତେଣୁ ସେମାନେ ମଧ୍ୟ ଅଯୋଧ୍ୟାକୁ ଫେରିଗଲେ।

ଅଯୋଧ୍ୟାରେ ପହଂଚି ସେମାନେ ରାମ, ଲକ୍ଷ୍ମଣ ଓ ସୀତାଙ୍କୁ ପାଇନଥିଲେ। ଦୁଃଖରେ ସେମାନେ ରୋଦନ କରିବାକୁ ଆରମ୍ଭ କଲେ।

ଅଯୋଧ୍ୟାରେ ଦଶରଥଙ୍କ ଅବସ୍ଥା ବହୁତ ଖରାପ ଥିଲା। ରାମଙ୍କୁ ନ ଦେଖି ସେ ବିକଳରେ ରୋଦନ କରୁଥିଲେ। ମଝିରେ ମଝିରେ ରାଣୀ କୈକେୟୀଙ୍କୁ ଭର୍ତ୍ସନା କରୁଥିଲେ।

ସମୟରେ ଖେଳ ଥିଲା ସେପରି। ମଣିଷ ହାତରେ କଣ ଅଛି ?

ରାତିରେ ରାମଙ୍କ ରଥ ଚାଲିଥିଲା। ସକାଳ ହେବାମାତ୍ରେ ସେମାନେ ସ୍ନାନାଦି କାମ ସାରିଲେ। ପଥରେ ବେଦଶ୍ରୁତି ନଦୀ, ଅଗସ୍ତି ବନ ଆସିଲା। ସେ ସବୁ ପାର ହେଲାପରେ ଗୋମତୀ ନଦୀ ଓ ଅନ୍ୟ ବଣ ପାର ହୋଇ ଶେଷକୁ ସେମାନେ ସରଯୂ ନଦୀ କୂଳରେ ପହଂଚିଲେ। ସେଠାରେ ସେମାନେ ମୃଗୟା କଲେ ଓ କିଛି ସମୟ ବିଶ୍ରାମ ପରେ ତାଙ୍କ ଯାତ୍ରା ଜାରି ରଖିଲେ।

ଗଙ୍ଗା ନଦୀକୂଳରେ ମିତ୍ର ଗୁହକଙ୍କ ସହିତ ସାକ୍ଷାତ: ଯାତ୍ରାକାଳରେ ଶ୍ରୀରାମ, ଲକ୍ଷ୍ମଣ ଓ ସୀତା ବନଶୋଭା ଦର୍ଶନରେ ବିମୁଗ୍ଧ ହୋଇଥିଲେ। ରାଜ୍ୟ ଛାଡ଼ି ଯିବାର ଦୁଃଖ ପ୍ରବଳ ଥିଲା। ମାତ୍ର ମନକୁ ସାମାନ୍ୟ ଖୁସି ଦେଉଥିଲା ବନର ଅପୂର୍ବ ଶୋଭା।

ସେମାନେ ଗଙ୍ଗା ନଦୀ କୂଳରେ ପହଂଚିଗଲେ। ଗଙ୍ଗା ନଦୀକୂଳରେ ଶ୍ରୀରାମଙ୍କ ମିତ୍ର ଶବର ରାଜା ଗୁହକଙ୍କ ଘର। ତାଙ୍କ ପାଖରେ ଶ୍ରୀରାମଙ୍କ ଆସିବା ଖବର ପହଂଚିଗଲା। ସେ ସଂଗେ ସଂଗେ ଖାଦ୍ୟ ପଦାର୍ଥ ଧରି ଶ୍ରୀରାମଙ୍କ ପାଖରେ ପହଂଚିଗଲେ।

ମିତ୍ର ଗୁହକ ଶବରଙ୍କୁ ଦେଖି ଶ୍ରୀରାମ ବହୁତ ଖୁସି ହେଲେ ଓ ଦୁଇ ମିତ୍ର ପରସ୍ପରଙ୍କୁ କିଛି ସମୟ ଆଲିଙ୍ଗନରେ ରଖିଲେ। ସେ ଦୃଶ୍ୟ ଥିଲା ଦୁର୍ଲଭ ଦୃଶ୍ୟ। ପ୍ରଭୁ ଶ୍ରୀରାମ ମିତ୍ର ଶବରକୁ ଯେପରି ଆଲିଙ୍ଗନ ଦେଲେ ଭଗବାନ ମଧ୍ୟ ନିଜ ଭକ୍ତକୁ ସେପରି ଆବୋରି ବସନ୍ତି।

ଦୁଇ ମିତ୍ର ତାଙ୍କ କଥାବାର୍ତ୍ତା ଆରମ୍ଭ କଲେ। ରାମଙ୍କ ବନବାସ କଥା ଶୁଣି ମିତ୍ର ଗୁହକ ବହୁତ ଦୁଃଖୀ ହେଲେ, ମାତ୍ର ମିତ୍ରଙ୍କ ପିତୃ ଭକ୍ତିର ପ୍ରଶଂସା କଲେ। ଏତିକି କହି ମିନା ଅପା ସେଦିନର ରାମାୟଣ କଥା ଏଇଠି ରଖିଲେ।

(କ୍ରମଶଃ)


♥ (ମୋ) ୯୯୮୦୩୦୦୭୫୧


---

କବିତା

ତୁମ ପାଇଁ

# ଆସ ଗଣି ଗଣି ଗୀତ ଗାଇବା

ଗୌରୀ ମେହେର

ଏକ–
ଆମେ ନୋହୁଁ ଖାଲି ପିଲା ଲୋକ
ଏ ମାଟିର ମୁଲ ସବୁଠୁ ଅଧିକ
ଆମେ ରଖିବୁ ତାହାରି ଟେକ ।

ଦୁଇ–
ଆମେ ଅଟୁ ସବୁ ଭାଇ ଭାଇ
ଆମ କାର୍ଯ୍ୟେ ଆମେ ସହାୟ ହୋଇ
ସବୁଦିନ ରହିବୁ ହସି ହସି, ନାଚି ଗାଇ ।

ତିନି–
ସଭିଂକ ମନ କଥା ଆମେ ଜାଣି
ଖୁସି ଦେବୁ ବା ି, ହସ ଦେବୁ ବୁଣି,
ଆମେ ଲେଖିବୁ ନୂଆ କାହାଣୀ ।

ଚାରି–
ଜୀବନେ ଯିବାନି କେବେ ହାରି,
ଗୁରୁଜନ ପାଦେ ସଦା ଭକ୍ତି କରି,
ଆମ ସବୁଦିନ ଯାଉ ସରି ।

ପାଂଚ–
ଆମେ ଖାଇବା ନାହିଁ ଲାଂଚ,
କରିବାନି ଆମେ ଭାବ ଉଚ୍ଚ ନିଚ୍ଚ,
ଗଢିବା ଭାରତ ସୁନ୍ଦର ସ୍ୱଚ୍ଛ ।

ଛଅ–
ଆମେ ଏ ପବିତ୍ର ମାଟିର ପୁଅ ଝିଅ,
ଏ ମାଟି ପାଇଁ ବୀର ବୁହାଇଲେ ରକ୍ତ ସୁଅ
ଆମେ ବି ପୋଛିବୁ ମାଁ ଆଖି ଲୁହ ।

ସାତ–
ପରିବେଶ, ଜଂଗଲ ରଖିବା ସୁରକ୍ଷିତ
ସବୁ ଔଷଧ, ଜିବିକା, ଜଂଗଲରୁ ଜାତ
ଗଛ ଲଗେଇ ଗଢିବା ସୁସ୍ଥ ଭାରତ ।



ଆଠ–
ମନ ଲଗାଇ ପଢିବା ଆମେ ପାଠ
ବାପା ମାଁ କଥା ମାନି ଚାଲିବା ଭଲ ବାଟ
ଗୁରୁ କଥା ମାନି ହେବାରେ ଉ ମ ଚାଟ ।

ନଅ–
ବାପା ମାଆ ଆମରି ଅସଲି ଦିଅଁ
ତାଙ୍କରି ସେବାରେ ସଦା କରି ଲୟ
ଏ ଜନମ କରିବା ରେ ଆମେ ଧନ୍ୟ ।

ଦଶ–
ଆମ ସ୍ୱାସ୍ଥ୍ୟ ଆମ ଧନ, ଯଶ
ନିତି ବ୍ୟାୟାମ କରି ହଟେଇବା ରୋଗ, କ୍ଲେଶ
ସୁସ୍ଥ, ସୁନ୍ଦର ରହିବା ଆମେ ବରଷ ବରଷ ।


ଗମ୍ଭାରୀଗୁଡା, ନୂଆପଡା


---

# ବର୍ଣ୍ଣବୋଧରେ ନୀତି ଶିକ୍ଷା

ଅମରନାଥ ବାରିକ୍

ଅ ଅଳସୁଆ ହେବ ନାହିଁ ଜୀବନେ
ଆ ଆଦର କରିବେ ତୁମକୁ ଜନେ ।
ଇ ଇହଧାମେ ନିତି ପୂଜି ଶାରଦା
ଈ ଈଶ୍ୱରଙ୍କୁ ଭକ୍ତି କରିବ ସଦା ।
ଉ ଉଠିବ ଶେଯରୁ ଯେତେ ସଅଳ
ଊ ଊଣା ହେବ ନାହିଁ ଆୟୁଷ ଫଳ ।
ଋ ଋଣ ନେବ ନାହିଁ କେବେ ଜୀବନେ
ୠ ଋଷି ମୁନୀ ଲେଖିଛନ୍ତି ପୁରାଣେ ।
ଏ ଏମିତି ଜୀବନଚର୍ଯ୍ୟା ପାଳିଲେ
ଐ ଐଶ୍ୱର୍ଯ୍ୟ ଲଭିବ ନିଶ୍ଚୟ ପିଲେ ।
ଓ ଓଁକାର ଶବଦ ଜପିବ ନିତି
ଔ ଔଷଧ ପ୍ରମାଣେ ଜଗତ ଜିତି।
କ କଥା କହୁଥିବ ମଧୁର ସ୍ୱରେ
ଖ ଖଳ ପ୍ରକୃତିରୁ ରହିବ ଦୂରେ ।
ଗ ଗଗନ ସଦୃଶ ହୁଅ ନିର୍ମଳ
ଘ ଘେନ ରାମ କୃଷ୍ଣ ନାମ ଯୁଗଳ ।
ଙ ଡର ରଖିଥିବ ପାପ କର୍ମକୁ
ଚ ଚଳିବ ତେବେଟି ସ୍ୱର୍ଗ ଧାମକୁ ।
ଛ ଛଳନା ନକଲେ କାହା ସାଥିରେ
ଜ ଜାଗା ମିଳିଯିବ ବୈକୁଣ୍ଠପୁରେ ।
ଝ ଝଗଡ଼ା ଝାମେଲା ନକଲେ କେବେ
ଞ ଜ୍ଞାନୀ ବୋଲି ଜନ ନିଶ୍ଚେ କହିବେ।
ଟ ଟଙ୍କା ଗଣି କାରବାର କରିବ
ଠ ଠକାମି ଗୁଣ ବର୍ଜନ କରିବ ।
ଡ଼ ଡମ୍ବରୁଧର ସେହି ବାବା ଭୋଳା
ଢ଼ ଢାଲ ପିନ୍ଧି କରନ୍ତି ଲୀଳାଖେଳା ।
ଣ ନଇଁଥିଲେ ତାଙ୍କ ପାଦରେ ମଥା
ତ ତହିଁରୁ ହୋଇବ ଜଗତଜିତା ।
ଥ ଥକାମନ ଥରେ ଭଜ ତାହାଙ୍କୁ
ଦ ଦରଶନ କର ମହାଦେବଙ୍କୁ ।
ଧ ଧନ ଅରଜନ ଲୋଭରେ ରହି
ନ ନକହିବ ମିଥ୍ୟା କଥାଟି କେହି ।
ପ ପାପ ଛାଡ଼ି ତୁମେ କର ଧରମ
ଫ ଫାସରେ ନହେଲେ ବାନ୍ଧିବ ଯମ ।
ବ ବଣ ଜଙ୍ଗଲକୁ କାଟିବ ନାହିଁ
ଭ ଭରପୁର ଚାରା ରୋପିବ ନେଇ।
ମ ମନକୁ ନିଶ୍ଚଳ ରଖିବା ପାଇଁ
ଯ ଯିବ କସରତେ ସକାଳୁ ଧାଇଁ ।
ର ରହିବ ସୁଖରେ ସାରା ଜୀବନ
ଳ ଲୟ ରଖି ଭଜ ହେ ପ ।ନନ।
ବ ବନମାଳୀ ତୋତେ କରିବେ ପାରି
ଶ ଶରଣ ଚରଣେ ରଖିବୁ ହରି।
ଷ ଷଡ଼ରିପୁ ତୋର ସେହି ହରିବେ
ସ ସମର୍ପଣ ହୁଅ ତାଙ୍କରି ପାଦେ ।
ହ ହରି ଭଜୁଥିଲେ ଶୁଣ କୁମର
କ୍ଷ କ୍ଷୟ ହେବ ଦୁଃଖ କ୍ଲେଶ ତୋହର ।
ୟ ଯିବୁନାହିଁ ଅବାଟରେ ମନୁଆ
ଲ ଲାଗିବ ନହେଲେ ପାଦରେ ନିଆଁ ।


କୟାଁ, ମଙ୍ଗଳପୁର, ଯାଜପୁର
ଓଡ଼ିଶା, ପିନ୍ ନଂ - ୭୫୫୦୧୧
ମୋ - ୯୫୪୦୩୦୮୦୯୫


---

# କୁହୁକ ମାଠିଆ

ରମାକାନ୍ତ ଦାସ



ନାରାୟଣପୁର ଗ୍ରାମରେ କୃପାସିନ୍ଧୁ ନାମକ ଜଣେ ଗରିବ କୁମ୍ଭାର ଓ ତାଙ୍କର ପତ୍ନୀ ମାଳତୀ ବାସ କରୁଥିଲେ । ମାଟିରେ ମାଠିଆ ତିଆରି କରି ମାଠିଆକୁ ବଜାରରେ ବିକି ବହୁତ ଖୁସିରେ ରହୁଥିଲେ ।

ଦିନକର କଥା କୃପାସିନ୍ଧୁ ସକାଳୁ ଉଠି ମାଠିଆ ଗୁଡିକ ଅଗଣାରେ ସଜାଇକି ରଖିଥାନ୍ତି। ଅପେକ୍ଷା କରି ରହିଥାନ୍ତି ଗାଡିକୁ କେତେବେଳେ ଗାଡି ଆସିବ ଓ ସେ ତାଙ୍କର ମାଠିଆ ଗୁଡିକୁ ବିକିବେ । ନଈରୁ ପାଣି ଆଣି ଘରକୁ ଫେରୁଥାନ୍ତି ମାଳତୀ । କୃପାସିନ୍ଧୁଙ୍କ ପାଖକୁ ଆସି କହିଲେ। ତମେ ସକାଳୁ କିଛି ଖାଇନ ଆସ କଣ ଦିଟା ଖାଇଦେବ । କୃପାସିନ୍ଧୁ କହିଲେ ନା ମୁଁ ଆଗେ ଏ ମାଠିଆ ଗୁଡିକ ବିକ୍ରି କରି ସାରିବି ତାପରେ ବସି ଖୁସି ମନରେ ଖାଇବି ।କୃପାସିନ୍ଧୁଙ୍କ ଘର ବାଟଦେଇ ଆସୁଥାନ୍ତି ନାରାୟଣପୁର ଗ୍ରାମର ମୁଖିଆ ଓ ତାଙ୍କର ଗୁମାସ୍ତା । କୃପାସିନ୍ଧୁଙ୍କ ଅଗଣାରେ ପହଞ୍ଚି ଦେଖିଲେ ସୁନ୍ଦର ସୁନ୍ଦର ମାଠିଆ ସଜା ହୋଇ ଥୁଆ ହୋଇଛି । ସୁନ୍ଦର ସୁନ୍ଦର ମାଠିଆ ଗୁଡିକୁ ଦେଖି ମୁଖିଆ ଜଣକ କୃପାସିନ୍ଧୁଙ୍କର ବହୁତ ପ୍ରଶଂସା କଲେ ଓ କହିଲେ ମତେ ୨ଟି ମାଠିଆ ଦିଅ । ମୁଁ ସେ ମାଠିଆ ୨ଟିରେ ପାଣି ରଖି ପିଇବି । ଏ କଥା ଶୁଣି କୃପାସିନ୍ଧୁ କହିଲେ ନାଇଁ ଆଜ୍ଞା ମୁଁ ଏ ମାଠିଆରୁ ଆପଣଙ୍କୁ ଗୋଟେ ବି ଦେଇ ପାରିବିନି । ଏ ମାଠିଆ ଗୁଡିକୁ ମୁଁ ବିକ୍ରି କରିବା ପାଇଁ ଆଉ ଜଣେ ବେପାରୀଙ୍କୁ କଥା ଦେଇ ସାରିଛି । ସେ ଏବେ ଗାଡି ଆଣି ଆସୁଛନ୍ତି । ଏ କଥା ଶୁଣି ଗୁମାସ୍ତା ଜଣକ କହିଲେ 'କଣ ହେଲା ତୋର ଏତେ ସାହସ, ତୁ ମୁଖିଆଙ୍କ ମୁଁହରେ ଜବାବ ଦଉଛୁ '। ଏ କଥା ଶୁଣି କୃପାସିନ୍ଧୁ କହିଲେ ହଉ ଆଜ୍ଞା ମୁଁ ଆପଣଙ୍କୁ ୨ଟି ମାଠିଆ ଦେଉଛି। ଗାଡି ଆଣି ଆସୁଥିବା ବେପାରୀଙ୍କୁ ମୁଁ ବୁଝେଇଦେବି । ଏ କଥା କହି ୨ଟି ମାଠିଆ ମୁଖିଆଙ୍କ ହାତକୁ ଦେଇଦେଲେ କୃପାସିନ୍ଧୁ ଓ କହିଲେ ଆଜ୍ଞା ୨ଟି ମାଠିଆର ମୂଲ୍ୟ ଅଶି ଟଙ୍କା ଆପଣ ମତେ ମୋ ମାଠିଆ ର ମୂଲ୍ୟ ଦିଅନ୍ତୁ। କୃପାସିନ୍ଧୁଙ୍କ କଥା ଶୁଣି ମୁଖିଆ ଜଣକ କ୍ରୋଧ ହୋଇ କହିଲେ 'ତୋର ଏତେ ସାହସ ତୁ ମତେ ପଇସା ମାଗୁଛୁ '। କୃପାସିନ୍ଧୁ କହିଲେ ଆଜ୍ଞା ମୁଁ ମୋ ପେଟପୋଷିବା ପାଇଁ ଦିନ ରାତି ଖଟି ଏ ସବୁ ମାଠିଆ ତିଆରି କରୁଛି । ଆପଣ ମତେ ମୋ କର୍ମର ମୂଲ୍ୟ ଦିଅନ୍ତୁ । ଏ କଥା ଶୁଣି ମୁଖିଆ ଓ ଗୁମାସ୍ତା ରାଗି ଯାଇ ସଜାହୋଇଥିବା ସବୁ ମାଠିଆକୁ ଭାଙ୍ଗିଦେଲେ ଓ କହିଲେ ତୋ ଘର ଆଗରେ ମୁଁ ଯେମିତି ନ ଦେଖେ ଯେ ତୁ କେବେ ମାଠିଆ ଗଢୁଛୁ ଯଦି କେବେ ଦେଖେ ତ ତୋର ସବୁ ମାଠିଆ ମୁଁ ଭାଙ୍ଗିଦେବି । ଏ ସବୁ ଦେଖି କୃପାସିନ୍ଧୁ ଓ ତାଙ୍କର ସ୍ତ୍ରୀ ବହୁତ କାନ୍ଦିଲେ । କିଛି ସମୟ ପରେ ବେପାରୀ ଜଣକ ଆସି କୃପାସିନ୍ଧୁଙ୍କ ଘର ପାଖରେ ଗାଡି ରଖି କୃପାସିନ୍ଧୁ ମାଠିଆ ଦେବା କଥା କହିଲେ । କୃପାସିନ୍ଧୁ ବେପାରୀଙ୍କୁ ହାତ ଯୋଡି କହିଲେ ଦେଖନ୍ତୁ ଆଜ୍ଞା ଆମ ଗ୍ରାମର ମୁଖିଆଙ୍କୁ ମୁଁ ମୋ ମାଠିଆର ପଇସା ମାଗିବାରୁ ସେ ସବୁ ମାଠିଆକୁ ଭାଙ୍ଗି ଦେଇଛନ୍ତି । ଆପଣ ମତେ ୨ଦିନ ସମୟ ଦିଅନ୍ତୁ ମୁଁ ଦିନ ରାତି ପରିଶ୍ରମ କରି ଆପଣଙ୍କୁ ନୂଆ ମାଠିଆ ତିଆରି କରିଦେବି । ଏ କଥା ଶୁଣି ବେପାରୀ ଜଣଙ୍କ ଗାଡି ନେଇ ପଳେଇଲେ ।

କୃପାସିନ୍ଧୁ କାନ୍ଦି କାନ୍ଦି ଯାଇ ନାଗ ଦେବୀଙ୍କୁ ପ୍ରାର୍ଥନା କଲେ ଓ କହିଲେ 'ମା ମୋର ଦୁଃଖ ଦୂର କର ମା, ଯଦି ମୁଖିଆ ମୋ ମାଠିଆ ସବୁ ଭାଙ୍ଗିଦେବେ ତ ମୁଁ କେମିତି ଚଳିବି । ଏ କଥା ଶୁଣି ସ୍ୱୟଂ ମା ନାଗଦେବୀ ପ୍ରକଟ ହୋଇ କହିଲେ -'ମୁଁ ତୋର ଦୁଃଖ ସବୁ ବୁଝିପାରୁଛି, ମୁଁ ତତେ ଆଶୀର୍ବାଦ କରୁଛି ତୁ ଯଉ

ମାଠିଆ ଗୁଡିକ ତିଆରି କରିବୁ ସେ ସବୁ ମାଠିଆ ଗୁଡିକ ଜୀବନ ପାଇଯିବ ଓ ତାକୁ କେହିବି ଭାଙ୍ଗି ପାରିବେନି । ଏ କଥା ଶୁଣି କୃପାସିନ୍ଧୁ ନାଗଦେବୀଙ୍କ ପାଖରେ ଥିବା କିଛି ମାଟି କୁ ଆଣିଲେ। ଜୟ ମା, ଜୟ ମା କହି ଘରକୁ ଫେରିଲେ ।

ତା ପରଦିନ ମୁଖିଆ ଓ ତାଙ୍କର ସନ୍ୟ ମାନେ ଆସି କୃପାସିନ୍ଧୁ କହିଲେ । ହଉ ମାଠିଆ ତିଆରି କର ସରିଲା ପରେ ସେ ସବୁ ମାଠିଆକୁ ଆମେ ମାନେ ଭାଙ୍ଗିଦେବୁ । ଏ କଥା ଶୁଣି କୃପାସିନ୍ଧୁ କହିଲେ ହଉ ୨ଦିନ ପରେ ଆସନ୍ତୁ ଦେଖିବା ଆପଣ ମାନେ କେମିତି ମୋ ମାଠିଆ ଭାଙ୍ଗିଦେବେ । ୨ଦିନ ପରେ କୃପାସିନ୍ଧୁ ଅଗଣାରେ ମାଠିଆ ଗୁଡିକୁ ସଜେଇକି ରଖିଲେ । କିଛି ସମୟ ପରେ ମୁଖିଆ ଓ ତାଙ୍କର ସନ୍ୟ ମାନେ ଆସି ମାଠିଆ ଗୁଡିକୁ ତଡା ସାହାଯ୍ୟରେ ପ୍ରହାର କଲେ ହେଲେ ସେ ମାଠିଆ ଗୁଡିକ ନ ଭାଙ୍ଗି ତଡାର ପ୍ରହାର ଗୁଡିକ ସନ୍ୟ ମାନଙ୍କ ଦେହରେ ବାଜିଲା ଓ ସନ୍ୟ ମାନେ ଆଘାତ ହୋଇ ତଳେ ପଡିଲେ । ଏ ସବୁ ଦେଖି ମୁଖିଆ ଓ ତାଙ୍କର ଗୁମାସ୍ତା ଚମକି ପଡିଲେ । ଗୁମାସ୍ତା ମାଠିଆ ଗୁଡିକୁ ଛୋଟ ପଥର ପକେଇବାରୁ ସେ ପଥର ଆସି ଗୁମାସ୍ତାଙ୍କ ମୁଣ୍ଡରେ ବାଜିଲା । ଏ ସବୁ ଦେଖି ମୁଖିଆ ଆଶ୍ଚର୍ଯ୍ୟ ହୋଇଗଲେ । ସେ ଯେତେବେଳେ ମାଠିଆକୁ ପ୍ରହାର କଲେ ମାଠିଆଟି ଆସି ତାଙ୍କ ମୁଣ୍ଡରେ ପଡିଲା ।ଏମିତି ହେବା ପରେ ମୁଖିଆ କୃପାସିନ୍ଧୁଙ୍କୁ ଭୁଲ ମାଗିଲା ଓ କହିଲେ ମୋର ଭୁଲ ହେଇଯାଇଛି ମୁଁ ତୁମକୁ ତମର ମାଠିଆର ମୂଲ୍ୟ ଦେଇ ଦେବି । କୃପାସିନ୍ଧୁ କହିଲେ ଯଦି ଭୁଲ ମାଗିବାର ଅଛି ତ ନାଗଦେବୀଙ୍କୁ ଭୁଲ ମାଗ । ମୁଖିଆ ଜଣଙ୍କ ନାଗଦେବୀଙ୍କୁ ଭୁଲ ମାଗିଲେ ଓ କହିଲେ ମା ମତେ କ୍ଷମା କରିଦିଅନ୍ତୁ ମୁଁ ଆଉ କେବେ ବି କାହାକୁ ହଇରାଣ କରିବିନି ।


ନନ୍ଦିଗ୍ରାମ, ନାଉଗାଁ, ଜଗତସିଂହପୁର
ମୋ -୯୬୬୮୮୧୫୩୬୯


---

# ମେଳାବୁଲାର ନିଆରା ମଜା



ନଗେନ୍ଦ୍ର ନାଥ ପଟ୍ଟନାୟକ



ନାନୀଲୋ, ନାନୀ ଜଲଦି ଆ--- ଆଜି ପରା ମେଳାର ଶେଷଦିନ । ମୁହଁରେ ମୁରୁକି ହସ ଫୁଟାଇ ମୁସ୍କାନ ରୁବିନାନୀକୁ କହିଲା ଆରେ ମୁସ୍କାନ ।ମେଳାରେ ତ ବହୁତ ଗହଳି। ତୁ କଣ ଜାଣିନୁ ତେଣେ କରୋନା ସଂକ୍ରମଣର ଭୟରେ ଲୋକେ ଜଡସଡ । ଅଦେଖା କରୋନା ପଂଝା ମେଲାଇ ଚାରିଆଡେ ମାଡିଚାଲିଛି । ଖୁବ୍ ହୁସିଆର ଥିବୁ ମେଳାରେ ତ ଦେଖଣାହାରୀ ହାଉଯାଉ । କାଇଁ କେତେଆଡୁ ଲୋକ ଯାଆଆସ କରୁଛନ୍ତି । କେତେକ ମୁହଁରେ ମାସ୍କ ଭିଡିଛନ୍ତି ତ ଆଉ କିଛଇ ଲୋକ ମୁହଁକୁ ଖୋଲାମେଲା କରି ବେପରୁଆ ଭାବେ ଟହଲ ମାରୁଛନ୍ତି -ରୁବି ନାନୀ ଚେତେଇଦେଲା । କିଂ ନାନୀ ଗୋଟିଏ କଥା ମତେ ଆଗ କହିଲୁ ଯଦି କରୋନା ଉମିକ୍ରନ ସଂକ୍ରମଣ ଲାଗିରହେ ତେବେ କ'ଣ ମେଳା ଲାଗିବା ଅନୁଚିତ ? ସେଇଠି କଣ ସଂକ୍ରମଣର ଡରଭୟ ରହିଛି । ବାହାର ଜିଲ୍ଲାର ଦୋକାନୀଙ୍କ ଭିତରେ କରୋନା ସଂକ୍ରମଣ ଯେମିତି ନ ବ୍ୟାପେ ସେଥିପାଇଁ ଏଥର ମେଳାରେ ସେମାନଙ୍କର ଦୋକାନ ବସିବ ନାଇଁ । ସେ କଥାକୁ ଆଖି ଆଗରେ ରଖି ସହର କଡରେ ହସ୍ତଶିଳ୍ପ ଦୋକାନ ସବୁ ବସାଇ ଦିଆଯାଇଛି । ହେଲେ ନାନୀ ଗଲା ଦୁଇବର୍ଷ ହେଲା ମେଳା ତ ଲାଗିନାଇଁ ଏଥର କଣ ଲାଗିବ ନାଇଁ ? ରୁବି ନାନୀ କହିଲା - ନିକଟରେ ତ ସଂକ୍ରମଣ ନ ଥିଲା ଫେର ଆମର ଛୋଟଛୋଟ କୁଟୀର ଶିଳ୍ପଗୁଡିକକୁ ତ ଆମକୁ ବଂଚେଇ ରଖିବାକୁ ପଡିବ । ଆମର କ୍ଷୁଦ୍ର କାରିଗର, ଖେଳନା ,ରଙ୍ଗବେରଙ୍ଗର ପାଣିକାଚ,ଚୁଡି , ଛୋଟଛୋଟ ଝୁଲା, ହାତତିଆରି ସୁନ୍ଦରସୁନ୍ଦର ଚିଜ୍ ଗଢୁଥିବା ପେସାଦାରଙ୍କ ଜୀବିକାକୁ ତ ବଢାଇବାକୁ ହେବ । ଏମାନଙ୍କ ବେପାରରେ ଉନ୍ନତି ଆଣିବା ସକାଶେ ମେଳା ଲଗାଇବର ପଦକ୍ଷେପ ପ୍ରଶାସନ ଆଡୁ ନିଆଯାଇଛି । ଖାସ୍ ଏଇଥିପାଇଁ ଏସନ ମେଳାର ଆୟୋଜନ କରାଯାଇଛି । ଆଛା ନାନୀ, ତେବେ ଆଜି ଆମେ ମେଳା ବୁଲିବାକୁ ନିଶ୍ଚେ ଯିବା । ସାଙ୍ଗରେ ସାଇପଡିଶା ଘର ପିଲାମାନଙ୍କୁ ନେଇଯିବା । ମୁଁ ସବୁ ପିଲାଙ୍କୁ ଫୋନ ଯୋଗେ ଜଣାଇଦେଇଛି -ଗୁଲୁ ହସିହସି କହିଲା ।

ବେଳ ବୁଡିଲା ବେଳକୁ ଭୂମି, ଆଦି, ସାବି, ସାନୁ ଭବାନୀ, ନବ ଯଦୁ ହେରିକା ପିଲାଙ୍କୁ ଘେନି ମୁସ୍କାନ ରୁବି ନାନୀଙ୍କ ସାଙ୍ଗରେ ମେଳାରେ ପହଁଚିଗଲା । ମେଳାରେ ପରସ୍ପର ହାତଧରି ସାବଧାନରେ ଚାଲିବାକୁ ରୁବି ନାନୀ ସଜାଗ କରାଇଦେଲେ । ପିଲାମାନେ ଛୋଟଛୋଟ ଝୁଲାରେ ଝୁଲି ଭରପୂର ଆନନ୍ଦ ଉପଭୋଗ କଲେ । ଯାଦୁଘର ଭିତରେ ଯେମିତି ପହଁଚିଲେ ନିଜ ନିଜର ଚେହେରା ଓ ଦେହ ଦେଖୁ ଦେଖୁ ସଭିଏଁ ଫେଁ ଫେଁ ହସି ବେଦମ ହୋଇଗଲେ । ଗୁଲୁ କହିଲା- ଭାଇଭଉଣୀମାନେ ଦେଖ, ଏଥିରେ ଯେତିକି କାଚ ଲାଗିଛି ସବୁ ଭିନ୍ନଭିନ୍ନ ହୋଇଥିବାରୁ ପୃଥକପୃଥକ ଚେହେରା ଓ ଦେହ ଦେଖାଯାଉଛି। ଦେଖ ନାନୀ, ଆମେ ସବୁ ଓଲଟିଗଲୁଣି -ଭୂମି କହିଲା । ନାଇଁ , ଏ କାଚ ସେଇଭଳି ଯାହା ଆମକୁ ଓଲଟାଇ ଦେଖାଏ-ଗୁଲୁ ବୁଝାଇ କହିଲା। ଯାଦୁଘର ଭିତରୁ ବାହାରିଆସି ପିଲାଏ ରଙ୍ଗବେରଙ୍ଗର କଉତୁକିଆ ଖେଳନା ଦୋକାନ ଆଡେ ଆଗେଇଲେ । ତେଣେ ଆଦି, ଭୂମି, ସାବି ଓ ଭବ୍ୟଙ୍କ ମନ ଖେଳନା ଦେଖିବା ପାଇଁ ଅଥୟ । ରୁବିନାନୀ ସବୁ ପିଲାଙ୍କୁ ମନସପନ୍ଦର ଖେଳନାଗୁଡିଏ କିଣି ସେମାନଙ୍କ ହାତରେ ଧରାଇଦେଲେ । ଭୂମି ଓ ମୁସ୍କାନ ପାଇଁ ରଙ୍ଗ ବେରଙ୍ଗର ଚୁଡି ଓ ହାର ଖରିଦ କଲେ ।

ମେଳାରେ ବୁଲାବୁଲି କରି ନାନୀ ହାଲିଆ ହୋଇଯାଇଥିଲେ । ଖୁବ୍ ଭୋକ ଲାଗିବାରୁ ନାନୀ କହିଲେ -ପିଲାଏ ଚାଲ ଜଳଖିଆ ଦେକାନ ଆଡକୁ । ଏଥର ମୁହଁରୁ ମାସ୍କ ଖେଲିଦିଅ । ମୁସ୍କାନ ସମସ୍ତଙ୍କ ହାତକୁ ସାନିଟାଇଜ କରାଇଦେଲା । ପିଲାଙ୍କ ଖାଇବା ସକାଶେ ଗରମ ଗରମ ଲଡୁ , ଜଲପି ଓ ରସଗୋଲା ଦୋକାନ ମଉସା ପାଖରୁ ମଗାଇଲା । ଗୁପ୍‌ଚୁପ ଖାଇବା ପାଇଁ ଭୂମି ମନ ହାଇଁପାଇଁ ହେଉଥାଏ । ଏତିକିବେଳେ ନାନୀ ବୁଝାଇଲେ -ପିଲାଏ ! ମେଳାରେ ଆମେ ସବୁ ଚାଟ ପକୁଡି ଭଳି ଚିଜ ଖାଇବାଠୁ ଦୂରେଇ ରହିବା । ଦୂଷିତ ପାଣି ଯୋଗୁଁ ଏଠି ଚଟଣୀ ଓ ଖଟାପାଣିଭରା ଗୁପ୍‌ଚୁପ ଖାଇବା ସ୍ୱାସ୍ଥ୍ୟ ପକ୍ଷେ ହାନିକାରକ । ଏଥର ନାନୀ କଥାର ମରମକୁ ପିଲାଏ ବେଶ୍ ବୁଝିଗଲେ । ସମସ୍ତେ ଏକସ୍ୱରରେ କହିଲେ -ନାନୀ ! ତୁମେ ଠିକକଥା ଆମକୁ ବୁଝାଇଦେଲ । ଏବେ ଆମେ ସେସବୁ ସୁଆଦିଆ ଚିଜ୍‌କୁ ଛୁଇଁବୁ ନାଇଁ । ଜଳଖିଆ ଖାଇ ସାରିବା ପରେ ରୁବିନାନୀ ସମସ୍ତଙ୍କୁ ମୁହଁରେ ମାସ୍କ ଭିଡିବା ପାଇଁ କହିଲେ। କିଛି ସମୟ ପରେ ପିଲାମାନେ ଯେଝା ଯେଝା ଘରକୁ ଲେଉଟିଆସିଲେ ।


୯୯୯-୩,ଜଗମୋହନ ନଗର,
ଜାଗମରା,ଖଣ୍ଡଗିରି , ଭୁବନେଶ୍ୱର,
ମୋ-୯୪୩୮୩୩୨୧୩୮

# ଏମ୍ସ ଭୁବନେଶ୍ୱରରେ ଖୁବ୍ ଶୀଘ୍ର ଆରମ୍ଭ ହେବ ବୃକକ୍ ପ୍ରତିରୋପଣ

ଭୁବନେଶ୍ୱର,୧୧/୦୩ (ନି.ପ୍ର): ଏମ୍ସ ଭୁବନେଶ୍ୱର ଖୁବ୍ ଶୀଘ୍ର ଆରମ୍ଭ ହେବାକୁ ଯାଉଛି ବୃକକ୍ ପ୍ରତିରୋପଣ (ରେନାଲ୍ ଟ୍ରାନ୍ସପ୍ଲାଂଟ୍) ସେବା। ଏନେଇ ଏମ୍ସ ପକ୍ଷରୁ ଭିତିଭୂମି ସମ୍ବନ୍ଧୀୟ ସମସ୍ତ ପ୍ରକ୍ରିୟା ବେଶ୍ ପୂର୍ବରୁ ସମାପ୍ତ ହୋଇଛି। ରାଜ୍ୟ ସରକାରଙ୍କଠାରୁ ଏନେଇ ଆବଶ୍ୟକ ଅନୁମତି ପାଇବା ନେଇ ଏମ୍ସକୁ ସବୁଜ ସଙ୍କେତ ମିଳିସାରିଛି। ଆବଶ୍ୟକ ପ୍ରକ୍ରିୟା ସମାପ୍ତି ପରେ ଏମ୍ସ ଭୁବନେଶ୍ୱରରେ ବହୁପ୍ରତିକ୍ଷୀତ ବୃକକ୍ ପ୍ରତିରୋପଣ ଆରମ୍ଭ ହେବ ବୋଲି ଏମ୍ସ ଭୁବନେଶ୍ୱର ମେଡିକାଲ୍ ଅଧୀକ୍ଷକ ଡ. ଏସ୍ ଏନ୍ ମହାନ୍ତି ପ୍ରକାଶ କରିଛନ୍ତି। ଆଜି ଏମ୍ସ ପରିସରରେ ବିଶ୍ୱ କିଡ୍‌ନୀ ଦିବସ ପାଳନ ଅବସରରେ ଏହି ସୂଚନା ଦେଇଛନ୍ତି ଡ. ମହାନ୍ତି। ଏହି ସେବା ଆରମ୍ଭ ଦ୍ୱାରା ରାଜ୍ୟ ତଥା ରାଜ୍ୟ ବାହାରୁ ଅନେକ କିଡ୍‌ନୀ ରୋଗୀ ଉପକୃତ ହେବେବୋଲି ଡ. ମହାନ୍ତି ପ୍ରକାଶ କରିଛନ୍ତି।

ଏହି ଅବସରରେ ସୂଚନା ଦେଇ ନେଫ୍ରୋଲୋଜି ବିଭାଗ ମୁଖ୍ୟ ତଥା ସହକାରୀ ପ୍ରଫେସର ଡ. ସନ୍ଦୀପ କୁମାର ପଣ୍ଡା କହିଛନ୍ତି ଯେ ଏମ୍ସ ଭୁବନେଶ୍ୱର ୨୦୧୯ରୁ ଡାଏଲିସିସ୍ ସେବା ଯୋଗାଇ ଆସୁଛି। ଏଥିସହିତ ବିଭିନ୍ନ କିଡ୍‌ନୀ ରୋଗ ପାଇଁ ପ୍ଲାଜମାଫେରେସିସ୍, ସିଆରଆରଟି, ରେନାଲ୍ ବାୟୋପ୍ସି ଭଳି ସେବା ଯୋଗାଇ ଆସୁଛି। ଓଡ଼ିଶାରେ କ୍ରମାଗତ ଭାବେ କ୍ରନିକ୍ ବୃକକ୍ ରୋଗୀଙ୍କ ସଂଖ୍ୟା ବୃଦ୍ଧି ପାଉଛି। ବିଭିନ୍ନ ସର୍ଭେରୁ ପ୍ରକାଶିତ ତଥ୍ୟ ଅନୁସାରେ ରାଜ୍ୟର ମୋଟ ଜନସଂଖ୍ୟାରେ ପ୍ରାୟ ୧୦-୧୪ ପ୍ରତିଶତ ବିଭିନ୍ନ କିଡ୍‌ନୀଜନିତ ରୋଗରେ ପିଡ଼ୀତ। ଯାହାକି ଜାତୀୟ ହାରଠାରୁ ଅଧିକ ଅଟେ। ଏହାବ୍ୟତୀତ ରାଜ୍ୟରେ କିଛି ଅଂଚଳରେ କିଡ୍‌ନୀ ରୋଗର ପ୍ରାଦୁର୍ଭାବ ପ୍ରାୟ ୨୦ ପ୍ରତିଶତ ରହିଛି। ଏସମସ୍ତ ଅଂଚଳକୁ ସିକେଡି ହଟ୍‌ସ୍ପଟ୍ ଅଂଚଳ ଭାବେ ବିବେଚିତ କରାଯାଉଛି। ଯାହାକି ଚିନ୍ତାଜନକ ବୋଲି ଡ. ପଣ୍ଡା ମତବ୍ୟକ୍ତ କରିଛନ୍ତି। ଉଲ୍ଲେଖଯୋଗ୍ୟଯେ ବର୍ତ୍ତମାନ ଭାରତରେ ୧୦୦ ମିଲିୟନରୁ ଅଧିକ ଲୋକ କିଡନୀ ରୋଗରେ ପୀଡିତ ଅଛନ୍ତି। ସାମ୍ପ୍ରତିକ ପରିସ୍ଥିତିରେ ବିଶ୍ୱବ୍ୟାପୀ ଡାଇବେଟିସ୍ ମେଲିଟସ୍ ହେଉଛି ଉଚ୍ଚ ରକ୍ତଚାପ ପରେ ବୃକକ୍ ବିଫଳତାର ମୁଖ୍ୟ କାରଣ। କିନ୍ତୁ ନିକଟ ଅତୀତରେ ଅଧିକରୁ ଅଧିକ ଯୁବକ ଅଣ-ମଧୁମେହ ରୋଗୀ ଏବଂ ଉଚ୍ଚ ରକ୍ତଚାପ ରୋଗୀ କିଡନୀ ରୋଗରେ ଆକ୍ରାନ୍ତ ହେଉଥିବା ପରିଲକ୍ଷିତ ହେଉଥିବା ଡ. ପଣ୍ଡା ସୂଚନା ଦେଇଛନ୍ତି।

ରକ୍ତଚାପ, ମଧୁମେହକୁ ନିୟନ୍ତ୍ରଣ କରିବା, ପର୍ଯ୍ୟାପ୍ତ ପରିମାଣର ପାଣି ପିଇବା, ଧୂମପାନରୁ ଦୂରେଇ ରହିବା, ଅନାବଶ୍ୟକ ଭାବେ ଔଷଧ ସେବନରୁ ଦୂରେଇ ରହିବା ଆଦି ପାଳନ ଦ୍ୱାରା କିଡ୍‌ନୀ ରୋଗରୁ ରକ୍ଷା ଦେଇପାରିବ ବୋଲି ଆଜି ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ବିଶେଷଜ୍ଞମାନେ ମତ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜେନେରାଲ୍ ମେଡିସିନ୍ ବିଭାଗର ଅତିରିକ୍ତ ପ୍ରଫେସର ଡ. ଅନୁପମ ଦେ, ୟୁରୋଲୋଜି ବିଭାଗର ସହକାରୀ ପ୍ରଫେସର ଡ. ମନୋଜ ଦାସ, ଶିଶୁରୋଗ ବିଭାଗର ଆସୋସିଏଟ୍ ପ୍ରଫେସର ଡ. ଅମିତ ଶତପଥୀ, ମେଡିସିନ୍ ବିଭାଗର ସହକାରୀ ପ୍ରଫେସର ଡ. ଦେବାନନ୍ଦ, ନେଫ୍ରୋଲୋଜି ବିଭାଗର ସହକାରୀ ପ୍ରଫେସର ଡ. ପ୍ରୀତି ମୀନା ପ୍ରମୁଖ ଏହି ଅବସରରେ ଉପସ୍ଥିତ ଥିଲେ। ଉଲ୍ଲେଖଯୋଗ୍ୟଯେ ଜନସାଧାରଣ ତଥା ସ୍ୱାସ୍ଥ୍ୟ ସେବା କର୍ମଚାରୀଙ୍କ ମଧ୍ୟରେ କିଡନୀ ରୋଗ ବିଷୟରେ ସଚେତନତା ସୃଷ୍ଟି କରିବା ପାଇଁ ୨୦୦୬ ମସିହାରୁ ମାର୍ଚ୍ଚ ମାସର ୨ୟ ଗୁରୁବାରକୁ ବିଶ୍ୱ ବୃକକ୍ ଦିବସ ଭାବେ ପାଳନ କରାଯାଇଆସୁଛି। ବୃକକ୍ ର ସୁରକ୍ଷା ନିମନ୍ତେ ତଥ୍ୟ ପାଇବାର ବ୍ୟବଧାନକୁ କମ କରିବା ଶୀର୍ଷକ ବିଷୟକୁ ନେଇ ଚଳିତ ବର୍ଷ ବିଶ୍ୱ କିଡ୍‌ନୀ ଦିବସ ଆଜି ପାଳିତ ହୋଇଛି।

# ‘ଟାଟା ଷ୍ଟିଲ ଭୁବନେଶ୍ୱର ସାହିତ୍ୟ ଉତ୍ସବ’

ଭୁବନେଶ୍ୱର,୧୧/୦୩ (ନି.ପ୍ର): ଭୁବନେଶ୍ୱର କ୍ଲବ୍‌ଠାରେ ଆୟୋଜିତ ହେବାକୁ ଯାଉଛି ‘ଟାଟା ଷ୍ଟିଲ୍ ଭୁବନେଶ୍ୱର ସାହିତ୍ୟ ଉତ୍ସବ’। ‘ସମ୍ବାଦ’ ସହଯୋଗରେ ଆୟୋଜିତ ହେବାକୁ ଥିବା ଏହି କାର୍ଯ୍ୟକ୍ରମରେ ରାଜ୍ୟ ତଥା ରାଜ୍ୟ ବାହାରୁ ବହୁ ବିଶିଷ୍ଟ ଅତିଥି ଯୋଗ ଦେଇ ପର୍ଯ୍ୟଟନ, ପରିବେଶ ଓ ଚଳଚ୍ଚିତ୍ରଠାରୁ ଆରମ୍ଭ କରି ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଉପରେ ବୌଦ୍ଧିକ ଆଲୋଚନା କରିବେ। ଉତ୍ସବକୁ ପ୍ରଖ୍ୟାତ କବି ରମାକାନ୍ତ ରଥ ଉଦ୍‌ଘାଟନ କରିବେ। ‘ସମ୍ବାଦ’ର ସମ୍ପାଦକ ସୌମ୍ୟରଞ୍ଜନ ପଟ୍ଟନାୟକ ଏଥିରେ ଅତିଥି ଭାବେ ଯୋଗ ଦେବେ। ଏଥିସହ ଉତ୍ସବରେ ଆୟୋଜିତ ବିଭିନ୍ନ ଆଲୋଚନାଚକ୍ରରେ ସନ୍ଦୀପ ରାୟ, ତନୟା ପଟ୍ଟନାୟକ, ରସ୍କିନ୍ ବଣ୍ଡ୍, ରାକେଶ ଖାନ୍ନା, ଟୋନି ଯୋଶେଫ୍, କଥାକାର ଗୌରହରି ଦାସ, ଦେବପ୍ରସାଦ ଦାଶ, ସଂଘମିତ୍ରା ଭଞ୍ଜ, ପ୍ରଫେସର ଯତୀନ୍ଦ୍ର ନାୟକ, ସୋନମ୍ କାଲରା, ଅନ୍ତରା ସଲିଲ୍ ଚୌଧୁରୀ, ସୂର୍ଯ୍ୟ ଦେଓ, ନନ୍ଦନ ନିଲକେନି, ତନୁଜ ଭୋଜୱାନି, ମୋନିକା ନେୟାର ପଟ୍ଟନାୟକ, ରାହୁଲ ବୋଷ, ଜୟନ୍ତ କୃପାଲିନୀ, ଆର. ବାଲ୍‌କ୍ରିଷ୍ଣନ୍, ଟୋନି ଯୋଶେଫ୍, ଯଶୋଧାରା ମିଶ୍ର, ସଂଘମିତ୍ରା ମିଶ୍ର ଓ ହିରଣ୍ମୟୀ ମିଶ୍ର ପ୍ରମୁଖ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି।

ଏଥିସହ ୧୨ ତାରିଖ ଦିନ ସଂଧ୍ୟା ୬ଟାରେ ରେଳ ଅଡିଟୋରିୟମ୍‌ଠାରେ ଲଲେଟ ଦୁବେଙ୍କ ନୂଆ ନାଟକ ‘ଲକ୍‌ଡାଉନ୍ ଲିଆନ୍‌ସନ୍ସ୍’ ଓ ୧୪ ତାରିଖ ଦିନ ସୋନମ୍ କାଲରା ଓ ତାଙ୍କ ଦଳ ପକ୍ଷରୁ ‘ଶାମ୍-ଏ-ସୁଫିଆନା’ ଗଜଲ ସଂଧ୍ୟା ଆୟୋଜିତ ହେବ। ରେଳ ଅଡିଟୋରିୟମ୍‌ରେ ଆୟୋଜିତ ଏହି ଦୁଇଦିନିଆ କାର୍ଯ୍ୟକ୍ରମ ନିମନ୍ତେ ପାସ୍‌ର ଆବଶ୍ୟକତା ରହିବ। ଭୁବନେଶ୍ୱର କ୍ଲବ୍ ସାମ୍‌ନା ଡେସ୍କ ସହ ଅକ୍ସଫୋର୍ଡ୍ ବୁକ୍‌ଷ୍ଟୋରରେ ପାସ୍ ଉପଲବ୍ଧ ହେଉଛି।

# ଗତ ୨୪ ଘଣ୍ଟା ମଧ୍ୟରେ ୧୦୪ କରୋନା ପଜିଟିଭ ଚିହ୍ନଟ: ୨୪ ଜଣ ୧୮ ବର୍ଷରୁ କମ୍ ବର୍ଗର



ଭୁବନେଶ୍ୱର,୧୧/୦୩ (ନି.ପ୍ର): ରାଜ୍ୟରେ ଗତ ୨୪ ଘଣ୍ଟା ମଧ୍ୟରେ ୧୦୪ ଜଣ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି। ଏମାନଙ୍କ ମଧ୍ୟରୁ ୬୧ ଜଣ ସଙ୍ଗରୋଧ କେନ୍ଦ୍ରରୁ ଚିହ୍ନଟ ହୋଇଥିବା ବେଳେ ସ୍ଥାନୀୟ ସଂକ୍ରମଣରୁ ୪୩ ଜଣ ପଜିଟିଭ ଚିହ୍ନଟ ହୋଇଛନ୍ତି। ଏଥିମଧ୍ୟରୁ ୨୪ ଜଣ ୧୮ ବର୍ଷରୁ କମ୍ ବୟସର ଶିଶୁ- କିଶୋର ଥିବା ଜଣାଯାଇଛି। ଆଜି ସମ୍ବଲପୁର ଜିଲ୍ଲାରୁ ସର୍ବାଧିକ ୧୬ ଜଣ ଆକ୍ରାନ୍ତ ଥିବା ରାଜ୍ୟ ସୂଚନା ଓ ଲୋକସଂପର୍କ ବିଭାଗ ପକ୍ଷରୁ ତଥ୍ୟ ପ୍ରଦାନ କରାଯାଇଛି। ସୂଚନାଯୋଗ୍ୟ, ଗତକାଲି ୧୦୮ ଜଣ କରୋନା ପଜିଟିଭ୍ ଚିହ୍ନଟ ହୋଇଥିଲେ।

ଗତ ୨୪ ଘଣ୍ଟା ମଧ୍ୟରେ ବାଲେଶ୍ୱର ଜିଲ୍ଲାରୁ ୧୫ ଜଣ, ବଲାଙ୍ଗୀରରୁ ୫ ଜଣ, ବୌଦ୍ଧ ଜିଲ୍ଲାରୁ ୧ ଜଣ, କଟକରୁ ୨ ଜଣ, ଦେବଗଡ଼ରୁ ୧ ଜଣ, ଗଜପତିରୁ ୧୩ ଜଣ, ଜଗତସିଂହପୁର ଜିଲ୍ଲାରୁ ୩ ଜଣ, ଯାଜପୁରରୁ ୨ ଜଣ, ଝାରସୁଗୁଡ଼ାରୁ ୨ ଜଣ, କଳାହାଣ୍ଡି ଜିଲ୍ଲାରୁ ୧ ଜଣ କେନ୍ଦ୍ରାପଡ଼ାରୁ ୭ ଜଣ, ଖୋର୍ଦ୍ଧାରୁ ୧୦ ଜଣ, କୋରାପୁଟରୁ ୩ ଜଣ, ମୟୂରଭଞ୍ଜରୁ ୩ ଜଣ, ନବରଙ୍ଗପୁରରୁ ୨ ଜଣ, ନୟାଗଡ଼ରୁ ୧ଜଣ, ରାୟଗଡ଼ାରୁ ୧ ଜଣ, ସମ୍ବଲପୁରରୁ ୧୬ ଜଣ, ସୁନ୍ଦରଗଡ଼ରୁ ୧୨ ଜଣ , ସୋନପୁର ଜିଲ୍ଲାରୁ ୧ ଜଣ ଓ ଷ୍ଟେଟ ପୁଲରୁ ୨ ଜଣ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି।

ବର୍ତ୍ତମାନ ପର୍ଯ୍ୟନ୍ତ ରାଜ୍ୟରେ ୧୨,୮୬,୪୫୭ ଜଣ ପଜିଟିଭ ଚିହ୍ନଟ ହୋଇଛନ୍ତି। ସେହିପରି ୧୨,୭୬,୨୮୫ ଜଣ ସୁସ୍ଥ ହୋଇଛନ୍ତି। ଏବେ ବି ୧,୦୧୪ ଜଣ ସକ୍ରିୟ ସଂକ୍ରମିତ ଅଛନ୍ତି।

# ଏନ୍‌ଏସ୍‌ଏସ୍ ତଥ୍ୟ ଦେଉନାହାନ୍ତି ୪ ବିଶ୍ୱବିଦ୍ୟାଳୟ



ଭୁବନେଶ୍ୱର ,୧୧/୦୩ (ନି.ପ୍ର): ଏନ୍‌ଏସ୍‌ଏସ୍ ସ୍ୱେଚ୍ଛାସେବୀଙ୍କ ତଥ୍ୟ ଦେଉନାହାନ୍ତି କଲେଜ ଓ ବିଶ୍ୱବିଦ୍ୟାଳୟ। ବାରମ୍ବାର କହିବା ସତ୍ତ୍ୱେ ଅଧିକାଂଶ ଶିକ୍ଷାନୁଷ୍ଠାନ ଖାମଖିଆଲି ମନୋଭାବ ପୋଷଣ କରୁଛନ୍ତି। ସେପଟେ କେନ୍ଦ୍ର ଶିକ୍ଷା ମନ୍ତ୍ରଣାଳୟ ପକ୍ଷରୁ ବାରମ୍ବାର ତଥ୍ୟ ମଗାଯାଉଥିବାରୁ ଏବେ ହରଡ଼ଘଣାରେ ଉଚ୍ଚଶିକ୍ଷା ବିଭାଗ। କିଭଳି ତଥ୍ୟ ପ୍ରଦାନ କରିବ ସେନେଇ ଚିନ୍ତାରେ ପଡ଼ିଛନ୍ତି ବିଭାଗୀୟ ଅଧିକାରୀ। ଯେଉଁଥିପାଇଁ ଗତକାଲି ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି। ଯେଉଁଥିରେ ପ୍ରାୟ ୫୦୦ ପିଓ(କାର୍ଯ୍ୟକ୍ରମ ଅଧିକାରୀ), ଡିପିଓ(ଜିଲ୍ଲା କାର୍ଯ୍ୟକ୍ରମ ଅଧିକାରୀ) ଓ ପିସି(କାର୍ଯ୍ୟକ୍ରମ ସଂଯୋଜକ)ଙ୍କ ସମେତ ଆଞ୍ଚଳିକ ଶିକ୍ଷା ନିର୍ଦ୍ଦେଶକ, ଏନ୍‌ଏସ୍‌ଏସ୍ ଓ ଇଟିଆଇ ସଦସ୍ୟମାନେ ସାମିଲ ହୋଇଥିଲେ। ଆଲୋଚନା ସମୟରେ ଜଣାପଡ଼ିଛି ଯେ ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ(ଓୟୁଏଟି), ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟ, ରେଭେନ୍ସା ବିଶ୍ୱବିଦ୍ୟାଳୟ କୋରାପୁଟସ୍ଥିତ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ଏପର୍ଯ୍ୟନ୍ତ ଏନ୍‌ଏସ୍‌ଏସ୍ ରିପୋର୍ଟ ଦାଖଲ କରିନାହାନ୍ତି। ଆସନ୍ତା ୧୫ ତାରିଖ ସୁଦ୍ଧା ବିଭାଗ ନିକଟରେ ରିପୋର୍ଟ ଦାଖଲ କରିବାକୁ ନିର୍ଦ୍ଦେଶ ଦିଆଯାଇଛି।

ଅଧିକାଂଶ ପିଓ ଓ ଡିପିଓମାନେ ରିପୋର୍ଟ କିଭଳି ଦାଖଲ କରାଯିବ ସେନେଇ ଅବଗତ ନାହାନ୍ତି। ତେଣୁ ଆଜି ବିଭାଗ ପକ୍ଷରୁ ସମସ୍ତ ଏନ୍‌ଏସ୍‌ଏସ୍ ବ୍ୟୁରୋମାନଙ୍କୁ କୁହାଯାଇଛି। ସମସ୍ତ ଏନ୍‌ଏସ୍‌ଏସ୍ କାର୍ଯ୍ୟକ୍ରମ ଅଧିକାରୀମାନେ ପିଓ ଓ ଏଡିପିଓମାନଙ୍କ ସହ ହ୍ୱାଟ୍‌ସଆପ୍ ଗ୍ରୁପ୍ ମାଧ୍ୟମରେ ଯୋଗାଯୋଗରେ ରହିବେ। ବ୍ୟୁରୋର ଇ-ମେଲ୍ ଆଇଡି, ଅଫିସ୍ ଫୋନ୍ ନମ୍ବର, କାର୍ଯ୍ୟକ୍ରମ ସଂଯୋଜକଙ୍କ ହ୍ୱାଟ୍‌ସଆପ୍ ନମ୍ବର ସମସ୍ତ ପିଓମାନଙ୍କୁ ପ୍ରଦାନ କରିବାକୁ କୁହାଯାଇଛି। ପ୍ରସ୍ତାବ ପହଞ୍ଚିବାର ଗୋଟିଏ ମାସ ମଧ୍ୟରେ ନୂତନ କାର୍ଯ୍ୟକ୍ରମ ଅଧିକାରୀ ନିଯୁକ୍ତି ଦିଗରେ ବ୍ୟୁରୋ ପକ୍ଷରୁ ପଦକ୍ଷେପ ନିଆଯିବ। ବ୍ୟୁରୋ ପକ୍ଷରୁ ପ୍ରତି ତିନି ମାସରେ ଏନ୍‌ଏସ୍‌ଏସ୍ ସ୍ଥିତିର ସମୀକ୍ଷା କରାଯିବ। ଯେଉଁ କଲେଜରେ ଏନ୍‌ଏସ୍‌ଏସ୍ ୟୁନିଟ୍ କାର୍ଯ୍ୟ କରୁନାହାନ୍ତି ତାହାକୁ ଅନ୍ୟ କଲେଜକୁ ଆଲଟ୍ କରିବାକୁ କୁହାଯାଇଛି।

# ବିଶ୍ୱବିଦ୍ୟାଳୟ ସମାବର୍ତ୍ତନ ଉତ୍ସବ ନେଇ ରାଜଭବନର ବିଚିତ୍ର ନିଷ୍ପତ୍ତି: ସରକାରୀକୁ ନା, ଘରୋଇକୁ ହଁ

ଭୁବନେଶ୍ୱର ,୧୧/୦୩ (ନି.ପ୍ର): ନଭେମ୍ବର ମାସରେ ଓଡ଼ିଶାରେ କରୋନା ଭୂତାଣୁର ଓମିକ୍ରନ୍ ଭାରିଏଣ୍ଟ ଚିହ୍ନଟ ହୋଇ ନ ଥିଲା। ମାତ୍ର ରାଜଭବନ ପକ୍ଷରୁ ନିଷ୍ପତ୍ତି ନିଆଗଲା ଯେ ଏବର୍ଷ ରାଜ୍ୟର କୌଣସି ସରକାରୀ ବିଶ୍ୱବିଦ୍ୟାଳୟରେ ସମାବର୍ତ୍ତନ ଉତ୍ସବ ହେବନି। ରାଜ୍ୟପାଳଙ୍କ ସଚିବାଳୟର ଅତିରିକ୍ତ ସଚିବ ଚିତ୍ତରଞ୍ଜନ ମହାନ୍ତି ନଭେମ୍ବର ୩୦ରେ ସମସ୍ତ ବିଶ୍ୱବିଦ୍ୟାଳୟ କୁଳପତିଙ୍କୁ ଚିଠି ଲେଖି ଏନେଇ ଅବଗତ କରିଥିଲେ। ଏମିତିକି ସମାବର୍ତ୍ତନ ଉତ୍ସବ ବଦଳରେ ଛାତ୍ରଛାତ୍ରୀଙ୍କ ନିକଟକୁ ଡାକ ଯୋଗେ ଡିଗ୍ରି ସାର୍ଟିଫିକେଟ୍ ପଠାଇବାକୁ କହିଲେ। ଯଦି ସମାବର୍ତ୍ତନ ଉତ୍ସବ ଲାଗି କୁଳାଧିପତି କୌଣସି ବିଶ୍ୱବିଦ୍ୟାଳୟକୁ ସହମତି ଦେଇଛନ୍ତି ତେବେ ତାହାକୁ ପ୍ରତ୍ୟାହାର କରାଗଲା ବୋଲି ଅତିରିକ୍ତ ସଚିବ ଶ୍ରୀ ମହାନ୍ତି ଉଲ୍ଲେଖ କରିଥିଲେ। ଇତିମଧ୍ୟରେ ତିନି ମାସ ବିତିଲାଣି। କରୋନା ସଂକ୍ରମଣ ବି କମିଲାଣି। ଜୀବନଯାତ୍ରା ସ୍ୱାଭାବିକ ଅବସ୍ଥାକୁ ଫେରିଲାଣି। କରୋନା କଟକଣା ମଧ୍ୟ ହଟିଛି। ସମସ୍ତ ଶିକ୍ଷାନୁଷ୍ଠାନରେ ଛାତ୍ରଛାତ୍ରୀଙ୍କ ପାଠପଢ଼ା ସ୍ୱାଭାବିକ ଭାବେ ଚାଲିଛି। କାର୍ଯ୍ୟକ୍ରମ ମଧ୍ୟ ହେଉଛି। ହେଲେ ସମାବର୍ତ୍ତନ ଉତ୍ସବ ନ କରିବା ନିଷ୍ପତ୍ତିରେ ଅଟଳ ରହିଛି ରାଜଭବନ। ସମାବର୍ତ୍ତନ ଉତ୍ସବ କରିବାକୁ ବିଶ୍ୱବିଦ୍ୟାଳୟକୁ ଏପର୍ଯ୍ୟନ୍ତ ଅନୁମତି ଦିଆଯାଇ ନାହିଁ। ଗୋଟିଏ ପଟେ ସରକାରୀ ବିଶ୍ୱବିଦ୍ୟାଳୟ ଲାଗି କଟକଣା ଲାଗିଥିବା ବେଳେ ଅନ୍ୟପଟେ ଘରୋଇ ବିଶ୍ୱବିଦ୍ୟାଳୟରେ ସମାବର୍ତ୍ତନ ଉତ୍ସବ ଅନୁଷ୍ଠିତ ହେଉଛି। ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ୍ ମଧ୍ୟ ଉପସ୍ଥିତ ରହି ଦୀକ୍ଷାନ୍ତ ଭାଷଣ ଦେଉଛନ୍ତି। ଛାତ୍ରଛାତ୍ରୀଙ୍କୁ ଭେଟୁଛନ୍ତି। ଡିଗ୍ରି ମଧ୍ୟ ପ୍ରଦାନ କରୁଛନ୍ତି। ଯାହାକୁ ନେଇ ସରକାରୀ ବିଶ୍ୱବିଦ୍ୟାଳୟର ଡିଗ୍ରି ପାଇବାକୁ ଥିବା ଛାତ୍ରଛାତ୍ରୀ ପ୍ରଶ୍ନ ଉଠାଇଛନ୍ତି। ସେମାନେ କହିଛନ୍ତି ଯେ ସରକାରୀ ବିଶ୍ୱବିଦ୍ୟାଳୟରେ କ’ଣ କରୋନା ପଶିଯାଉଛି। ଯେତେବେଳେ ସାରା ରାଜ୍ୟରେ ସ୍ଥିତି ସ୍ୱାଭାବିକ ଅବସ୍ଥାକୁ ଫେରିଛି ସେଭଳି ସ୍ଥଳେ କ’ଣ ପାଇଁ ଏହି କଟକଣା। ଏହା ରାଜ୍ୟପାଳ ତଥା ବିଶ୍ୱବିଦ୍ୟାଳୟ କୁଳାଧିପତିଙ୍କ ନିଷ୍ପତ୍ତି ନା ଅଧିକାରୀଙ୍କ ମନମାନି। କରୋନାକୁ ନଜରରେ ରଖି ଗୋଟିଏ ବର୍ଷ ଲାଗି ସମାବର୍ତ୍ତନ ଉତ୍ସବ ନ କରିବା କେତେଦୂର ଯୁକ୍ତିଯୁକ୍ତ।

# ଆସାମ ପୌର ନିର୍ବାଚନରେ କାମ ଦେଲା ବୈଜୟନ୍ତଙ୍କ ରଣନୀତି: ୮୦ରୁ ୭୭ଟି ମ୍ୟୁନିସପାଲଟି ବୋର୍ଡ ଗଠନ କରିବ ବିଜେପି



ଭୁବନେଶ୍ୱର ,୧୧/୦୩ (ନି.ପ୍ର): ଓଡ଼ିଶାରେ ପଞ୍ଚାୟତ ନିର୍ବାଚନରେ ବିଜେଡି ଯେପରି ୯୦% ଜିଲ୍ଲା ପରିଷଦ ଆସନ ଜିତିଲା ଆସାମରେ ପୌର ନିର୍ବାଚନରେ ବିଜେପି ସେହିପରି ମୂଳପୋଛ କରିଛି। ଓଡ଼ିଶାରେ ନବୀନ ପଟ୍ଟନାୟକଙ୍କ ଯାଦୁ ଦେଖିବାକୁ ମିଳିଥିବାବେଳେ ଆସାମରେ ବିଜେପିର ରାଷ୍ଟ୍ରୀୟ ଉପାଧ୍ୟକ୍ଷ ତଥା ଆସାମ ପ୍ରଭାରୀ ବୈଜୟନ୍ତ ପଣ୍ଡାଙ୍କ ରଣନୀତି କାମ ଦେଇଛି। ବୈଜୟନ୍ତଙ୍କ ଗୋଟି ଚାଳନାରେ ବିଜେପି ଆସାମରେ ମୋଟ୍ ୮୦ଟି ମ୍ୟୁନିସପାଲଟି ବୋର୍ଡରୁ ୭୭ଟି ମ୍ୟୁନିସପାଲଟି ବୋର୍ଡ ଗଠନ କରିବାକୁ ଯାଉଛି।

ଅନ୍ତର୍ଜାତୀୟ ତଥା ଜାତୀୟ ରାଜନୀତି ଦୃଷ୍ଟିରୁ ଅନ୍ୟତମ ଗୁରୁତ୍ୱପୂର୍ଣ୍ଣ ଉତ୍ତର ପୂର୍ବାଞ୍ଚଳ ରାଜ୍ୟ ଆସାମରେ ବିଧାନସଭା ରାୟର ପୁନରାବୃତ୍ତି ହୋଇଛି। ବିଧାନସଭା ନିର୍ବାଚନରେ ବୈଜୟନ୍ତଙ୍କ ରଣନୀତି କାମ ଦେଇଥିବାରୁ ତାଙ୍କୁ କେନ୍ଦ୍ରୀୟ ନେତୃତ୍ୱ ପୌର ନିର୍ବାଚନ ଦାୟିତ୍ୱ ଦେଇଥିଲେ। ଯାହାକୁ ସଫଳତାର ସହ ପରିଚାଳନା କରି ବୈଜୟନ୍ତ ପୁଣି ତାଙ୍କ ଦକ୍ଷତାର ପରିଚୟ ଦେଇଛନ୍ତି। ଅପରପକ୍ଷେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଉତ୍ତର-ପୂର୍ବାଞ୍ଚଳରେ ପୂର୍ବୋଦୟର ନାରା ଦେଉଥିବାରୁ ବୈଜୟନ୍ତ ତାହାକୁ ଅଧିକ ମଜବୁତ୍ କରିଛନ୍ତି। ଆସାମରେ ୨୪ଟି ଜିଲ୍ଲାରେ ୯୭୭ଟି ୱାର୍ଡରେ ୮୦ଟି ମ୍ୟୁନିସପାଲଟି ବୋର୍ଡ ନିର୍ବାଚନରେ ବିଜେପି ୭୭ଟି ମ୍ୟୁନିସପାଲଟି ବୋର୍ଡ ଗଠନ କରିବାକୁ ଯାଉଥିବାବେଳେ କଂଗ୍ରେସ ମାତ୍ର ଗୋଟିଏ ଏବଂ ସ୍ୱାଧୀନ ଦୁଇଟି ବୋର୍ଡ ଗଠନ କରିବାକୁ ଯାଉଛନ୍ତି। ବିଜେପିର ଏହି ବିପୁଳ ବିଜୟ ପରେ ଶ୍ରୀ ପଣ୍ଡା ଆସାମର ଜନସାଧାରଣଙ୍କ ନିକଟରେ କୃତଜ୍ଞତା ଜ୍ଞାପନ କରିବା ସହ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦେଶ ତଥା ଆସାମ ଓ ଉତ୍ତର-ପୂର୍ବାଞ୍ଚଳ ବିକାଶ ପ୍ରତି ସ୍ୱତନ୍ତ୍ର ଗୁରୁତ୍ୱକୁ ଭରସା କରୁଛନ୍ତି ବୋଲି କହିଛନ୍ତି। ଯେଉଁ ଅଞ୍ଚଳରେ ବିଜେପିର ଶାସନ ନଥିଲା ସେଠି ମଧ୍ୟ ଆଗାମୀ ଦିନରେ ବିଜେପି ସଫଳତା ହାସଲ କରିବ ବୋଲି ଶ୍ରୀ ପଣ୍ଡା ଦୃଢୋକ୍ତି ପ୍ରକାଶ କରିଛନ୍ତି।

## ଟ୍ରେନ୍ ଯାତ୍ରୀଙ୍କ ପାଇଁ ହଟିଲା କଟକଣା: ଦିଆଯିବ ବେଡ୍‌ସିଟ୍, ତକିଆ, କମ୍ବଳ

ଭୁବନେଶ୍ୱର ,୧୧/୦୩ (ନି.ପ୍ର): କରୋନା ସଂକ୍ରମଣ କମିଥିବାରୁ ରେଳ ମନ୍ତ୍ରଣାଳୟ ପକ୍ଷରୁ ଏକାଧିକ ପଦକ୍ଷେପ ହାତକୁ ନିଆଯାଇଛି। ରେଳପଥ ପକ୍ଷରୁ ଯେଉଁ ଟ୍ରେନ୍‌ଗୁଡ଼ିକରେ ଯାତ୍ରୀଙ୍କୁ ବେଡ୍‌ସିଟ୍, କମ୍ବଳ ଓ ତକିଆ ଦିଆଯାଉଥିଲା, ତାହା ପୁଣିଥରେ ଆରମ୍ଭ ହେବ। କୋଭିଡ୍ ଲାଗି ଜାରି କଟକଣାକୁ ହଟାଇ ଦିଆଯାଇଛି। ସମସ୍ତ ଜୋନାଲ ରେଲୱେର ଜେନେରାଲ ମ୍ୟାନେଜରମାନେ ଏ ଦିଗରେ ପଦକ୍ଷେପ ନେବା ସହ ଯାତ୍ରୀଙ୍କୁ ଆବଶ୍ୟକ ସୁବିଧା ସୁଯୋଗ ଯୋଗାଇ ଦେବାକୁ କୁହାଯାଇଛି।

# ରାଜ୍ୟରେ ମାତିଛନ୍ତି କୁଖ୍ୟାତ ମୂର୍ତ୍ତି ଚୋର ର୍ୟାକେଟ୍: ଅସୁରକ୍ଷିତ ଭଗବାନ, ଅସହାୟ ପୁଲିସ

ଭୁବନେଶ୍ୱର,୧୧/୦୩ (ନି.ପ୍ର): ମଣିଷର ଅସୁବିଧା ହେଲେ ସେ ଭଗବାନଙ୍କ ପାଖରେ ଶରଣ ନିଏ। ନିଜକୁ ଉଦ୍ଧାର କରିବା ପାଇଁ ଭଗବାନଙ୍କୁ ପ୍ରାର୍ଥନା କରେ। କିନ୍ତୁ ଭଗବାନ ନିଜେ ଅସହାୟ ହୋଇ ପଡ଼ିଛନ୍ତି। ଗୋଟିଏ ପରେ ଗୋଟିଏ ମନ୍ଦିରରୁ ଭଗବାନଙ୍କ ମୂର୍ତ୍ତି ଚୋରି ଏବେ ସାରା ରାଜ୍ୟରେ ଆଲୋଡ଼ନ ସୃଷ୍ଟି କରିଛି। ପୁରୀ ଜିଲ୍ଲା ସତ୍ୟବାଦୀ, ଚନ୍ଦନପୁରର ଏକାଧିକ ପ୍ରାଚୀନ ମନ୍ଦିରରୁ ଦୁର୍ମୂଲ୍ୟ ଅଷ୍ଟଧାତୁ ମୂର୍ତ୍ତି ଚୋରି ଘଟଣାର ପର୍ଦ୍ଦାଫାସ୍ କରି ଗତକାଲି ପୁଲିସ ବାହା ବାଃ ନେବାର ୨୪ ଘଣ୍ଟା ନ ପୂରୁଣୁ ଆଉ ଏକ ଘଟଣା ଚାରିଆଡ଼େ ଚାଞ୍ଚଲ୍ୟ ଖେଳାଇ ଦେଇଛି। ଗତକାଲି ବିଳମ୍ବିତ ରାତିରେ ପୁରୀ ଜିଲ୍ଲା କଣାସ ବ୍ଲକ୍ ଗଡ଼ିଶାଗୋଦା ଥାନା ବକୁ ପଞ୍ଚାୟତ ଶ୍ରୀମୁକୁନ୍ଦପୁର ଗାଁର ପ୍ରାୟ ୫ ଶହ ବର୍ଷ ପୁରୁଣା ଈଶାନେଶ୍ୱର ମନ୍ଦିରରୁ ଶିବ, ପାର୍ବତୀ, ରାଧାକୃଷ୍ଣଙ୍କ ମୂର୍ତ୍ତି ଚୋରି ହୋଇଛି। ଏକ ଦମ୍ପତିଙ୍କୁ ଗିରଫ କରି ପୁଲିସ ସେମାନଙ୍କ ପାଖରୁ ୧୦ ମୂର୍ତ୍ତି ଉଦ୍ଧାର କରି ସାମ୍ବାଦିକ ସମ୍ମିଳନୀ କରି ବାହାଦୁରି ନେଇଥିଲା, କିନ୍ତୁ ଚୋର ପାଖରେ ପହଞ୍ଚି ପାରି ନ ଥିଲା। ବଲିଉଡ୍ ଫିଲ୍ମ ‘ଧୁମ୍’ ଷ୍ଟାଇଲରେ ଚ୍ୟାଲେଞ୍ଜ ଦେଇ ପୁଣି ମୂର୍ତ୍ତି ଲୁଟିଛନ୍ତି ଚୋର। ଏ ତ ଗଲା ପୁରୀ କଥା। କିନ୍ତୁ ରାଜଧାନୀ ଭୁବନେଶ୍ୱରରେ ମାତ୍ର ୧୫ ଦିନ ବ୍ୟବଧାନରେ ଦୁଇ ଦୁଇଟି ମନ୍ଦିରରୁ ବଡ଼ଧରଣର ପ୍ରାଚୀନ ମୂର୍ତ୍ତି ଚୋରି ଘଟଣାରେ ପୁଲିସ ସାମାନ୍ୟତମ ସୁରାକ୍ ପାଇବାରେ ବିଫଳ ହୋଇଛି। ଗତବର୍ଷ ନଭେମ୍ବର ୧୭ ତାରିଖରେ ପାହାଳ ଥାନା ନହରକଣ୍ଟାରେ ସ୍ୱପ୍ନେଶ୍ୱର ମନ୍ଦିରରୁ ପାର୍ବତୀ, ଚନ୍ଦ୍ରଶେଖରଙ୍କ ଅଷ୍ଟଧାତୁ ମୂର୍ତ୍ତି ଚୋରି ହୋଇଥିଲା। ଏହାର ଠିକ୍ ୧୫ ଦିନ ପରେ ଅର୍ଥାତ୍ ଡିସେମ୍ବର ୧ ତାରିଖରେ ବାଲିଅନ୍ତା ଥାନା ଭିଙ୍ଗାରପୁରରେ ପ୍ରାୟ ୩ ଶହ ବର୍ଷ ପୁରୁଣା ଗୋପୀନାଥ ମନ୍ଦିରରେ କଳାକନା ବୁଲାଇଥିଲେ ଦୁର୍ବୃତ୍ତ। ଗୋପୀନାଥ ଦେବଙ୍କ ଚଳନ୍ତି ପ୍ରତିମା, ରାଧା, ଗଣେଶ, ଲକ୍ଷ୍ମୀ, ସରସ୍ୱତୀଙ୍କ ସହ ୮ଟି ଅଷ୍ଟଧାତୁ ମୂର୍ତ୍ତି ଲୁଟି ନେଇଥିଲେ ଦୁର୍ବୃତ୍ତ। କମିସନରେଟ ପୁଲିସ ମଧ୍ୟ ଏହି ଘଟଣାର ଟେର୍ ପାଉନି। ଗତ କିଛି ମାସ ମଧ୍ୟରେ ଘଟିଥିବା ଇଏ କିଛି ଘଟଣା ମାତ୍ର। କିନ୍ତୁ ଉପକୂଳ ଓ ମଧ୍ୟବର୍ତ୍ତୀ ଜିଲ୍ଲାରେ ଥିବା ମନ୍ଦିର ଅସୁରକ୍ଷିତ ହୋଇ ପଡ଼ିଛି। ଚୋରି ବଢ଼ି ବଢ଼ି ଚାଲିଛି। ବିପୁଳ ପରିମାଣର ମୂର୍ତ୍ତି ଚୋରି ଘଟଣାର ପର୍ଦ୍ଦାଫାସ୍ ନ ହୋଇ ପଡ଼ି ରହିଛି। ଅନେକ ମାମଲାରେ ପୁଲିସ ଫେଲ୍ ମାରିଥିବା ବେଳେ ବହୁ ପ୍ରାଚୀନ ମୂର୍ତ୍ତିର ସନ୍ଧାନ ମିଳିପାରୁନି। ଏ ସବୁ ମୂର୍ତ୍ତି ବିଦେଶକୁ ଚାଲାଣ ହୋଇଥିବା ସ୍ପଷ୍ଟ ହୋଇଛି। ଆମେରିକା, ୟୁରୋପରେ ଭାରତୀୟ ପ୍ରାଚୀନ ମୂର୍ତ୍ତିର ଚାହିଦା ଯଥେଷ୍ଟ ଅଧିକ ରହିଥିବା ବେଳେ ଏହା କୋଟି କୋଟି ଟଙ୍କାର ବେପାର ହୋଇଥାଏ। ଏହା ପଛରେ ଅନ୍ତଃରାଜ୍ୟ ରାକେଟର ହାତ ରହିଥିବା ସ୍ପଷ୍ଟ ହୋଇଛି। କିନ୍ତୁ ଏହି ମୂର୍ତ୍ତି ଚୋର ରାକେଟ କେଉଁ ଅଞ୍ଚଳର ତାହାର ସାମାନ୍ୟତମ ଟେର୍ ପାଇ ପାରି ନାହିଁ ପୁଲିସ। ଯାହା ପୁଲିସ ପାଇଁ ଅଡୁଆ ବଢ଼ାଇଛି। ଆଗକୁ ବଡ଼ ମନ୍ଦିର ଯେ ଟାର୍ଗେଟ ନ ହେବ ତାହା କେହି କହିପାରିବେ ନାହିଁ। କାରଣ ବିଗତ ଦିନର ଅନ୍ତଃରାଜ୍ୟ କୁଖାତ ମୂର୍ତ୍ତି ଚୋର ସନ୍ତୋଷ ଦାଶ ପୁରୀ ଶ୍ରୀଜଗନ୍ନାଥ ମନ୍ଦିର ଓ ଶ୍ରୀଲିଙ୍ଗରାଜ ମନ୍ଦିରରୁ ଚୋରି କରି ଚାଞ୍ଚଲ୍ୟ ସୃଷ୍ଟି କରିଥିଲା। ଖାଲି ଓଡ଼ିଶା ନୁହେଁ କର୍ଣ୍ଣାଟକ, ତାମିଲନାଡୁ, ଆନ୍ଧ୍ରପ୍ରଦେଶ ଭଳି ରାଜ୍ୟରେ ଚୋରି କରିଛି। ତାମିଲନାଡୁର ଏକ ମାମଲାରେ ୨୦୨୦ରେ ଦଣ୍ଡିତ ହୋଇ ଏବେ କୋଏମ୍ବାଟୁର ସେଣ୍ଟ୍ରାଲ ଜେଲରେ ସଜା କାଟୁଛି। ଏକ ବିଶ୍ୱସ୍ତ ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ, ମୂର୍ତ୍ତି ଚୋରି ପଛରେ ରାଜସ୍ଥାନ ଓ ବିହାରର ଏକାଧିକ ଗ୍ୟାଙ୍ଗର ହାତ ରହିଛି। ସେମାନେ ଗତ କିଛିମାସ ହେବ ଓଡ଼ିଶାରେ ଡେରା ପକାଇ ମନ୍ଦିରରୁ ଚୋରି କରୁଥିବା ଜଣାପଡ଼ିଛି। ଏପରିକି କିଛି ମୂର୍ତ୍ତିକୁ ତରଳାଇ ଅନ୍ୟ ମୂର୍ତ୍ତି ତିଆରି କରି ଦେଉଛନ୍ତି। ଗତ ଜାନୁଆରୀରେ ଚେନ୍ନାଇ ପୁଲିସ ମୂର୍ତ୍ତି ଚୋରି ଘଟଣାର ପର୍ଦ୍ଦାଫାସ୍ କରିବା ସହ ଜାଭେଦ୍ ଶାହା ନାମକ ଜଣେ ବ୍ୟକ୍ତିକୁ ଗିରଫ କରିଥିଲା। ଇଣ୍ଡିଆନ୍ କଟେଜ୍ ଏମ୍ପୋରିଅମ୍ ଖୋଲି ସେଠାରେ ବିକ୍ରି କରୁଥିଲା ମୂର୍ତ୍ତି। ୧୧ଟି ମୂର୍ତ୍ତି ଉଦ୍ଧାର ହୋଇଥିବା ବେଳେ ସେଥିରେ ୮ଟି ପ୍ରାଚୀନ ଥିଲା ବୋଲି ଜଣାପଡ଼ିଥିଲା। ଅଧିକାଂଶ ମୂର୍ତ୍ତି ପାର୍ବତୀଙ୍କର ଥିଲା। ତେଣୁ ଓଡ଼ିଶାରୁ ଚୋରି ହେଉଥିବା ମୂର୍ତ୍ତି ସେହିଭଳି କିଛି ପ୍ରାଚୀନ ସାମଗ୍ରୀ ସୋ’ରୁମରେ ମଧ୍ୟ ବିକ୍ରି ହେଉଥିବା ଅନୁମାନ କରାଯାଉଛି।

# ବଢୁଛି ନର୍ସ ସଂଘ-କର୍ତ୍ତୃପକ୍ଷଙ୍କ ବିବାଦ: ଏମ୍ସ କ୍ଲିନିକାଲ ନର୍ସିଂ ପଦରେ ଅଣକ୍ଲିନିକାଲ ନର୍ସଙ୍କୁ ନିଯୁକ୍ତି

ଭୁବନେଶ୍ୱର ,୧୧/୦୩ (ନି.ପ୍ର): ଏମ୍ସ କର୍ତ୍ତୃପକ୍ଷଙ୍କ ସହ ମୁହାଁମୁହିଁ ସ୍ଥିତିରେ ନର୍ସିଂ କ୍ୟାଡର। ଏହାକୁ ନେଇ ଆସନ୍ତା୧୪ ତାରିଖରେ ପ୍ରତ୍ୟେକ ନର୍ସ କଳା ବ୍ୟାଜ୍ ପରିଧାନ ସହ ଦାବି ପୂରଣ ନହେଲେ ଏପ୍ରିଲ ୧୬ରୁ ଅନିର୍ଦ୍ଦିଷ୍ଟ ସମୟ ପାଇଁ ଆନ୍ଦୋଳନ କରିବେ ବୋଲି ଘୋଷଣା କରିଛନ୍ତି। ଏ ସଂକ୍ରାନ୍ତରେ ନର୍ସିଂ ଆସୋସିଏସନ ମୁହଁ ଖୋଲୁନଥିଲେ ମଧ୍ୟ ପ୍ରତ୍ୟେକ ନର୍ସଙ୍କ ହ୍ୱାଟ୍‌ସଆପ ଏବଂ ଷ୍ଟାଟସରେ ଆନ୍ଦୋଳନକୁ ନେଇ ଚେତାବନୀ ଜାରି ହୋଇଛି। ସୂଚନା ଅନୁଯାୟୀ, ପ୍ରାୟ ୨ ବର୍ଷ ହେଲା କ୍ଲିନିକାଲ ନର୍ସିଂର ଉପରିସ୍ଥ ପଦ ଯଥା ଜିଲ୍ଲା ନର୍ସିଂ ଅଧୀକ୍ଷକ, ନର୍ସିଂ ଅଧୀକ୍ଷକ, ମୁଖ୍ୟ ନର୍ସିଂ ଅଧିକାରୀ ସମେତ ୧୨ଟି ପଦରେ କାର୍ଯ୍ୟ ପାଇଁ ଅଣକ୍ଲିନିକାଲ ନର୍ସିଂ ଅଧିକାରୀଙ୍କୁ ଅତିରିକ୍ତ ଦାୟିତ୍ୱ ଦିଆଯାଇଛି। ଏଥିଯୋଗୁଁ କ୍ଲିନିକାଲ ନର୍ସିଂରେ କାର୍ଯ୍ୟରତ କର୍ମଚାରୀଙ୍କ ପଦୋନ୍ନତି ସଙ୍କୁଚିତ ହେଉଛି। ଏହାକୁ ନେଇ ନର୍ସିଂ କ୍ୟାଡରର ପ୍ରତ୍ୟେକ ସଦସ୍ୟ ବିରୋଧ କରିଆସୁଥିଲେ। ଏନେଇ ଦାବିପତ୍ର ମଧ୍ୟ ଦିଆଯାଇଛି। ମାତ୍ର ଏମ୍ସ କର୍ତ୍ତୃପକ୍ଷ ଦୃଷ୍ଟି ଦେଉନଥିଲେ। ଠିକ ଏହି ସମୟରେ କୋଭିଡ୍ ହେବାରୁ ବିରୋଧ ଏତେ ଉଗ୍ର ହୋଇ ପାରିଲା ନାହିଁ।

ବର୍ତ୍ତମାନ ଏହାକୁ ନେଇ କ୍ଲିନିକାଲ ନର୍ସିଂ କ୍ୟାଡର ମଧ୍ୟରେ ଅସନ୍ତୋଷ ତୀବ୍ର ହେବାରେ ଲାଗିଛି। ସେମାନଙ୍କ ଦାବି ପୂରଣ ନହେଲେ ଆସନ୍ତା ୧୪ ତାରିଖରେ ପ୍ରତୀକାତ୍ମକ ଭାବରେ କଳା ବ୍ୟାଜ୍ ପରିଧାନ, ୨୨ରେ ରାଲି, ୨୫ରେ ମହମବତି ଶୋଭାଯାତ୍ରା, ୨୬ରେ ଆମରଣ ଅନଶନ, ୨୮ରେ ଆଇସିୟୁ, ଓଟି ଏବଂ ଜରୁରୀକାଳୀନ ସେବାକୁ ପ୍ରଭାବିତ ନକରି ଆନ୍ଦୋଳନ ଏବଂ ଏପ୍ରିଲ ୧୬ ତାରିଖରୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ଆନ୍ଦୋଳନ ଧମକ ଦେଇଛନ୍ତି।

## ମଧୁପୁରା ଏବଂ ରତାଇ ପଂଚାୟତରେ ଶାନ୍ତିଶୃଙ୍ଖଳାର ସହ ନାଏବ ସରପଂଚ ନିର୍ବାଚନ ଅନୁଷ୍ଠିତ

ବାଲିଆପାଳ୧୧/୦୩ (ନି.ପ୍ର): ବାଲିଆପାଳ ବ୍ଲକ ମଧୁପୁରା ପଂଚାୟତରେ ଶାନ୍ତି ଶୃଙ୍ଖଳାର ସହିତ ଆଜି ନାଏବ ସରପଂଚ ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି । ଏଥିରେ କଂଗ୍ରେସ ପକ୍ଷରୁ ପ୍ରଦୀପ ବେହେରା ଓ ବିଜେଡି ପକ୍ଷରୁ ଅବୋଧ ଗିରି ପ୍ରତିଦ୍ୱନ୍ଦିତା କରିଥିଲେ । ମୋଟ ୨୦ ଜଣ ୱାର୍ଡ ମେମ୍ବର ମଧ୍ୟରୁ ପ୍ରଦୀପ ୧୫ଟି ଭୋଟ ପାଇଥିବା ବେଳେ ଅବୋଧ ସରପଂଚଙ୍କ ଭୋଟକୁ ମିଶାଇ ୬ଟି ଭୋଟ ପାଇଥିଲେ । ପ୍ରଦୀପ ନିର୍ବାଚନରେ ଜିତିବା ପରେ ସମିତି ସଦସ୍ୟ ସୁଶାନ୍ତ କୁମାର ସେଠୀ ପୂର୍ବତନ ସରପଂଚ ମୁରଲୀମୋହନ ସାହୁ, ଜ୍ୟୋସ୍ନାରାଣୀ ଗଙ୍ଗାଇ ସମେତ ଦଳୀୟ ସର୍ମଥକ ମାନେ ତାଙ୍କୁ ପୁଷ୍ପଗୁଚ୍ଛ ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ । ଏହି ଅବସରରେ ଶ୍ରୀ ବେହେରା ପଂଚାୟତର ସମସ୍ତ ଉନ୍ନୟନ ମୂଳକ କାର୍ଯ୍ୟକ୍ରମରେ ନିଷ୍ଠାର ସହ କାର୍ଯ୍ୟ କରିବେ ବୋଲି କହିଛନ୍ତି । ସେହିପରି ରତାଇ ପଂଚାୟତରେ ଶୁକଦେବ ପ୍ରଧାନ ନାଏବ ସରପଂଚ ଭାବରେ ନିର୍ବାଚିତ ହୋଇଛନ୍ତି । ସରପଂଚ ସୁପ୍ରଭା ପାଢୀ, ସମିତି ସଦସ୍ୟ ବିଷ୍ଣୁପଦ ପ୍ରଧାନଙ୍କ ପ୍ରମୁଖ ତାଙ୍କୁ ଶୁଭେଚ୍ଛା ଜଣାଇଥିଲେ ।

## କୃଷି କ୍ଷେତ୍ରରେ ଭାରତ ନିରନ୍ତର ଅଗ୍ରଗତି କରୁଛି : ତୋମର

ନୂଆଦିଲ୍ଲୀ, ୧୧/୦୩ : କୃଷି ଓ କୃଷକ କଲ୍ୟାଣ ମନ୍ତ୍ରୀ ନରେନ୍ଦ୍ର ସିଂ ତୋମର କହିଛନ୍ତି ଯେ, କୃଷି କ୍ଷେତ୍ରରେ ପ୍ରଗତି ପଥରେ ଭାରତ କ୍ରମାଗତ ଭାବରେ ଆଗକୁ ବଢୁଛି । ଶୁକ୍ରବାର ଦିନ ଭର୍ଚୁଆଲ ମାଧ୍ୟମରେ ୩୬ତମ ଏସିଆ-ପ୍ରଶାନ୍ତ ଏଫଏଓ (ଖାଦ୍ୟ ଓ କୃଷି ସଂଗଠନ) ଆଂଚଳିକ ସମ୍ମିଳନୀକୁ ସମ୍ବୋଧିତ କରି ତୋମର କହିଛନ୍ତି ଯେ, ଭାରତରେ ବିଶ୍ୱର ସବୁଠାରୁ ବଡ଼ ଅନୁସନ୍ଧାନ ଓ ବିକାଶ ପ୍ରଣାଳୀ ଅଛି । ଯାହା ସର୍ବୋତମ ପଦ୍ଧତିରେ ଅନ୍ୟ ଦେଶ ସହିତ ଅଭ୍ୟାସ କରିବାକୁ ପ୍ରସ୍ତୁତ ଅଛି । ତୋମର କହିଛନ୍ତି ଯେ, ଏସିଆ ପ୍ରଶାନ୍ତ ମହାସାଗରୀୟ ଅଂଚଳ କୀଟନାଶକ ପୋକ ପରି ସୀମାବର୍ତୀ କୀଟନାଶକ ଦ୍ୱାରା ପ୍ରଭାବିତ ହୋଇଥିଲା ତା ପରେ ଉପଯୁକ୍ତ ସମୟରେ ଭାରତ ଏକ ବ୍ୟାପକ ନିୟନ୍ତ୍ରଣ କାର୍ଯ୍ୟ ଆରମ୍ଭ କରିଥିଲା ଏବଂ ଅନ୍ୟ ପ୍ରଭାବିତ ଦେଶମାନଙ୍କୁ ମଧ୍ୟ ସାହଯ୍ୟ କରିଥିଲା । ପଙ୍ଗପାଳ ନିୟନ୍ତ୍ରଣ ପାଇଁ ଡ୍ରୋନ୍ ମଧ୍ୟ ସଫଳତାର ସହିତ ବ୍ୟବହୃତ ହୋଇଥିଲା ।

# କୁନି ସ୍କୁଲ ପିଲାଙ୍କୁ ଭରସା ଦୁର୍ବଳ ପୋଲ

ଲଙ୍ଗଳେଶ୍ୱର, ୧୧/୦୩ (ନି.ପ୍ର): ସଦର ବ୍ଲକ ଅନ୍ତର୍ଗତ କଷାଫଳ ପଞ୍ଚାୟତ ର ବଟପାହି ଗ୍ରାମ ରେ ଥିବା ହାଣ୍ଡିବସା ନଦୀରେ ସ୍ଥାୟୀ ପୋଲ ନ ଥିବା ଯୋଗୁଁ ଗ୍ରାମବାସୀ ଏବଂ କୁନି କୁନି ସ୍କୁଲ ପିଲାମାନେ ଅସ୍ଥାୟୀ ବିପଦ ସଂକୁଳ ବାଉଁଶ ପୋଲରେ ଯାତାୟାତ କରୁଛନ୍ତି । ପ୍ରକାଶ ଥାଉ କି ବାଲିଆପାଳ ବ୍ଲକ ସାଉଡି ପଞ୍ଚାୟତ ର ମୋତିବାବୁଚକ ଏବଂ କଷାଫଳ ର ବଟପାହି ଗ୍ରାମ ମଝିରେ ଏଇ ନଦୀ ପ୍ରବାହିତ ହୋଇ ହଂସକରା ମୁହାଣ କୁ ସଂଯୋଗ ହୋଇଛି । ଏଇ ପୋଲ ଉପରେ ବଟପାହି ଗ୍ରାମର ଶତାଧିକ ପରିବାର ସମେତ ଗ୍ରାମରେ ସ୍କୁଲ ର ପଢୁଥିବା ୨୫୦ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ, ମୋତିବାବୁଚକ, ପଞ୍ଚୁପାଲି ପଞ୍ଚାୟତ ର କାଳସିମୁଳି, ଜମ୍ବୀରାଇ ପଞ୍ଚାୟତ ର କୁଚୁଲାଘାଟି, ଇତ୍ୟାଦି ଗ୍ରାମର ହଜାର ହଜାର ଲୋକ ନିର୍ଭର କରନ୍ତି । ଗ୍ରାମରେ ବହୁ ପୁରାତନ ସ୍କୁଲ ଉମେଶ ଚନ୍ଦ୍ର ଉପ୍ରା ସ୍କୁଲ ଥିବାରୁ ପ୍ରତିଦିନ ଶହ ଶହ ଛାତ୍ରଛାତ୍ରୀ ଏଠାକୁ ପାଠ ପଢିବାକୁ



ଆସନ୍ତି ।ବର୍ଷା ଦିନେ ବହୁତ ପିଲା ଗୋଡ଼ ଖସି ନଦୀରେ ପଡିଯିବା, ସହିତ ବହୁତ ଛୋଟବଡ଼ ଦୁର୍ଘଟଣା ମାନ ଘଟିଥିବାର ଅଭିଯୋଗ ହୋଇଛି ।ତେଣୁ କୋମଳ ମୋତି ପିଲାମାନେ ସ୍କୁଲ ଯିବାକୁ ଡ଼ରୁଛନ୍ତି । ପୋଲ ନ ଥିବାରୁ ଗ୍ରାମ ଭିତରକୁ ଟେମ୍ପୋ, କାର କିମ୍ବା ଅନ୍ୟାନ୍ୟ ଚାରିଚକିଆ ମଟର ଯାନ ଯାତାୟାତ କରିପାରେ ନାହିଁ । ପ୍ରସୂତି କିମ୍ବା ଅନ୍ୟ ସାଙ୍ଘାତିକ ରୋଗୀ ମାନେ ହସ୍ପିଟାଲ ନେବାକୁ ହେଲେ ଆମ୍ବୁଲାନ୍ସ ଗାଁ ଭିତରକୁ ନ ଯାଇପାରିବାରୁ ଲଙ୍ଗଳେଶ୍ୱର କଷାଫଳ ମୁଖ୍ୟ ରାସ୍ତା ପାଖକୁ ରୋଗୀକୁ ଖଟିଆରେ ନେବାକୁ ପଡେ । ଖବର ନେବାରୁ ଜଣା ଯାଇଛି ଏଇ ନଦୀ ଉପରେ ଥିବା ଦୁର୍ବଳ ପୋଲଟିଏ ଥିଲା ।ଦୀର୍ଘ ଛଅ ବର୍ଷ ତଳେ ତାହା ଭାଙ୍ଗିପଡିବା ପରେ ଲୋକେ ଏଇ ଦୁର୍ବଳ ବାଉଁଶ ପୋଲ ତିଆରି କରି ଯାତାୟାତ କରୁଛନ୍ତି ।ପୋଲ ଭାଙ୍ଗିବାର ବର୍ଷ ବର୍ଷ ବିତିଯାଇଥିଲେ ହେଁ ନୂଆ ପୋଲ ନିର୍ମାଣ ହୋଇପାରିନାହିଁ । ସ୍ଥାନୀୟ ଜନସାଧାରଣ, ଗ୍ରାମବାସୀ, ଏବଂ ସ୍କୁଲ ଶିକ୍ଷକମାନେ ବାରମ୍ବାର ଦାବି କରିଆସୁଥିଲେ ହେଁ ଏଯାଏଁ କିଛି ସୁଫଳ ମିଳିନାହିଁ ।ଏଇ ପୋଲ ନିର୍ମାଣ କରିବାକୁ ସ୍କୁଲ ର ପ୍ରଧାନ ଶିକ୍ଷକ ସୁଧୀର କୁମାର ସି ଶିକ୍ଷୟିତ୍ରୀ ଅଶାନ୍ତି ସି, ବନଶ୍ରୀ ପ୍ରଧାନ ବଳରାମ ଦଳାଇ, କାର୍ତିକ ଚନ୍ଦ୍ର ବେହେରା, ଅନନ୍ୟା ବିଶ୍ୱଭାରତୀ, ସମାଜସେବୀ ସପନ କୁମାର ସେଠୀ, ଅମଲ କୁମାର ମଣ୍ଡଳ, ସଞ୍ଜୟ କୁମାର ମଣ୍ଡଳ, ଅଦୈତ୍ୟ ମାଇତି, ରେଣ୍ଟ । ମାଝୀ, ମାଟୁ ମାଝୀ, ହରାଧାନ ମାଇତି ପ୍ରମୁଖ ଜିଲ୍ଲାପାଳ, ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରି ପୋଲ ତିଆରି ପାଇଁ ଦାବି କରିଛନ୍ତି ।

# ଆଉ ନାହାନ୍ତି ବିଶିଷ୍ଟ କବି ଚତୁର୍ଭୁଜ ମଲ୍ଲିକ

ଲଙ୍ଗଳେଶ୍ୱର, ୧୧/୦୩ (ନି.ପ୍ର): ସିଂଲା ଥାନା ଅନ୍ତର୍ଗତ ସାର୍ଥା ଗ୍ରାମର ବିଶିଷ୍ଟ କବି ତଥା ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଚତୁର୍ଭୁଜ ମଲ୍ଲିକ ଙ୍କର ଆଜି ସକାଳ ମୃତ୍ୟୁବରଣ ହୋଇଯାଇଛି । ମୃତ୍ୟୁ ବେଳକୁ ତାଙ୍କୁ ୭୨ ବର୍ଷ ବୟସ ହୋଇଥିଲା । ସେ ଏକାଧାରରେ ଜଣେ ଆଦର୍ଶ ଶିକ୍ଷକ, କବି, ଲେଖକ, ସମାଜସେବୀ ଏବଂ ଅନୁଷ୍ଠାନ ପ୍ରେମୀ ଥିଲେ । ତାଙ୍କର ବହୁ କବିତା ଏବଂ ଲେଖା ବିଭିନ୍ନ ଖବର କାଗଜ ପୃଷ୍ଠା ମଣ୍ଡନ କରିଛି । ସେ ଉଚ୍ଚ ରକ୍ତଚାପରୁ ବ୍ରେନ ହାମରେଜ ହୋଇ ବାଲେଶ୍ୱର ହସ୍ପିଟାଲରେ ଚିକିତ୍ସାଧୀନ ଥିବାବେଳେ ମୃତ୍ୟୁବରଣ କରିଛନ୍ତି । ପୂର୍ବତନ ସାଂସଦ ରବୀନ୍ଦ୍ର କୁମାର



ଜେନା, ବିଧାୟକ ସ୍ୱରୂପ ଦାସ, ସରପଞ୍ଚ ଧନଞ୍ଜୟ ପାତ୍ର, ପୂର୍ବତନ ସରପଞ୍ଚ ସଂଜୀବ ମଣ୍ଡଳ, ସମାଜସେବୀ ବିଭୁ ପ୍ରସାଦ ବେହେରା, ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ତାଙ୍କ ଶେଷ ଦର୍ଶନ କରିଥିଲେ । ମରଶରୀର ପାଖରେ ତାଙ୍କର ଦୁଇ ପୁତ୍ର ସଂଗ୍ରାମ କେଶରୀ ମଲ୍ଲିକ ଏବଂ ବିପ୍ଳବ କୁମାର ମଲ୍ଲିକ ସମେତ ପୁତ୍ରବଧୂ ଓ ନାତି ନାତୁଣୀ ମାନେ ଉପସ୍ଥିତ ଥିଲେ ।

## କୋଭିଡ ଗାଇଡଲାଇନ ନିୟମ ଉଲ୍ଲଂଘନ ମାମଲାରେ ୧୯ ଗିରଫ ୯୨୬ ବାହନ ଜବତ

ଭୁବନେଶ୍ୱର, ୧୧/୦୩ (ନି.ପ୍ର): ରାଜ୍ୟରେ କୋଭିଡ ଗାଇଡଲାଇନ ନିୟମ ଉଲ୍ଲଂଘନ ଅଭିଯୋଗରେ ଓଡିଶା ପୋଲିସ ୧୯ ଜଣଙ୍କୁ ଗିରଫ କରିଥିବା ବେଳେ ୯୨୬ ବାହନକୁ ଜବତ କରିଛି । ଏହି ସମୟ ମଧ୍ୟରେ ୧,୭୭,୬୫୦ ଟଙ୍କା ଜୋରିମାନା ଆଦାୟ କରା ଯାଇଥିବା ରାଜ୍ୟ ପୋଲିସ ଦ୍ୱାରା ଟ୍ୱିଟ କରି ସୂଚନା ଦିଆ ଯାଇଛି ।

# ଆରମ୍ଭ ହେଲା ବଳାଙ୍ଗୀ ଜାଗରଣ ଯାତ୍ରା

ବାରିପଦା, ୧୧/୦୩ (ନି.ପ୍ର): ମୟୂରଭଞ୍ଜ ଜିଲ୍ଲାର ଅବଲୁପ୍ତ ପ୍ରାୟ ଭାଷା-ସାହିତ୍ୟ, କଳା-ସଂସ୍କୃତି, ପର୍ଯ୍ୟଟନ ଏବଂ ଐତିହ୍ୟର ସୁରକ୍ଷା ତଥା ବିକାଶ ପାଇଁ ଭଂଜମାଟିର ଗାରିମାମୟ ଐତିହ୍ୟ ବିଷୟରେ ଉତରପିଢିଙ୍କୁ ସଚେତନ କରି ଜିଲ୍ଲାର ୪ଟି ଯାକ ସବଡିଭିଜନର ଅଧିବାସୀଙ୍କ ମଧରେ ଭାଇଚାରାର ପଂପରାକୁ ସୁଦୃଢ କରିବା ନିମନ୍ତେ ଆଜି ୬ଷ୍ଠ ବାର୍ଷିକ ବଳାଙ୍ଗୀ ଜାଗରଣ ଯାତ୍ରା (ବାଇକ ଶୋଭାଯାତ୍ରା) ଏବଂ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓଙ୍କ ଏକ ଜ୍ୟୋତିରଥ ଜିଲ୍ଲା ପରିକ୍ରମା କାର୍ଯ୍ୟକ୍ରମ ବଳାଙ୍ଗୀ ମହୋତ୍ସବ ପରିଚାଳନା କମିଟିର ଯୁବଶାଖା ବଳାଙ୍ଗୀ ସେନା ଆନୁକୁଲ୍ୟରେ ଆରମ୍ଭ ହୋଇ ଯାଇଛି । ଆଜି ସକାଳେ ମହାରାଜାଙ୍କ ସମାଧୀପୀଠ ରାଣିବାଗ ରୁ ଏହି ଶୁଭ ଜ୍ୟୋତି ପ୍ରଜ୍ୱଳିତ ହୋଇ




୨ୟ ଶ୍ରୀକ୍ଷେତ୍ର ବାରିପଦା ହରିବଳଦେବ ଜୀଉ ଙ୍କ ମନ୍ଦିର ନିକଟରେ ପହଂଚିବା ପରେ ଜାଗରଣ ଯାତ୍ରା ବିଧିବଦ୍ଧ ଭାବେ ଉଦଘାଟିତ ହୋଇଥିଲା । ବରିଷ୍ଠ ସାମ୍ବାଦିକ ଡ. ବିଜୟ କୁମାର ଅଗ୍ରୱାଲାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଉଦଘାଟନୀ ଉତ୍ସବରେ ବଳାଙ୍ଗୀ ମହୋତ୍ସବର ପ୍ରତିଷ୍ଠାତା ସମ୍ପାଦକ ଶରତ ଚନ୍ଦ୍ର ନାୟକ, ଏସ.ଭି.ଏସ. ର ଅଧକ୍ଷା ବୀଣା ଦାଶ, ପଣ୍ଡିତ ଭାଗବତ ପଣ୍ଡା, ପୌରାଧକ୍ଷ ପ୍ରାର୍ଥୀ ଯୋଗେଶ ଅଗ୍ରୱାଲ ଭଞ୍ଜସେନାର ଯୁବଛାତ୍ର ସଂଯୋଜକ ରାଜକେଶ ବେହେରା, ମୁଖପାତ୍ର ଜ୍ୟୋତିରଂଜନ ପୃଷ୍ଟି, ବରିଷ୍ଠ ସାମ୍ବାଦିକ ସୁକାନ୍ତ କୁମାର ଜୀଉ, ସାହିତ୍ୟିକା ପାର୍ବତୀ ବାରିକ, ସୁସ୍ମିତା ଘୋଷାଲ, ବରିଷ୍ଠ ଆଇନଜିବୀ ବସନ୍ତ କୁମାର ମହାନ୍ତ, ଶିକ୍ଷାବିତ ନରେନ୍ଦ୍ର ମୋହନ ସେନାପତି, ଜ୍ଞାନ ରଞ୍ଜନ ତ୍ରିପାଠୀ, ଉଦୟ ନାଥ ଜେନା , ଗୋପାଳ ସାଓ ପ୍ରମୁଖ ଯୋଗ ଦେଇ ଜାଗରଣ ଯାତ୍ରା କୁ ଉଦ୍‌ଘାଟନ କରିଥିଲେ । ଏହି ଜାଗରଣ ଯାତ୍ରାରେ ବଳାଙ୍ଗୀ ସେନାର କର୍ମକର୍ତା ଦୀପକ କୁମାର ନାୟକ ଏବଂ କୁମାରେଶ ନାୟକଙ୍କ ନେତୃତ୍ୱରେ ୪୦ରୁ ଉର୍ଦ୍ଧ ସଂସ୍କୃତି ସୈନିକ ସାମିଲ ହୋଇ ଯାତ୍ରା କରୁଥିବାର ଜଣା ଯାଇଛି ।

# ଭିନ୍ନକ୍ଷମ ପିଲାମାନଙ୍କୁ ସାଧାରଣ ବିଦ୍ୟାଳୟର ଶ୍ରେଣୀ କକ୍ଷରେ ପାଠ୍ୟ ଉପଯୋଜନ ସମ୍ବନ୍ଧୀୟ ଜିଲ୍ଲା ସ୍ତରୀୟ କାର୍ମଶାଳା

ବାରିପଦା, ୧୧/୦୩ (ନି.ପ୍ର): ସମଗ୍ର ଶିକ୍ଷା, ମୟୁରଭଞ୍ଜ ଓ ସାଧନା, ବାରିପଦା ର ମିଳିତ ଉଦ୍ୟମରେ ଭିନ୍ନକ୍ଷମ ପିଲାମାନଙ୍କୁ ସାଧାରଣ ବିଦ୍ୟାଳୟର ଶ୍ରେଣୀ କକ୍ଷରେ ପାଠ୍ୟ ଉପଯୋଜନ ସମ୍ବନ୍ଧୀୟ ଜିଲ୍ଲା ସ୍ତରୀୟ ଏକ ପଞ୍ଚ ଦିବସୀୟ କର୍ମଶାଳା ଆୟୋଜିତ ହୋଇଯାଇଛି । ଏହି କର୍ମଶାଳା ଟି ତା ୭/୩/୨୦୨୨ ରୁ ଆରମ୍ଭ ହୋଇ ଅଦ୍ୟ ତା ୧୧/୩/୨୦୨୨ ରେ ଶେଷ ହୋଇଅଛି । ଏଥିରେ ଜିଲ୍ଲାର ସମସ୍ତବ୍ଲକରୁ ଆସିଥିବା ୮୦ ଜଣ ସମ୍ବଳ ଶିକ୍ଷକ (RP CWSNs), ଶିକ୍ଷକ, DIET ର ଶିକ୍ଷକଙ୍କ ତାଲିମ ଦାତା, ସାଧନା ର କର୍ମୀ ତଥା ଭିନ୍ନକ୍ଷମ ପିଲାମାନଙ୍କ ପିତାମାତା ମାନେ ଭାଗ ନେଇଥିଲେ । ଏହି କର୍ମଶାଳାରେ ସାଧାରଣ ବିଦ୍ୟାଳୟର



ଶିକ୍ଷକମାନଙ୍କ ପାଇଁ ପାଠ୍ୟ ଉପଯୋଜନ ନିମନ୍ତେ ଏକ ମାର୍ଗଦର୍ଶିକା ପ୍ରସ୍ତୁତ କରଯାଇଥିଲା । ଭିନ୍ନକ୍ଷମ ପିଲାମାନଙ୍କୁ ସାଧାରଣ ବିଦ୍ୟାଳୟରେ ଅନ୍ତର୍ନିବେଶି ଶିକ୍ଷାର ଆବଶ୍ୟକତା ଓ ଗୁରୁତ୍ୱ, ଜାତୀୟ ପାଠ୍ୟକ୍ରମ ଅନୁସାରେ ପ୍ରତି ଶ୍ରେଣୀର ଦକ୍ଷତାହାସଲ ପାଇଁଥିବା ଆହ୍ୱାନ ଓ ସେମାନଙ୍କ ପାଇଁ ବ୍ୟକ୍ତିଗତ ଶୈକ୍ଷିକ ଯୋଜନା ର ରୂପରେଖ, ବିଦ୍ୟାଳୟରେ ପଢାଇବା ପାଇଁ ବିଭିନ୍ନ ସରକାରୀ ଯୋଜନା ସମ୍ପର୍କରେ ଧାରଣା, ଭିନ୍ନକ୍ଷମ ପିଲା, ଶିକ୍ଷକ ଓ ସାଙ୍ଗସାଥି ମାନଙ୍କ ମଧ୍ୟରେ ଭାବର ଆଦାନପ୍ରଦାନ କୁ ଦୃଢୀଭୂତ କରିବାର ବିଭିନ୍ନ ଦିଗ, ସେମାନଙ୍କୁ ସାଧାରଣ ପିଲାମାନଙ୍କ ସହ ଶ୍ରେଣୀକକ୍ଷରେ ଏକାଠି ପଢାଇବା ପାଇଁ ପାଠ୍ୟ ଉପଯୋଜନ ର ରୂପରେଖ (framework of lesson adaptationfor inclusive classroom), ଭିନ୍ନକ୍ଷମ ପିଲାମାନଙ୍କ ପାଇଁ ପରିବେଶ ଶିକ୍ଷା ପାଇଁ ପାଠ୍ୟ ଉପଯୋଜନ, ଭାଷା ଶିକ୍ଷା ପାଇଁ ପାଠ୍ୟ ଉପଯୋଜନ ଓ ଗଣିତ ଶିକ୍ଷା ପାଇଁ ପାଠ୍ୟ ଉପଯୋଜନ ସାଧାରଣ ବିଦ୍ୟାଳୟ ରେ ଅନ୍ତର୍ନିବେଶି ଶିକ୍ଷା ବ୍ୟବସ୍ଥାରେ ଅନ୍ତର୍ଭୁକ୍ତ କରାଯାଇ ଶିକ୍ଷକ ମାନଙ୍କ ଦ୍ୱାରା କାର୍ଯ୍ୟକାରୀ କରାଯିବା ପାଇଁ ଏହି ମାର୍ଗଦର୍ଶିକାଟିର ମୁଖ୍ୟ ଲକ୍ଷ୍ୟ । ଏହି କର୍ମଶାଳା କୁ ଜିଲ୍ଲା ଅତିରିକ୍ତ ଶିକ୍ଷା ଅଧିକାରୀ ଶ୍ରୀଯୁକ୍ତ ପ୍ରଶାନ୍ତ କୁମାର ଦାସ ପ୍ରଦୀପ ପ୍ରଜ୍ୱଳନ କରି ଉଦ୍ଘାଟନ କରିଥିଲେ । ମୁଖ୍ୟ ଅତିଥି ଭାବେ ସାଧନାର ନିର୍ଦେଶକ ଶ୍ରୀ ରଞ୍ଜିତ ମହାପାତ୍ର ଉକ୍ତ କାର୍ମଶାଳାର ବିଭିନ୍ନ ଦିଗ ସମ୍ପର୍କରେ ଆଲୋଚନା କରିଥିଲେ । ଏହି କର୍ମଶାଳାଟିକୁ ସମଗ୍ର ଶିକ୍ଷା, ମୟୂରଭଞ୍ଜର ଅନ୍ତର୍ନିବେଶି ସଂଯୋଜକ ଶିଯୁକ୍ତ ନିରଞ୍ଜନ ନାୟକ ପରିଚାଳନା କରିବାସହ ସମଗ୍ର ମୟୂରଭଞ୍ଜ ଜିଲ୍ଲାର ଭିନ୍ନକ୍ଷମ ପିଲାମାନଙ୍କ ସ୍ଥିତି ଏବଂ ସର୍ବାଙ୍ଗୀନ ବିକାଶର ଚିତ୍ର ପ୍ରଦାନ କରିଥିଲେ । ସର୍ବଶେଷରେ ଜଚ ଉଡଝଘ ଶ୍ରୀ ପ୍ରଦୀପ ଦଳାଇ ଧନ୍ୟବାଦ ଅର୍ପଣ କରିଥିଲେ ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ...

## ଏପ୍ରିଲ ୨୯ରୁ ମେ ୬ ଯାଏଁ ....

ମାର୍କ ନିର୍ଦ୍ଧାରଣ କରାଯିବ । ଯେଉଁଥିରେ ଛାତ୍ରଛାତ୍ରୀ ସର୍ବାଧିକ ନମ୍ବର ରଖିବେ ତାକୁ ହିଁ ଚୂଡାନ୍ତ ଫଳ ବୋଲି ଧରାଯିବ ବୋଲି ମୁଖ୍ୟ ଶାସନ ସଚିବ କହିଛନ୍ତି । ସେ କହିଛନ୍ତି ଯେ, ୨ ବର୍ଷ ହେଲା କରୋନା ମହାମାରୀ ଲାଗି ରହିଛି । ଏହା ମାନସିକ, ଶାରୀରିକ ଓ ଅର୍ଥନୈତିକ ଶକ୍ତିକୁ ପ୍ରଭାବିତ କରିଛି । ପାଠପଢାକୁ ମଧ ପ୍ରଭାବିତ କରିଛି । ଅନେକ ପିଲା ସ୍କୁଲ ଯାଇ ପାରିନାହାଁନ୍ତି । ଲକଡାଉନ୍ ଓ ସଟଡାଉନ୍ ପାଇଁ ସ୍କୁଲ ବନ୍ଦ ରହିଛି । ଅନେକ ମାନସିକ ଭାରସାମ୍ୟ ହରାଇଛନ୍ତି । ଗତବର୍ଷ କରୋନା ପାଇଁ ଦଶମ ଶ୍ରେଣୀ ପରୀକ୍ଷା ହୋଇପାରିନଥିଲା । ନୂଆ ମୂଲ୍ୟାୟନ ପଦ୍ଧତିରେ ପରୀକ୍ଷା ଫଳ ପ୍ରକାଶ ପାଇଥିଲା । ଏବର୍ଷ ୨୦୨୧-୨୨ ଶିକ୍ଷାବର୍ଷରେ କିଛି ସ୍ଥିତି ସୁଧୁରିଛି ବୋଲି ସେ କହିଛନ୍ତି । ସେ ଆହରି କହିଛନ୍ତି ଯେ ମାଟ୍ରିକ୍ ପରୀକ୍ଷା କରିବା ପୂର୍ବରୁ, ଛାତ୍ରଛାତ୍ରୀମାନଙ୍କର ପରୀକ୍ଷା ପାଇଁ ପ୍ରସ୍ତୁତି ତଥା ପରୀକ୍ଷା କରିବାକୁ ଯଥାର୍ଥ ସମୟ ଆସିଛି କି'ନାହିଁ ଜାଣିବା ପାଇଁ ମାଧ୍ୟମିକ ଶିକ୍ଷା ପରିଷଦ ଛାତ୍ରଛାତ୍ରୀ, ଶିକ୍ଷକସମାଜ, ଶିକ୍ଷକ ସଂଗଠନର ସଦସ୍ୟ, ଅଭିଭାବକ, ଅଭିଭାବକ ସଂଗଠନର ସଦସ୍ୟ ଏବଂ ବିଭିନ୍ନ ଶିକ୍ଷା ପଦାଧିକାରୀ ଏବଂ ଓଡ଼ିଶାର ମାନ୍ୟଗଣ୍ୟ ଶିକ୍ଷାବିତ୍ ଗଣଙ୍କ ସହ ବିସ୍ତୃତ ଆଲୋଚନା କରିଥିଲେ । ସମସ୍ତ ହିତାଧିକାରୀ ମତ ଦେଇଥିଲେ ଯେ: ଏସଏ-୨ ପରୀକ୍ଷା କରିବା ଆବଶ୍ୟକ ଓ ଅଫଲାଇନ୍ ମୋଡ୍ ରେ ପରୀକ୍ଷା ପରିଚାଳନା କରାଯାଉ । ଦିନକୁ ଗୋଟିଏ ବିଷୟ ଏବଂ କିଛି ପରୀକ୍ଷା ମଧ୍ୟରେ ଖୁବ୍ କମ୍ ବ୍ୟବଧାନ ରଖି ପରୀକ୍ଷା କରାଯାଇ ଶୀଘ୍ର ସମାପ୍ତ କରାଯାଉ । ଖରାଦିନ ଆସି ଯାଇଥିବାରୁ ପରୀକ୍ଷା ସକାଳ ୮ ଘଟିକାଠାରୁ ଆରମ୍ଭ କରାଯାଉ । ଯେହେତୁ ପାଠ୍ୟ ଖସଡ଼ା ମାର୍ଚ୍ଚ ମାସରେ ସରିବ, ପରୀକ୍ଷା ଅପ୍ରେଲ ମାସର ଶେଷ ସପ୍ତାହରେ ଆରମ୍ଭ କରାଯାଉ । ଛାତ୍ରଛାତ୍ରୀ, ଅଭିଭାବକ, ଶିକ୍ଷା ତଥା ଶିକ୍ଷାବିତ୍ ମାନଙ୍କ ମତାମତକୁ ଆଧାର କରି ସରକାର ଏସଏ-୨ ପରୀକ୍ଷା କରିବାକୁ ନିଷ୍ପତି ନେଇଛନ୍ତି ବୋଲି ମୁଖ୍ୟ ଶାସନ ସଚିବ କହିଛନ୍ତି ।

## ୧୬ ତାରିଖରେ ଶପଥ....

ନିଜେ ହାରିବା ଓ ଦଳର ବିପର୍ଯ୍ୟୟ ପରେ ମୁଖ୍ୟମନ୍ତ୍ରୀ ପଦରୁ ସେ ଇସ୍ତଫା ଦେଇଛନ୍ତି । ସେହିପରି କ୍ରିକେଟରରୁ ରାଜନେତା ବନିଥିବା ସିଦ୍ଧୁ ଚଳିତ ଥର ଯେଉଁ ବିପର୍ଯ୍ୟୟର ସମ୍ମୁଖୀନ ହୋଇଛନ୍ତି ତାହା ହୁଏତ ପୂର୍ବରୁ କେବେ ହୋଇନଥିବେ । କିନ୍ତୁ ଦଳ ଭିତରେ ତାଙ୍କର ପ୍ରମୁଖ ପ୍ରତିଦ୍ୱନ୍ଦି ଚରଣଜିତ ସିଂ ଚନ୍ନି ଓ ପୂର୍ବତନ ମୁଖ୍ୟମନ୍ତ୍ରୀ କ୍ୟାପଟେନ ଅମରିନ୍ଦର ସିଂ ହାରିଯାଇଥିବାରୁ ସେ ଖୁସି ଥିବା ଚର୍ଚ୍ଚା ହେଉଛି । ଆଉ ପରାଜୟ ପରେ ଚିନ୍ତା ନୁହେଁ ଚିନ୍ତନ କରିବାର ଆବଶ୍ୟକତା ରହିଛି ବୋଲି କହିଛନ୍ତି । ଏସବୁ ଭିତରେ ଦିଲ୍ଲୀ ପରେ ପଞ୍ଜାବ ଦଖଲ କରିଥିବା ଆମ ଆଦମି ପାର୍ଟିର ଆଗାମୀ ଟାର୍ଗେଟ କେଉଁ ରାଜ୍ୟ ରହିବ ତା ଉପରେ ସମସ୍ତଙ୍କ ନଜର ରହିଛି ।

## ବ୍ରିଟେନରେ ପୁଣି ବଢ଼ିଲା....

କହିଛନ୍ତି । ୯୫ ହଜାର ଘରୋଇ ସ୍ୱାବ ପରୀକ୍ଷଣରୁ ମିଳିଥିବା ତଥ୍ୟ ଅନୁସାରେ, ବ୍ରିଟେନରେ ପ୍ରତି ୩୫ ଜଣରୁ ଜଣେ କୋଭିଡରେ ଆକ୍ରାନ୍ତ ହୋଇସାରିଛନ୍ତି କିମ୍ବା ଏବେ ଆକ୍ରାନ୍ତ ଅଛନ୍ତି । ଫେବ୍ରୁଆରୀ ୨୪ରେ ସମସ୍ତ କୋଭିଡ କଟକଣା ହଟାଇ ଦେଇଥିଲେ ବ୍ରିଟେନ ସରକାର । ବ୍ରିଟେନରେ କରୋନା ସଂକ୍ରମଣ ବଢୁଥିବା ବେଳେ ଭାରତ ଉପରେ ଏହାର କ'ଣ ପ୍ରଭାବ ରହିବ ? ବରିଷ୍ଠ ଚିକିତ୍ସକ ଡାକ୍ତର ନୀରୋଜ ମିଶ୍ରଙ୍କ ମତ ହେଲା, ଦୁଇଟି କାରଣରୁ ସେଠାରେ ସଂକ୍ରମଣ ବଢୁଛି । ବିଏଟୁ ଭାରିଆଣ୍ଟର ପ୍ରଭାବ ଓ ଅଧିକାଂଶ ଆକ୍ରାନ୍ତ ବୟସ୍କ ହୋଇଥିବାରୁ ସେମାନଙ୍କ ପ୍ରତିରୋଧକ ଶକ୍ତି କମିଛି । ହେଲେ ଭାରତରେ ତୃତୀୟ ଲହର ବେଳେ ବିଏଟୁ ଭାରିଆଣ୍ଟର ପ୍ରଭାବ ରହିଥିଲା । ତେଣୁ ଅଧିକ ସଂକ୍ରମଣ ବଢ଼ିବାର ଆଶଙ୍କା ନାହିଁ । ସେପଟେ ଡାକ୍ତର ପ୍ରଜ୍ଞାନ ରାଉତରାୟଙ୍କ କହିବା କଥା, ଅନ୍ତର୍ଜାତୀୟ ବିମାନ ଚଳାଚଳ ଉପରେ କଟକଣା ହଟିଥିବାରୁ ଭାରତରେ ମଧ ଏହାର ପ୍ରଭାବ ପଡ଼ିପାରେ । ବ୍ରିଟେନ ସହ ହଂକଂରେ ମଧ ସଂକ୍ରମଣ ବଢ଼ିଛି । ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ସତର୍କ କରାଇ ଦେଇଛି ଯେ, ଏପର୍ଯ୍ୟନ୍ତ କରୋନା ମହାମାରୀ ସରି ନାହିଁ, ତେଣୁ ଆମକୁ ସତର୍କ ରହିବାକୁ ପଡ଼ିବ ।

## ବିରୋଧୀଙ୍କ ଉପରେ ମୋଦୀ ପକାଉଛନ୍ତି ....

୨୦୨୪ରେ ଫଳାଫଳ କଣ ହେବ ପରୋକ୍ଷରେ କହିଛନ୍ତି ପ୍ରଧାନମନ୍ତ୍ରୀ । ପ୍ରଧାନମନ୍ତ୍ରୀଙ୍କ ଏହି ଆକଳନକୁ ସହଜରେ ଗ୍ରହଣ କରି ପାରିନାହାଁନ୍ତି ରାଜନୈତିକ ରଣନୀତିକାର ପ୍ରଶାନ୍ତ କିଶୋର । ତାଙ୍କର ଆକଳନ ସଫଳ ହେବନି ବୋଲି ପ୍ରଶାନ୍ତ କହିଛନ୍ତି । ମୋଦି ୨୦୨୪ ନିର୍ବାଚନର ସଙ୍କେତ ଦେଇ କେବଳ ବିରୋଧୀଙ୍କୁ ଚାପରେ ରଖିବାକୁ ଚେଷ୍ଟା କରୁଛନ୍ତି , ଏହା କିନ୍ତୁ ସଫଳ ହେବନି କାରଣ ସେତେବେଳେ ନିର୍ବାଚନରେ ରାଜ୍ୟରେ ନୁହେଁ ଦେଶ ପାଇଁ ହେବ ।ପ୍ରଧାନମନ୍ତ୍ରୀ ମୋଦିଙ୍କୁ ସାହେବ ବୋଲି ସମ୍ବୋଧନ କରି କିଛି ତେରଛା ବାଣ ମାରିଛନ୍ତି ପ୍ରଶାନ୍ତ । ଏଥିସହ ସାହେବଙ୍କ ଚତୁର ପ୍ରୟାସ କରିଥିବା ମଧ କହିଛନ୍ତି ପ୍ରଶାନ୍ତ ।ପ୍ରଶାନ୍ତ ସେପଟେ ମୋଦିଙ୍କ ବୟାନ ରାଜନୀତିରେ ହଟଚମଟ ଦେଖିବାକୁ ମିଳିଛି । ସେପଟେ ପ୍ରଧାନମନ୍ତ୍ରୀଙ୍କ ନେତୃତ୍ୱରେ ଦଳ ଆହୁରି ଅଧିକ ବଢିବ, ଦେଶର ବିକାଶ ହେବ ବୋଲି ଆମେଠୀ ସାଂସଦ ତଥା କେନ୍ଦ୍ରମନ୍ତ୍ରୀ ସ୍ମୃତି ଇରାନୀ ଦୃଢୋକ୍ତି ପ୍ରକାଶ କରିଛନ୍ତି । ପଶ୍ଚିମବଙ୍ଗରେ ବିଜେପି ସରକାର ଗଠନ କରିବା ଦାବି ଫସର ଫାଟିଥିଲା ।ତେଣୁ ୟୁପି ସମେତ ୪ ରାଜ୍ୟରେ କିଭଳି ଗଡ ରକ୍ଷା କରି ହେବ ତା ଥିଲା ଦଳ ପାଇଁ ବଡ ଚ୍ୟାଲେଂଚ ଓ ଏହି ଫଳାଫଳକୁ ଆଧାର କରି ଦଳ ୨୦୨୪ ସାଧାରଣ ନିର୍ବାଚନ ହୁଙ୍କାର ଭରିଛି ଭାରତୀୟ ଜନତା ପାର୍ଟି ।

## ଇମୋସନାଲ କାର୍ଡ ଖେଳିଲେ....

ଏହି ପାୱାର ପ୍ଲାଣ୍ଟ ୨୦୦୦ ମସିହାରୁ ବନ୍ଦ ରହିଥିଲେ ମଧ ୟୁକ୍ରେନ ଏଠାରେ ପରମାଣୁ ଅସ୍ତ୍ର ତିଆରି କରୁଛି । ଯୁଦ୍ଧ ସମୟରେ ୟୁକ୍ରେନ ଏହାର ବ୍ୟବହାର ମଧ କରିପାରେ ।" ଏହି ଦାବି ଉପରେ ଜେଲେନସ୍କି ଦେଶକୁ ସମ୍ବୋଧନ କରି ନିଜର ପକ୍ଷ ରଖିଛନ୍ତି । ସୂଚନାଯୋଗ୍ୟ, ଫେବୃଆରୀ ୨୪ରୁ ରୁଷ ଓ ୟୁକ୍ରେନ ମଧରେ ଘମାଘୋଟ ଯୁଦ୍ଧ ଚାଲିଛି । ରୁଷର ବୋମା ମାଡ଼ରେ ୟୁକ୍ରେନର ଅଧିକାଂଶ ସହର ଧ୍ୱଂସସ୍ତୁପରେ ପରିଣତ ହୋଇଗଲାଣି । ତଥାପି ୟୁକ୍ରେନ ସୈନ୍ୟ ରୁଷର କଡ଼ା ମୁକାବିଲା କରୁଛନ୍ତି । ରୁଷ ସେନା ୟୁକ୍ରେନ ରାଜଧାନୀ କିଭ୍‌କୁ ଦଖଲ କରିବାକୁ ଚାହୁଁଥିଲେ ମଧ ଏଯାଏ ଏଥିରେ ସଫଳତା ପାଇ ନାହାନ୍ତି । ଅନ୍ୟପଟେ ଦୁଇ ଦେଶରେ ବିବାଦର ସାମାଧାନ ପାଇଁ ପ୍ରୟାସ ଚାଲିଛି । ଉଭୟ ଦେଶ ପରସ୍ପର ସହ ଏକାଧିକ ବୈଠକ କରିଛନ୍ତି । ହେଲେ ବୈଠକରୁ ନିଷ୍କର୍ସ ବାହାରି ପାରୁନି ।

# ଖର୍ଚ୍ଚ ପର୍ଯ୍ୟବେକ୍ଷକଙ୍କ ତାଲିମ କାର୍ଯ୍ୟକ୍ରମ

ଭୁବନେଶ୍ୱର, ୧୧/୩ (ନି.ପ୍ର) : ପୌରସଂସ୍ଥା ନିର୍ବାଚନ ନିମନ୍ତେ ନିଯୁକ୍ତ ହୋଇଥିବା ଖର୍ଚ୍ଚ ପର୍ଯ୍ୟବେକ୍ଷକମାନଙ୍କର ଏକ ତାଲିମ କାର୍ଯ୍ୟକ୍ରମ ରାଜ୍ୟ ନିର୍ବାଚନ କମିଶନଙ୍କ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି । ରାଜ୍ୟ ଅର୍ଥସେବାର ୧୯ ଜଣ ବରିଷ୍ଠ ଓ ଦକ୍ଷ ଅଧିକାରୀମାନଙ୍କୁ ଖର୍ଚ୍ଚ ପର୍ଯ୍ୟବେକ୍ଷକ ଭାବେ ନିଯୁକ୍ତ କରାଯାଇ ଆଜି ସେମାନଙ୍କୁ ପୌରସଂସ୍ଥା ନିର୍ବାଚନରେ ପ୍ରତିଦ୍ୱନ୍ଦିତା କରୁଥିବା ପ୍ରାର୍ଥୀମାନଙ୍କର ନିର୍ବାଚନ ଖର୍ଚ୍ଚ ସଂପର୍କରେ କିପରି ଓ କେଉଁ ପ୍ରକାରରେ ହିସାବ ରଖିବେ ଏବଂ ପ୍ରାର୍ଥୀ/ପ୍ରାର୍ଥିନୀମାନେ ଧାର୍ଯ୍ୟ ନିର୍ବାଚନୀ ଖର୍ଚ୍ଚଠାରୁ ଅଧିକ ଖର୍ଚ୍ଚ କଲେ କ'ଣ କରାଯିବ ସେ ସଂପର୍କରେ ବିସ୍ତୃତ ଭାବେ ତାଲିମ ଦିଆଯାଇଛି । ନିର୍ବାଚନ କମିଶନଙ୍କ ସଚିବ ଶ୍ରୀ ରବିନ୍ଦ୍ରନାଥ ସାହୁ ଏବଂ ସ୍ୱତନ୍ତ୍ର ସଚିବ ରଘୁରାମ ଆର. ଆୟାର ଉପସ୍ଥିତ ରହି ଅଧିକାରୀମାନଙ୍କୁ ପ୍ରାର୍ଥୀମାନଙ୍କର ଖର୍ଚ୍ଚ ସଂପର୍କରେ ଅବଗତ କରାଇଥିଲେ । ଆସନ୍ତା ୧୫ ତାରିଖଠାରୁ ୨୨ ତାରିଖ ପର୍ଯ୍ୟନ୍ତ ଖର୍ଚ୍ଚ ପର୍ଯ୍ୟବେକ୍ଷକମାନେ ଆବଂଟିତ ହୋଇଥିବା ବିଭିନ୍ନ ଜିଲ୍ଲା ଗସ୍ତ କରି ସେମାନେ ସେମାନଙ୍କର କାର୍ଯ୍ୟ ଆରମ୍ଭ କରିବେ । ପୌର ନିର୍ବାଚନ ନିମନ୍ତେ ପ୍ରାର୍ଥୀ/ପ୍ରାର୍ଥିନୀମାନଙ୍କର ଯାବତୀୟ ଖର୍ଚ୍ଚର ହିସାବ କିତାବକୁ ଖର୍ଚ୍ଚ ପର୍ଯ୍ୟବେକ୍ଷକମାନେ ଏକ ରେଜିଷ୍ଟରରେ ଲିପିବଦ୍ଧ କରିବେ । ନିର୍ବାଚନରେ ପ୍ରାର୍ଥୀମାନେ କେତେ ସଂଖ୍ୟକ ଗାଡ଼ି ବ୍ୟବହାର କରୁଛନ୍ତି ଓ ବ୍ୟାନର-ପୋଷ୍ଟର ବାବଦର ଖର୍ଚ୍ଚ ସଂପୂର୍ଣ୍ଣ ଭାବେ ଏକ ରେଜିଷ୍ଟରରେ ଲିପିବଦ୍ଧ କରାଯିବା ସହ ଖର୍ଚ୍ଚ ପଯ୍ୟବେକ୍ଷକମାନେ ସେସବୁକୁ ତର୍ଜମା କରିବେ ।

# ଜଳେଶ୍ୱର ବ୍ଲକର ନିର୍ବାଚିତ ନାଏବ ସରପଂଚ : ୩୫ରୁ ୩୪ଙ୍କ ନାମ ଘୋଷଣା

ଜଳେଶ୍ୱର, ୧୧/୩ (ନି.ପ୍ର) : ଓଡିଶା ଗ୍ରାମପଂଚାୟତ ଆଇନ୍ ୧୯୬୪ର ୫୨ ଧାରା ଅନୁଯାୟୀ ଆଜି ନାଏବ ସରପଂଚ ମାନଙ୍କ ନିର୍ବାଚନ ଅନୁଷ୍ଠିତ ହୋଇଛି । ଏଥିରେ ଆରୁହାରୁ ବରୁଣ ଜେନା, ବାଇଗଣବାଡିଆରୁ ସୁଜାତାରାଣୀ ଜେନା, ବରଡିହାରୁ ଦେବୀ ମହାନ୍ତ, ବର୍ତ୍ତନାରୁ କାଳିଚରଣ ପାଳ, ଚମାରଗର୍ାରୁ ସକୁନ୍ତଳା କରଣ, ଦକ୍ଷିଣ ପ୍ରହରାଜପୁରରୁ ବିକ୍ରମ ରାଉତ, ଗଡସାହିବାଲିଆପାଳରୁ କମଳା ଅଣ୍ଡିଆ, ଗୋବରଘଟାରୁ ସୁବଳ ମହାନ୍ତି, ଗୋପିମୋହନପୁରରୁ ପ୍ରଶାନ୍ତ କୁମାର ଦାସ, ଝାଡପିମ୍ପଳରୁ ସଂଜୁଲତା ମାଝି, ଖୁଦିଆମାଝିସାହିରୁ କ୍ଷିତିଶ ଚନ୍ଦ୍ର ଦେ, କଳମାରୁ ଅନ୍ନପୂର୍ଣ୍ଣା ଗିରି, କାଳିକରୁ ପୁଣ୍ଡିଆ ମାରାଣ୍ଡି, ଖାଲିନାରୁ ସୁଶାନ୍ତ କୁମାର ଦେ, ଖୁଆଡରୁ ରବିନ୍ଦ୍ର ପାତ୍ର, ଖୁଲୁଡାରୁ ଜ୍ୟୋସ୍ନାରାଣୀ ସାମଲ, କୋଟସାହିରୁ ମମତା ଦଳେଇ, ମହମ୍ମନଗରପାଟଣାରୁ ମାମୁନୀ ସେନାପତି, ମାକିଡିଆରୁ ବିଜୟ କୁମାର କୁଇଲା, ନଛିମପୁରରୁ ସୋନାଲି ପାତ୍ର, ନାମ୍ପୋରୁ କଳ୍ପନା ଜେନା, ନେତୁଆରୁ ଲଛମଣି ରାଉଳ, ଓଲମରାରୁ ସାଜତ ଖାଁ, ପାଇକସିଦାରୁ ଶଶାଙ୍କଶେଖର ଆଚାର୍ଯ୍ୟ, ପଶ୍ଚିମବାର୍ଡରୁ ଆରତୀ ରାଉଳ, ରାୟାଁରାମଚନ୍ଦ୍ରପୁରରୁ ବିବେକାନନ୍ଦ ସାହୁ, ରାଇବଣିଆରୁ ସିନିଗ ମାରାଣ୍ଡି, ରାଜପୁରରୁ ଅରବିନ୍ଦ ମଣ୍ଡଳ, ସମ୍ପଡିଆରୁ ସବିତାରାଣୀ ପ୍ରଧାନ, ସର୍ଦ୍ଦାରବନ୍ଧରୁ ସୁକୁମାର ହାଁସଦା, ଶ୍ୟାମନଗରରୁ କାର୍ମି ହାଁସଦା, ଶିଖରପୁରରୁ ମାନସୀ ଧଳ, ଶ୍ରୀରାମପୁରରୁ ଜେମାମଣି ମଲିକ, ସୁଗୋରୁ ପୁଷ୍ପଲତା ଜେନା ନାଏବ ସରପଂଚ ଭାବେ ନିର୍ବାଚିତ ହୋଇଥିବା ନିର୍ବାଚନ ଅଧିକାରୀ ଅଶ୍ୱିନୀ କୁମାର ଦାସ ଲିଖିତଭାବେ ଜଣାଇଛନ୍ତି । ଲକ୍ଷ୍ମଣନାଥ ପଂଚାୟତରେ ଆଜି ଅର୍ନ୍ତଦ୍ୱନ୍ଦ ପାଇଁ କେହି ଆବେଦନ କରିନଥିବାରୁ ନାଏବ ସରପଂଚ ନିର୍ବାଚନ ହୋଇପାରିନଥିବା କୁହାଯାଇଛି ।

# ରାଜ୍ୟ ନିର୍ବାଚନ କମିଶନଙ୍କୁ ଫେରାଦ ହେଲା ବିଜେପି

ଭୁବନେଶ୍ୱର, ୧୧/୦୩ (ନି.ପ୍ର): ମୁଖ୍ୟମନ୍ତ୍ରୀଙ୍କ ନିଜସ୍ୱ ଗଂଜାମ ଜିଲ୍ଲା ବ୍ରହ୍ମପୁର ମହାନଗର ନିଗମ ସମେତ ବ୍ରହ୍ମପୁର ଲୋକସଭା ଅନ୍ତର୍ଗତ ବିଭିନ୍ନ ନଗର ଓ ବିଜ୍ଞାପିତ ଅଂଚଳ ପରିଷଦ ନିର୍ବାଚନରେ ଶାସକ ବିଜେଡିର ପ୍ରତ୍ୟକ୍ଷ ନିର୍ଦ୍ଦେଶରେ ଗୁଣ୍ଡା ଏବଂ ଅସାମାଜିକ ବ୍ୟକ୍ତିମାନେ ବିଜେପି ପ୍ରାର୍ଥୀ ଏବଂ ତାଙ୍କ ପରିବାର ସଦସ୍ୟମାନଙ୍କୁ ଅସ୍ତ୍ରଶସ୍ତ୍ର ଦେଖାଇ ଭୟଭୀତ କରି ପ୍ରାର୍ଥୀପତ୍ର ପ୍ରତ୍ୟାହାର ପାଇଁ ବାଧ୍ୟ କରୁଛନ୍ତି । ପ୍ରଥମେ ବିଜେପି ପ୍ରାର୍ଥୀଙ୍କୁ ଧମକ ଦେଇ ନିର୍ବାଚନରେ ଅଂଶଗ୍ରହଣ କରିବାକୁ ବାଧ କରିବା ପରେ ବର୍ତମାନ ପ୍ରାର୍ଥୀପତ୍ର ଦାଖଲ କରିଥିବା ବିଜେପି ପ୍ରାର୍ଥୀଙ୍କୁ ଧମକଚମକ ଦେଇ ପ୍ରତ୍ୟାହାର ପାଇଁ ବାଧ କରୁଛନ୍ତି ବୋଲି ରାଜ୍ୟ ବିଜେପି ଅଭିଯୋଗ କରିଛି । ଏହି ଅଭିଯୋଗ ନେଇ ରାଜ୍ୟ ବିଜେପି ଉପସଭାପତି ଭୃଗୁ ବକ୍ସିପାତ୍ରଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ରାଜ୍ୟ ନିର୍ବାଚନ କମିଶନଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଛି । ଦଳ ଅଭିଯୋଗ କରିଛି ଯେ ଧମକ ଚମକକୁ ନେଇ ପୋଲିସ ନିକଟରେ ଅଭିଯୋଗ କଲେ ସେମାନଙ୍କୁ ଜୀବନରୁ ମାରି ଦେବାର ଧମକ ମଧ ଦେଉଛନ୍ତି । ଛତ୍ରପୁର ଏନଏସି ନିର୍ବାଚନରେ ପ୍ରାର୍ଥୀ ହୋଇଥିବା ଦୁଇ ଜଣ ବିଜେପି ମହିଳା ପ୍ରାର୍ଥୀଙ୍କୁ ପୋଲିସ ଅଧିକାରୀଙ୍କ ଜରିଆରେ ପ୍ରାର୍ଥୀପତ୍ର ପ୍ରତ୍ୟାହାର ପାଇଁ ଧମକ ଦିଆଯାଇଛି । ନଚେତ୍ ତାଙ୍କ ସ୍ୱାମୀଙ୍କୁ ସସପେଣ୍ଡ୍ କରିଦେବାର ଧମକ ମଧ ଦିଆଯାଉଛି । ଜଣେ ସାଧାରଣ ନାଗରିକ ନିଜ ଇଚ୍ଛାରେ ନିର୍ବାଚନରେ ଅଂଶଗ୍ରହଣ କରିବେ ନା ନାହିଁ ସେ ନିଷ୍ପତି ନେବେ । ଆବଶ୍ୟକ ପଡିଲେ ସେ ନିଜ ଇଚ୍ଛାନୁଯାୟୀ ପ୍ରାର୍ଥୀପତ୍ର ପ୍ରତ୍ୟାହାର କରିବେ । ତାଙ୍କୁ କୌଣସି ପ୍ରକାରରେ ବାଧ କରାଯାଇ ପାରିବ ନାହିଁ । ମାତ୍ର ତାଙ୍କୁ ପ୍ରତ୍ୟକ୍ଷ କିମ୍ବା ପରୋକ୍ଷରେ ଧମକଚମକ ବା ପ୍ରଲୋଭିତ କରାଯାଇ ପ୍ରାର୍ଥୀପତ୍ର ପ୍ରତ୍ୟାହାର କରାଯିବାକୁ ବାଧ କରାଯିବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ ଓ ଅଗଣତାନ୍ତ୍ରୀକ ଏବଂ ଏହା ଗଣତନ୍ତ୍ର ପ୍ରତି ଶକ୍ତ ଚାପୁଡା । ପ୍ରାର୍ଥୀ ଏବଂ ତାଙ୍କ ପରିବାର ସଦସ୍ୟଙ୍କୁ ସଂପୂର୍ଣ୍ଣ ସୁରକ୍ଷା ଯୋଗାଇ ଦେବା ସହିତ ଗୁଣ୍ଡାମାନଙ୍କ ବିରୁଦ୍ଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବିଜେପି ଦାବି ଜଣାଇଛି ।

# ଅଂଶୁଘାତର ମୁକାବିଲା ପାଇଁ ଜିଲ୍ଲା ସ୍ତରୀୟ ପ୍ରସ୍ତୁତି ବୈଠକ

ବାରିପଦା, ୧୧/୦୩ (ନି.ପ୍ର): ଚଳିତ ଗ୍ରୀଷ୍ମ ପ୍ରବାହ ଋତୁରେ ସମଗ୍ର ମୟୁରଭଞ୍ଜ ଜିଲ୍ଲାରେ ସମ୍ଭାବ୍ୟ ଅଂଶୁଘାତର ମୁକାବିଲା ନିମନ୍ତେ ଜିଲ୍ଲା ପ୍ରଶାସନିକ ସ୍ତରୀୟ ଏକ ପ୍ରସ୍ତୁତି ବୈଠକ ତା- ୧୦.୦୩.୨୦୨୨ରିଖ ପୂର୍ବାହ୍ନରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସ୍ଥିତ ଫାସିଲିଟେସନ୍ ସମ୍ମିଳନୀ କକ୍ଷରେ ଜିଲ୍ଲାପାଳ ତଥା ଅଧକ୍ଷ, ଜିଲ୍ଲା ବିପର୍ଯ୍ୟୟ ପରିଚାଳନା ପ୍ରାଧିକରଣ ମୟୂରଭଞ୍ଜ ଶ୍ରୀବିନୀତ୍ ଭରଦ୍ୱାଜ, ଭା.ପ୍ର.ସେ.ଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଅଛି । ଅନୁଷ୍ଠିତ ଉକ୍ତ ଜିଲ୍ଲାସ୍ତରୀୟ ବୈଠକରେ ଅତିରିକ୍ତ ଜିଲ୍ଲାପାଳ(ରାଜସ୍ୱ) ମୟୂରଭଞ୍ଜ ପ୍ରକାଶ ଚନ୍ଦ୍ର ବେହେରା, ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ନିର୍ଦ୍ଦେଶିକା ମୟୂରଭଞ୍ଜ ପି.ଅନ୍ୱେଷା ରେଡି, ଜିଲ୍ଲା ଜରୁରୀ ଅଧିକାରୀ ସୁଜୟ କୁମାର ପତି ପ୍ରମୁଖ ସମେତ ସମ୍ପୃକ୍ତ ବିଭିନ୍ନ ବିଭାଗ ଜିଲ୍ଲାସ୍ତରୀୟ ପଦାଧିକାରୀ ଯୋଗଦେଇ ଆଲୋଚନାରେ ଅଂଶ ଗ୍ରହଣ କରିଥିଲେ । ବୈଠକରେ ଜିଲ୍ଲାପାଳ ଶ୍ରୀଭରଦ୍ୱାଜ ପ୍ରତିବର୍ଷ ଭଳି ଚଳିତ ବର୍ଷ ମଧ ଗ୍ରୀଷ୍ମ ଋତୁରେ ପାନୀୟ ଜଳ ଯୋଗାଣ, ସ୍ୱାସ୍ଥ୍ୟ ଚିକିତ୍ସା ଓ ଅଂଶୁଘାତ ପ୍ରତି ସତର୍କତା ଅବଲମ୍ବନ ପୂର୍ବକ ଏହାର ମୁକାବିଲା ନିମନ୍ତେ ବିହୀତ ପଦକ୍ଷେପ ଗ୍ରହଣ କରିବା ପାଇଁ ବିଭାଗୀୟ ଅଧିକାରୀମାନଙ୍କୁ ଗୁରୁତ୍ୱ ଆରୋପ କରିଛନ୍ତି । ଏ ଦିଗରେ ବିଶେଷ କରି ପଂଚାୟତରାଜ ବିଭାଗ ଅଧିନସ୍ଥ ଜିଲ୍ଲାର ସମସ୍ତ ନଳକୂପ /ପାଇପ୍ ଜଳ ଯୋଗାଣ ପ୍ରକଳ୍ପ ସଠିକ୍ କାର୍ଯ୍ୟକ୍ଷମ କରାଯିବା ଦିଗରେ ଗ୍ରାମ ପଂଚାୟତରେ ଥିବା ଏସଇଏମ୍ ମାନଙ୍କୁ ମରାମତି କାର୍ଯ୍ୟରେ ନିୟୋଜିତ କରାଇ ଗ୍ରାମାଂଚଳରେ ପାନୀୟ ଜଳ ଯୋଗାଣ ବ୍ୟବସ୍ଥା ଏବଂ ସହରାଂଚଳ ପାନୀୟ ଜଳ ଯୋଗାଣ ବ୍ୟବସ୍ଥା ତ୍ୱରାନ୍ୱିତ କରିବାକୁ ଗ୍ରାମ୍ୟ ଜଳ ଯୋଗାଣ ସଂପୃକ୍ତ ନିର୍ବାହୀ ଯନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦିଆଯାଇଥିବା ବେଳେ ବିଶେଷ କରି ଜଳ କ୍ଲିଷ୍ଟ/ ପ୍ରଭାବିତ ଅଂଚଳରେ ଟ୍ୟାଙ୍କର ଯୋଗେ ପାନୀୟ ଜଳ ଯୋଗାଇ ଦେବା ଏବଂ ଏଥି ପାଇଁ ବ୍ଲକ/ପଂଚାୟତ ସ୍ତରରେ ଉଦିଷ୍ଟ ଥିବା ପାଣ୍ଠିରୁ ଆବଶ୍ୟକୀୟ ଅର୍ଥ ବିନିଯୋଗ କରି ଜରୁରୀ କାଳିନ ଭିତିରେ ଲୋକମାନଙ୍କୁ ପାନୀୟ ଜଳ ଯୋଗାଇ ଦେବାକୁ ବିହୀତ ପଦକ୍ଷେପ ଗ୍ରହଣ କରିବା ପାଇଁ ପରାମର୍ଶ ଦିଆଯାଇଛି । ବୈଠକରେ ବିଶେଷ କରି ପାନୀୟ ଜଳ ଯୋଗାଣ ବ୍ୟବସ୍ଥା, ସ୍ୱାସ୍ଥ୍ୟସେବା, ଗ୍ରୀଷ୍ମ ପ୍ରଭାବ ଜନିତ ତାପମାତ୍ରା ଓ ଅଂଶୁଘାତର ସତର୍କତା ସୂଚନା, ଅଗ୍ନି ନିର୍ବାପକ ବ୍ୟବସ୍ଥା. ବିଦ୍ୟୁତ ସରବରାହ ବ୍ୟବସ୍ଥା ଏବଂ ସମସ୍ତ ଶିକ୍ଷାନୁଷ୍ଠାନ, ଅଂଗନୱାଡି କେନ୍ଦ୍ର ପରିଚାଳନା, ସରକାରୀ / ଅର୍ଦ୍ଧ ସରକାରୀ / ଘରୋଇ ଆଦି ବିଭାଗୀୟ ନିର୍ଦ୍ଦେଶିତ କାର୍ଯ୍ୟକ୍ଷେତ୍ରରେ ନିର୍ମାଣ ଶ୍ରମିକ ନିୟୋଜନ ଏବଂ ଯାତ୍ରୀବାହୀ ଯାନବାହାନ ଚଳାଚଳ ଆଦି କ୍ଷେତ୍ରରେ ସମୟ ସୀମା ସାରଣୀ ପରିବର୍ତନ କରାଯିବା ଆଦି ବିଷୟ ପ୍ରସଙ୍ଗ ଉପରେ ସବିଶେଷ ଆଲୋଚନା କରା ଯିବା ସହିତ ଏଦିଗରେ ବିହିତ କାର୍ଯ୍ୟାନୁଷ୍ଠାନ ଓ ସତର୍କତା ମୂଳକ ପଦକ୍ଷେପ ଗ୍ରହଣ କରିବା ପାଇଁ ଜିଲ୍ଲାପାଳ ଶ୍ରୀ ଭରଦ୍ୱାଜ ସଂପୃକ୍ତ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ।

## ପ୍ରାର୍ଥି ଓ ପ୍ରାର୍ଥିନୀ ଅଭାବରୁ ୧୨ ୱାର୍ଡରେ ହୋଇନି ନିର୍ବାଚନ

ଜଳେଶ୍ୱର ୧୧/୩ (ନି.ପ୍ର) : ଗତ ପଂଚାୟତ ନିର୍ବାଚନରେ ତ୍ରୁଟିପୂର୍ଣ୍ଣ ସଂରକ୍ଷଣ ଯୋଗୁଁ ନିର୍ଦ୍ଦିଷ୍ଟ ୱାର୍ଡ ସଦସ୍ୟ ପଦପାଇଁ କେହି ବ୍ୟକ୍ତି ବିଶେଷ ନ ଥିବାରୁ ଜଳେଶ୍ୱର ବ୍ଲକର ୧୨ଟି ସ୍ଥାନରେ ନିର୍ବାଚନ ହୋଇନଥିବା ଜଣାଯାଇଛି । ଶିଖରପୁର ପଂଚାୟତର ୭ନଂ ୱାର୍ଡ, ରାଇବଣିଆ ପଂଚାୟତର ୬ନଂ ୱାର୍ଡ, ପଶ୍ଚିମବାର୍ଡ ପଂଚାୟତର ୮ନଂ ୱାର୍ଡ, ପାଇକସିଦା ପଂଚାୟତର ୫ନଂ ୱାର୍ଡ, ଓଲମରାର ୭ନଂ, ଖୁଲୁଡା ପଂଚାୟତର ୪ନଂ, ଖାଲିନା ପଂଚାୟତର ୧ନଂ, ଗୋବରଘଟାର ୧୧ନଂ, ଆରୁହାର ୧୨ନଂ, ବାଇଗଣବାଡିଆର ୫ନଂ, ବରଡିହାର ୧୬ଓ ୧୮ନଂ ୱାର୍ଡରେ ୱାର୍ଡ ସଦସ୍ୟ ନ ଥିବା ଜଣାଯାଇଛି । ଆସନ୍ତା ଦିନରେ ଏଗୁଡିକ ସମ୍ଭବତଃ ରିପ୍ରେଜେଣ୍ଟିଭ୍ ଦ୍ୱାରା ପୂରଣ କରାଯିବ ବୋଲି ଜଣାଯାଇଛି ।

# ଭୀଷ୍ମ କପ କ୍ରିକେଟ ଟୁର୍ଣ୍ଣାମେଣ୍ଟର ସେମିଫାଇନାଲ : ଜେସିସି ଟିମ ଫାଇନାଲକୁ ଉତ୍ତୀର୍ଣ୍ଣ

ବାଲେଶ୍ୱର,୧୧/୦୩ (ନି.ପ୍ର): ବାଲେଶ୍ୱର ଅଲରାଉଣ୍ଡର କ୍ଲବ ସଂଘ ଆନୁକୂଲ୍ୟରେ ସ୍ଥାନୀୟ ପରମିଟ ପଡିଆ ଠାରେ ଶୁକ୍ରବାର ଭୀଷ୍ମ କପର ଦ୍ୱିତୀୟ ସେମିଫାଇନାଲ ମ୍ୟାଚ ଭଦ୍ରକର ରେଳବାଇ ଏବଂ ବାଲେଶ୍ୱରର ଅଲରାଉଣ୍ଡର କ୍ଲବ ମଧ୍ୟରେ ଅନୁଷ୍ଠିତ ହୋଇଛି । ଅଲରାଉଣ୍ଡର ଟିମ ଟସ ଜିତି ପ୍ରଥମେ ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇଥିଲା । ନିର୍ଦ୍ଧାରିତ ୨୫ଓଭରରେ ୭ୱିକେଟ ହରାଇ ମୋଟ ୨୦୩ ରନ କରିଥିଲା । ଦଳ ପକ୍ଷରୁ ସୁମନ ରାଓ ୩୦ଟି ବଲରେ ୪୮ରନ କରିଥିବା ବେଳେ ପ୍ରତିପକ୍ଷ ଦଳର ପୁରୁଷୋତମ ମିଶ୍ର ଦୁଇଟି ୱିକେଟ ନେଇଥିଲେ । ଜବାବରେ ଭଦ୍ରକ ରେଳବାଇ ଟିମ ୨୦.୪ଓଭରରେ ୪ୱିକେଟ ହରାଇ ୨୦୬ରନ




କରି ବିଜୟୀ ହୋଇଥିଲା । ଦଳ ପକ୍ଷରୁ କ୍ଷମାସାଗର ବଳ ଦୃତ ରନ ସଂଗ୍ରହ କରିବାକୁ ଯାଇ ୫୦ଟି ବଲରେ ୧୦୨ରନ କରିଥିଲେ । ପ୍ରତିପକ୍ଷ ଦଳର ବିବେକାନନ୍ଦ ଚୌଧୁରୀ ଦୁଇଟି ୱିକେଟ ନେଇଥିଲେ । ଏଥିରେ ମ୍ୟାନ ଅଫ ଦି ମ୍ୟାଚ ଭାବେ ଜେସିସି ଦଳର କ୍ଷମାସାଗରଙ୍କୁ ଘୋଷଣା କରାଯାଇଥିଲା । ଆଜିର ଏହି ମ୍ୟାଚକୁ ଅମ୍ପେୟାର ଭାବେ ଗଜେନ୍ଦ୍ର ମାଝୀ ଏବଂ ବିଜୟ ପାଢ଼ୀ ପରିଚାଳନା କରିଥିଲେ । ଏଥିରେ ସ୍କୋରର ଭାବେ ରାଉଳ ସିଂ ଏବଂ ସନନ୍ଦନ ପାତ୍ର ଥିଲେ । ଏହି ଦ୍ୱିତୀୟ ସେମିଫାଇନାଲ ମ୍ୟାଚରେ ମୁଖ୍ୟ ଅତିଥି ଭାବେ ଆନନ୍ଦ ମହାନ୍ତି, ରଞ୍ଜନ କୁମାର ଦେ ଏବଂ ଅନନ୍ତ ଚାନ୍ଦ ପ୍ରମୁଖ ଉପସ୍ଥିତ ଥିଲେ । ଏହି ସମସ୍ତ ମ୍ୟାଚକୁ ସଂଘର ସମସ୍ତ କର୍ମକର୍ତ୍ତା ପରିଚାଳନା କରିଥିଲେ ।

## ରସାଲପୁର ସରପଞ୍ଚଙ୍କ ଦାୟିତ୍ୱ ଗ୍ରହଣ

ବାଲେଶ୍ୱର,୧୧/୦୩ (ନି.ପ୍ର): ରସାଲପୁର ପଞ୍ଚାୟତର ନବ ନିର୍ବାଚିତ ସରପଞ୍ଚ ହରିପଦ ବେହେରା ଓ ୱାର୍ଡ଼ସଭ୍ୟମାନେ ଶୁକ୍ରବାର କାର୍ଯ୍ୟଭାର ଗ୍ରହଣ କରିଛନ୍ତି । ସହଯୋଗୀ, ସମର୍ଥକ ଓ ପଞ୍ଚାୟତର ବରିଷ୍ଠ ବ୍ୟକ୍ତିତ୍ୱଙ୍କ ଉପସ୍ଥିତିରେ ଶ୍ରୀ ବେହେରା ଦାୟିତ୍ୱ ନେବା ସହ ସମସ୍ତଙ୍କ ଆଶୀର୍ବାଦ ଗ୍ରହଣ କରିଥିଲେ । ଏକ ଭାବଗମ୍ଭୀର ପରିବେଶ ମଧ୍ୟରେ ଏହି କାର୍ଯ୍ୟଭାର ଗ୍ରହଣ ଉତ୍ସବ ସମ୍ପାଦିତ ହୋଇଥିଲା । ମାନସ ଦାସ, ଆଲୋକ ଜୀ, ଜୀବନ ମହାପାତ୍ର, ରଞ୍ଜନ ଦାସ, ଶରତ ଦାସ, ପୂର୍ଣ୍ଣାନନ୍ଦ ଦାସଙ୍କ ସମେତ ନୂଆ ସରପଞ୍ଚ ଓ ୱାର୍ଡ଼ସଭ୍ୟଙ୍କ ସମେତ ବହୁ ସହଯୋଗୀ ଏଥିରେ ଉପସ୍ଥିତ ଥିଲେ ।

# ପୌର ନିର୍ବାଚନରେ ମଦବିକ୍ରି ବନ୍ଦ ଦାବି




ବାଲେଶ୍ୱର,୧୧/୦୩ (ନି.ପ୍ର): ଚଳିତ ପୌର ନିର୍ବାଚନର ଏକ ସପ୍ତାହ ପୂର୍ବରୁ ରାଜ୍ୟର ସମସ୍ତ ସହରାଞ୍ଚଳରେ ମଦ ବିକ୍ରି ବନ୍ଦ ସାଙ୍ଗକୁ ଚୋରାମଦ କାରବାର ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାପାଇଁ ଦାବି କରିଛି ମିଳିତ ଓଡ଼ିଶା ନିଶା ନିବାରଣ ଅଭିଯାନ (ମୋନା) । ଏହି ପରିପ୍ରେକ୍ଷୀରେ ସଙ୍ଗଠନର ସଭାପତି ଆଇନଜୀବୀ ପ୍ରଭାକର ସାହୁଙ୍କ ଅଧକ୍ଷତାରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । ସାଧାରଣ ସମ୍ପାଦିକା ମମତା ମହାପାତ୍ର ବୈଠକର ବିବରଣୀ ପାଠ ସହ ମଦ ବନ୍ଦ ବାବଦରେ ରାଜ୍ୟ ନିର୍ବାଚନ କମିଶନ, ରାଜ୍ୟ ସରକାର ଓ ଜିଲା ପ୍ରଶାସନର ଦୃଷ୍ଟି ଆକର୍ଷଣ ସମ୍ପର୍କରେ ପ୍ରସ୍ତାବ ଦେଇଥିଲେ । ଏହି ଅବସରରେ ଅବକାରୀ ବିଭାଗରେ ସିଭିଲ ଉପଦେଷ୍ଟା କମିଟି ଗଠନ ଓ ସରକାରୀ ବ୍ୟବସ୍ଥାରେ ନିଶା ବିରୋଚନ କେନ୍ଦ୍ର ସ୍ଥାପନ ପାଇଁ କର୍ତ୍ତୃପକ୍ଷଙ୍କ ଠାରେ ଆଲୋଚନା ପାଇଁ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା । ସଙ୍ଗଠନର ଉପଦେଷ୍ଟା ଡ. କେଶବ ଚରଣ ପଣ୍ଡ, ସୁବ୍ରତ କର, ଡ. କ୍ଷିତୀଶ୍ୱର ଦାଶ, କୁମୁଦ ରଞ୍ଜନ ଗିରି, ଅର୍ଚ୍ଚନା ନନ୍ଦୀ, ଗୀତାଞ୍ଜଳି ସିଂହ, ସୀତାରାମ ପ୍ରଧାନ, ପ୍ରସନ୍ନ କୁମାର ପାଢ଼ୀ, ରମେଶଚନ୍ଦ୍ର ଜେନା, ଯୋଗେଶଚନ୍ଦ୍ର ପ୍ରଧାନ, କମଳାକାନ୍ତ ଦାଶ, ମୀନା ସେଠୀ, ବିଜନ କୁମାର ଦେ, ବେଣୁଧର ସାହୁ, ସନାତନ ଦାସ ଓ ବସନ୍ତ ପ୍ରଧାନ ଏହି ବୈଠକରେ ଯୋଗଦେଇ ମତାମତ ରଖିଥିଲେ । ସମ୍ପାଦକ ଗୌରାଙ୍ଗ ପାଣିଗ୍ରାହୀ ଶେଷରେ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

## ରାଜ୍ୟରେ କରୋନାରେ ଆଉ ୨ ଜଣ ସଂକ୍ରମିତଙ୍କ ମୃତ୍ୟୁ

ଭୁବନେଶ୍ୱର, ୧୧/୦୩ (ନି.ପ୍ର): ରାଜ୍ୟରେ କରୋନା ସଂକ୍ରମିତ ଆଉ ୨ ଜଣଙ୍କର ମୃତ୍ୟୁ ଘଟିଛି । ଏହା ସହ କରୋନା କାରଣରୁ ରାଜ୍ୟରେ ମୃତ୍ୟୁ ସଂଖ୍ୟା ୯୧୦୫ ହୋଇ ଯାଇଛି । ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଏହି ସୂଚନା ଦିଆ ଯାଇଛି । ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ସୁନ୍ଦରଗଡ ଜିଲ୍ଲାରେ ୨ ଜଣ ସଂକ୍ରମିତଙ୍କ ମୃତ୍ୟୁ ଘଟିଛି ।

# କରୋନାରୁ ସୁସ୍ଥ ହେଲେ ୧୧୭ ଆକ୍ରାନ୍ତ

ଭୁବନେଶ୍ୱର, ୧୧/୦୩ (ନି.ପ୍ର): ରାଜ୍ୟରେ କରୋନା ସଂକ୍ରମଣରୁ ଶୁକ୍ରବାର ଆଉ ୧୧୭ ଜଣ ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି । ଏଥି ସହିତ ରାଜ୍ୟରେ କରୋନାରୁ ସୁସ୍ଥ ହୋଇଥିବା ଆକ୍ରାନ୍ତଙ୍କ ସଂଖ୍ୟା ୧୨ ଲକ୍ଷ ୭୬ ହଜାର ୪୦୨ରେ ପହଂଚିଛି । ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଏହି ସୂଚନା ଦିଆଯାଇଛି । ସ୍ୱାସ୍ଥ୍ୟ ବିଭାଗର ସୂଚନା ଅନୁସାରେ ଆଜି ଗଜପତି ଜିଲ୍ଲାରୁ ସର୍ବାଧିକ ୨୦ ଜଣ ଓ ସମ୍ବଲପୁର ଜିଲ୍ଲାରୁ ୧୭ ଜଣ ଆକ୍ରାନ୍ତ କରୋନାରୁ ସୁସ୍ଥ ହୋଇଛନ୍ତି । ସେହିପରି ଝାରସୁଗୁଡ଼ାରୁ ୧୫, ସୁନ୍ଦରଗଡ଼ରୁ ୧୪, ଖୋର୍ଦ୍ଧାରୁ ୧୧, ବାଲେଶ୍ୱରରୁ ୮, ଯାଜପୁର, କୋରାପୁଟ, ମୟୂରଭଂଜ, ନବରଂଗପୁରରୁ ୪ ଜଣ ଲେଖାଏଁ, ଗଂଜାମ, କେନ୍ଦ୍ରାପଡ଼ାରୁ ୩-୩, ଭଦ୍ରକ, ବଲାଙ୍ଗୀର, ଜଗତସିଂହପୁରରୁ ୨ ଜଣ ଲେଖାଏଁ, କଳାହାଣ୍ଡି, ମାଲକାନଗିରି, ରାୟଗଡ଼ାରୁ ଜଣେ ଲେଖାଏଁ ଓ ରାଜ୍ୟ ପୁଲ୍ ରୁ ଜଣେ କରୋନାରୁ ସୁସ୍ଥ ହୋଇଛନ୍ତି ।

# ବିଭିନ୍ନ ପଂଚାୟତରେ ନାଏବ ସରପଂଚ ନିର୍ବାଚିତ

ନୀଳଗିରି, ୧୧/୦୩ (ନି.ପ୍ର): ସମଗ୍ର ଓଡ଼ିଶାରେ ସମସ୍ତ ପଂଚାୟତରେ ଶୁକ୍ରବାର ଦିନ ନାଏବ ସରପଂଚ ନିର୍ବାଚିତ ଅନୁଷ୍ଠିତ ହେଉଥିବା ବେଳେ ବାଲେଶ୍ୱର ଜିଲ୍ଲାର ନୀଳଗିରି ବ୍ଲକରେ ବିଭିନ୍ନ ପଂଚାୟତରେ ନାଏବ ସରପଂଚ ପାଇଁ ନିର୍ବାଚନ ହୋଇ ଫଳାଫଳ ମଧ ପ୍ରକାଶ ପାଇଛି । ନୀଳଗିରି ବ୍ଲକର ସିଆଡ଼ିମାଳ ପଂଚାୟତର ୧୦ନଂ ୱାର୍ଡର ୱାର୍ଡସଭ୍ୟ ସାବିତ୍ରୀ ବେହେରା ଏବଂ ଜଡ଼ିଦା ଗ୍ରା.ପ.ର ୨ନଂ. ୱାର୍ଡର ୱାର୍ଡ ସଭ୍ୟ ସୌମ୍ୟରଂଜନ ଶତପଥି ନିଦ୍ୱନ୍ଦରେ ନିର୍ବାଚିତ ହୋଇଛନ୍ତି । ସେହିପରି ନରଣପୁର ଗ୍ରା.ପ.ର ୭ନଂ. ୱାର୍ଡ ୱାର୍ଡ ସଭ୍ୟ ସୁରେନ୍ଦ୍ର ସିଂ, ଅଯୋଧା ଗ୍ରାପ..ର ଜ୍ଞାନରଂଜନ ନାୟକ, ମଛୁଆ ଗ୍ରା.ପ.ର ବୀନୀତା ସିଂ, କେ.ପି.ଲାଖରାଜ ଗ୍ରା.ପ.ର ପ୍ରମିଳା ନାଏକ, ଧୋବଶିଳା ଗ୍ରା.ପ.ର ଜୟନ୍ତି ମଲିକ, ଭଉଁରିଆବାଡ଼ ଗ୍ରା.ପ.ର ୮ନଂ. ୱାର୍ଡ ସଭ୍ୟ ଲକ୍ଷ୍ମୀପ୍ରିୟା ସିଂ ନାଏବ ସରପଂଚ ଭାବେ ନିର୍ବାଚିତ ହୋଇଛନ୍ତି । ସମସ୍ତ ବିଜୟୀ ପ୍ରାର୍ଥୀଙ୍କୁ ସ୍ୱାଗତ କରାଯାଇ ନିଜ ନିଜ ସିଟ୍‌ରେ ବସିଥିଲେ ।

# ଆଜି ଜଳେଶ୍ୱର ପଂଚାୟତ ଅଧ୍ୟକ୍ଷ ନିର୍ବାଚନ

ଜଳେଶ୍ୱର, ୧୧/୩ (ନି.ପ୍ର) : ପଂଚାୟତରାଜ ବିଭାଗର ଘୋଷଣା ଅନୁଯାୟୀ ଆସନ୍ତା ୧୨ତାରିଖ ଶନିବାର ପ୍ରତ୍ୟେକ ବ୍ଲକର ସମିତି ସଦସ୍ୟଙ୍କ ଅଧ୍ୟକ୍ଷ ପଦବୀ ପୂରଣ ଲାଗି ନିର୍ବାଚନ ହେବ । ଏଥିଲାଗି ଗତ କିଛିଦିନ ଧରି ଶାସକ ବିଜେଡି ଦଳ ସମର୍ଥିତ ସମିତି ସଦସ୍ୟମାନେ ଅଜ୍ଞାତ ବାସରେ ଥିବା ବେଳେ ନିର୍ବାଚନ ସମୟର ଅବ୍ୟବହିତ ପୂର୍ବରୁ ପହଞ୍ଚି ଭୋଟ ଦେବେ ବୋଲି ଜଣାଯାଇଛି । ସୂଚନା ଅନୁଯାୟୀ ଜଳେଶ୍ୱର ବ୍ଲକ ପଂଚାୟତ ସମିତି ନିର୍ବାଚନରେ କଂଗ୍ରେସର ୪ ସମର୍ଥିତ ସଦସ୍ୟ, ବିଜେପିର ୬ସମର୍ଥିତ ସଦସ୍ୟ, ୨ ସ୍ୱାଧିନ ସଦସ୍ୟ ଓ ବିଜେଡିର ୨୨ଜଣ ସମର୍ଥିତ ସଦସ୍ୟ ରହିଛନ୍ତି । ଉପାଧ୍ୟକ୍ଷ ଥିବା ବ୍ରଜମୋହନ ପ୍ରଧାନ ଚଳିତ ନିର୍ବାଚନରେ ୨ଟି ପଂଚାୟତରୁ ସମିତି ସଦସ୍ୟଭାବେ ଜିଣିଥିବାରୁ ନିର୍ବାଚନରେ ୩୫ ବଦଳରେ ୩୪ଟି ଗ୍ରହଣ କରାଯିବ । ଏଥିଲାଗି ବିଜେଡିର ଆଗ ଧାଡିର ନେତା ତଥା ବିଧାୟକଙ୍କ ସମର୍ଥକ ମାନସ ଜେନା ବ୍ଲକ ଅଧ୍ୟକ୍ଷ ହେବେ ବୋଲି ୨୨ଜଣ ସଦସ୍ୟଙ୍କୁ ଅଜ୍ଞାତବାସରେ ରଖିଥିବା ଜଣାଯାଇଛି । କିନ୍ତୁ ବିଜେଡି ଦଳର ବ୍ରଜମୋହନ ପ୍ରଧାନ ନିଜ ଚକ୍ରବ୍ୟୂହ ମଧ୍ୟରେ ଆବଶ୍ୟକ ସମର୍ଥକ ଯୋଗାଡ କରି ଜିତିବେ ବୋଲି ଦମ୍ଭୋକ୍ତି ପ୍ରକାଶ କରିଛନ୍ତି । କଂଗ୍ରେସ, ବିଜେପି ସମର୍ଥିତ ସଦସ୍ୟ ଓ ସ୍ୱାଧିନ ସଦସ୍ୟଙ୍କୁ ନେଇ ଉଭୟେ ଅଂକ କଷାକଷି ହେଉଥିବା ଜଣାଯାଇଛି । ଆସନ୍ତା ଶନିବାର ବିଜେଡି ଦଳର କିଏ ବ୍ଲକ ଅଧ୍ୟକ୍ଷ ପଦବୀ ମଣ୍ଡନ କରୁଛି ତାହା ଦେଖିବାକୁ ବାକି ରହିଲା ।

## ସରକାରୀ ଚାଉଳ ଓ ଗହମ ବିକ୍ରିବେଳେ ୭ବୁରା ଜବତ୍ କଲେ ସ୍ଥାନୀୟ ଲୋକେ

ଜଳେଶ୍ୱର, ୧୧/୩ (ନି.ପ୍ର) : ପୌରପାଳିକା ନିର୍ବାଚନ ଅବ୍ୟବହିତ ପୂର୍ବରୁ ଜନୈକ ଡିଲର ୪ବୁରା ଚାଉଳ ଓ ୩ବୁରା ଗହମ ଜଣେ ପଶ୍ଚିମବଂଗ ବ୍ୟବସାୟୀଙ୍କୁ ବିକ୍ରି କରୁଥିବା ବେଳେ ସ୍ଥାନୀୟ ଲୋକେ ଧରିଥିବା କୁହାଯାଇଛି । ୪ନଂ ୱାର୍ଡ ପଥରପୁରାର ଡିଲର ଏହି ରେସନ୍ ସାମଗ୍ରୀ ବିକ୍ରି କରିଥିବା ବେଳେ ସ୍ଥାନୀୟ ଲୋକେ ଟେମ୍ପୋ ସହିତ ରାସନ୍ ସାମଗ୍ରୀକୁ ଧରି ଥିବା ବେଳେ ପରେ ତାହା ମୁଲଚାଲ ହୋଇଥିବା ଅଭିଯୋଗ ହୋଇଛି । ପ୍ରକାଶଯୋଗ୍ୟ ଗତ କିଛିମାସ ଧରି ଖାଉଟି ଚାଉଳ ଓ ଗହମ ପାଉନଥିବା ବେଳେ ଡିଲର ଜଣକ ବିଭିନ୍ନ ଆଳ ଦେଖାଇ ଖସିଯାଇଥିଲେ । ସରକାରୀ ଚାଉଳ ଓ ଗହମର ଚୋରାବିକ୍ରି ଜଣାଯିବାପରେ ଯୋଗାଣ ବିଭାଗ ଓ ପୁଲିସ୍ କଣ ପଦକ୍ଷେପ ନେଉଛନ୍ତି ତାହା ଦେଖିବାକୁ ବାକି ରହିଲା ।

# ରୂପ୍ସା ସ୍ଥିତ ଯୋଗେନ୍ଦ୍ର କଲେଜ +୨ ର ୧୦ ଜଣ ଛାତ୍ରୀ ଅସୁସ୍ଥ

ବସ୍ତା, ୧୧/୦୩ (ନି.ପ୍ର): କଲେଜର ହଷ୍ଟେଲ ରୋଷେଇଆର ଅସାବଧାନତା ଫଳରେ ଡାଲିରେ ଫିନାଇଲ ପଡି ଥିଲା ବେଳେ ଡାଲି ତରକାରୀ ଖାଇ ୧୦ରୁ ଉର୍ଦ୍ଧ୍ୱ ଛାତ୍ରୀ ଗୁରୁତର । ଗୁରୁତର ମାନେ ବାଲେଶ୍ୱର ମୁଖ୍ୟ ଡାକ୍ତର ଖାନାକୁ ସ୍ଥାନାନ୍ତରିତ କରାଯାଇଛି । ସୂଚନା ଅନୁଯାୟୀ ବାଲେଶ୍ୱର ଜିଲ୍ଲା ରୁପ୍ସା ଥାନା ଆଙ୍କ ମାର୍କେଟରେ ଥିବା ଯୋଗେନ୍ଦ୍ର ରିଜିଓନାଲ +୨ ସାଇନ୍ସ କଲେଜରେ ଥିବା ଲେଡିଜ ହଷ୍ଟେଲରେ ୧୧୦ଜଣ ଛାତ୍ରୀ ରହି ଆସୁଥିଲେ । ଆଜି ମଧ୍ୟାହ୍ନ ସମୟରେ ପିଲା ମାନଙ୍କ ମଧ୍ୟାହ୍ନ ଭୋଜନ ପାଇଁ ରୋଷେଇ ହୋଇଥିବା ଡାଲି ତରକାରି ୨୦ରୁ ଉର୍ଦ୍ଧ୍ୱ ପିଲା ମାନେ ଖାଇଥିଲେ । ଖାଦ୍ୟ ଖାଇଲା ପରେ ୧୦ରୁ ଉର୍ଦ୍ଧ୍ୱ ପିଲାମାନଙ୍କର ପେଟବଥା ହେବା ସହିତ ବାନ୍ତି ମଧ ହୋଇଥିଲା ସଙ୍ଗେସଙ୍ଗେ ସେମାନଙ୍କୁ ରୁପ୍ସା



ହସ୍ପିଟାଲକୁ ନିଆ ଯାଇଥିଲା । ହେଲେ ୬ଜଣ ଙ୍କ ପରିସ୍ଥିତି ଗୁରୁତର ଜାଣି ସେମାନଙ୍କୁ ବାଲେଶ୍ୱର ମୁଖ୍ୟ ଡାକ୍ତର ଖାନାକୁ ସ୍ଥାନାନ୍ତରିତ କରାଯାଇଛି । କଲେଜ ପରିସରରେ ଉତ୍ତେଜନା ଦେଖା ଦେଇଛି । ଡାଲିରେ ଫିନାଇଲ ମିଶି ଥିବା କଥା କଲେଜ ଦାୟିତ୍ୱରେ ଥିବା ଇନ ଚାର୍ଜ ସ୍ୱୀକାର କରିଥିଲା ବେଳେ ଛାତ୍ରୀ ମାନେ ଭୟରେ କିଛି କହି ନାହାନ୍ତି । ବର୍ତ୍ତମାନ ସୁଦ୍ଧା କଲେଜ କର୍ତ୍ତୃପକ୍ଷଙ୍କ ପାଖରୁ କୌଣସି ପ୍ରତିକ୍ରିୟା ମିଳି ପାରିନାହିଁ । ତେବେ ସେ ତାଙ୍କର ଫୋନ ସୁଇଜ ବନ୍ଦ କରିରଖିଛନ୍ତି । ଯାହା ଫଳରେ ଖବର ଲେଖା ହେବା ପର୍ଯ୍ୟନ୍ତ କୌଣସି ପ୍ରତିକ୍ରିୟା ହସ୍ତଗତ ହୋଇପାରି ନାହିଁ । କଲେଜ ହଷ୍ଟେଲରେ ରୋଷେଇଆ ଏହି କାର୍ଯ୍ୟପାଇଁ ଅଭିଭାବକ ମାନଙ୍କ ମଧ୍ୟରେ ଅସନ୍ତୋଷ ତିବ୍ରତର ହେବାରେ ଲାଗିଛି ।

# ସିପିଏଲ ସିଜିନ- ୬ ଦିବାରାତ୍ର କ୍ରିକେଟ ଟୁର୍ଣ୍ଣାମେଣ୍ଟ



ବାରିପଦା, ୧୧/୦୩ (ନି.ପ୍ର): ସ୍ଥାନୀୟ ବାରିପଦା ଷ୍ଟାଡିୟମ ପଡିଆରେ ମୟୁରଭଞ୍ଜ ଏଥଲେଟିକ ଆସୋସିଏସନ ଓ କଲେଜ ଫିଲଡ ବୋଏଜ ଦ୍ୱାରା ଆୟୋଜିତ ସି ପି ଏଲ ସିଜନ୬ ଦିବାରାତ୍ର କ୍ରିକେଟ ଟୁର୍ଣ୍ଣାମେଣ୍ଟର ଆଜିର ପ୍ରଥମ ମ୍ୟାଚରେ ଥ୍ରୀଲର୍ସ କ୍ଷେସନ ଥଣ୍ଡରକୁ ୯ ଉଇକେଟରେ ପରାସ୍ତ କରିଥିଲେ । ପ୍ରଥମେ ବ୍ୟାଟିଙ୍ଗ କରି କ୍ଷେସନ ଥାଣ୍ଡର ୧୦ ଓଭରରେ ୫ ଉଇକେଟ ହରାଇ ୬୮ ରନ କରିଥିଲେ । ଦଳ ପକ୍ଷରୁ ମନୀଷ ପଣ୍ଡା ୨୭ ରନ ଓ ଅବିନାଶ କଳିଆ ୨୪ ରନ ସଂଗ୍ରହ କରିଥିବା ବେଳେ ବିପକ୍ଷ ଦଳର ରୁପନାରାୟଣ ସେଠି ୨ ଟି ଉଇକେଟ ଅକ୍ତିଆର କରିଥିଲେ । ଉତ୍ତରରେ ଥ୍ରୀଲର୍ସ ୬.୫ ଓଭରରେ ଗୋଟିଏ ଉଇକେଟ ହରାଇ ବିଜୟ ଲକ୍ଷ୍ୟ ହାସଲ କରିଥିଲେ । ଦଳ ପକ୍ଷରୁ ଅମିତ ମହାନ୍ତି ସର୍ବାଧିକ ୩୪ ରନ କରିଥିଲେ । ଆଜିର ଖେଳକୁ ଅଭିଳାଷ ବିଶ୍ୱାଳ, ଲକ୍ଷ୍ମୀଧର ସିଂହ ଓ ସୁଶାନ୍ତ ମହାନ୍ତି ପରିଚାଳନା କରି ଥିବାବେଳ ସମ୍ବିତ ମହାରଣା ସ୍କୋରିଙ୍ଗରେ ସହାୟତା କରିଥିଲେ । ପଙ୍କଜ ମହାକୁଡ଼ ଓ ଦୀପକ ଦାସ ଧାରବିବରଣୀ ପ୍ରଦାନ କରିଥିଲେ । ଗତକାଲି ରାତିରେ ଖେଳାଯାଇଥିବା ଦ୍ୱିତୀୟ ମ୍ୟାଚରେ ମା ଜଗଦ୍ଧାତ୍ରୀ ୱରିୟାର୍ସ କ୍ଷେସନ ଥାଂଡରକୁ ୩୧ ରନରେ ପରାସ୍ତ କରିଥିବାବେଳେ ଶେଷ ମ୍ୟାଚରେ ଜଗନ୍ନାଥ ୱରିୟାର୍ସ ମା ଅମ୍ବିକା ୱରିଅରକୁ ୩ ଉଇକେଟରେ ପରାସ୍ତ କରିଥିଲେ । ଆୟୋଜକ ସତ୍ୟନାରାୟଣ ଜୀଉ ଓ ଦେବଜୀତ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ରହି ଖେଳାଳି ମାନଙ୍କୁ ଉତ୍ସାହିତ କରିଥିଲେ ।

## ତହସିଲଦାରଙ୍କ ଚଢ଼ାଉ : ୩ ଲୋଡର, ୩ ଟ୍ରାକ୍ଟର, ୨ ଡମ୍ପର ଜବତ୍

ନୀଳଗିରି, ୧୧/୦୩ (ନି.ପ୍ର): ବାଲେଶ୍ୱର ଜିଲ୍ଲା ନୀଳଗିରି ତହସିଲ ଅଧୀନ ନରସିଂହପୁର ପଂଚାୟତ ନିକଟ ଗୁରୁବାର ରାତିରେ ସୋନ ନଦୀ କୂଳରେ ବେଆଇନ ବାଲି ଉତୋଳନ ବେଳେ ନୀଳଗିରି ତହସିଲଦାରଙ୍କ ନେତୃତ୍ୱରେ ରାଜସ୍ୱ ବିଭାଗ ଓ ପୋଲିସର ମିଳିତ ଚଢ଼ାଉ କରାଯାଇଛି । ଏହି ଚଢ଼ାଉ ସମୟରେ କିଛି ଗାଡ଼ି ଓ ବାଲି ମାଫିଆ ସେଠାରୁ ଫେରାର ହେବାରେ ସଫଳ ହୋଇଥିବା ବେଳେ ଘଟଣାସ୍ଥଳରୁ ୩ଟି ଲୋଡର, ୩ଟି ଟ୍ରାକ୍ଟର ଓ ୨ଟି ଡମ୍ପର ଜବତ୍ କରାଯାଇଛି । ସୋନ ନଦୀର ବିଭିନ୍ନ ସ୍ଥାନରେ ବେଆଇନ ଚୋରା ବାଲି ଚାଲାଣ ହେଉଥିବାର ବିଭିନ୍ନ ସମୟରେ ଅଭିଯୋଗ ହେଉଥିବା ବେଳେ ଲକ୍ଷାଧିକ ଟଙ୍କା ରାଜସ୍ୱ କ୍ଷତି ହେଉଥିବାର ସୂଚନା ।

## ୩ଟି ପଂଚାୟତର ନିର୍ବାଚନ ସ୍ଥଗିତ

ଜୟପୁର, ୧୧/୦୩ (ନି.ପ୍ର): ଜୟପୁର ବ୍ଲକର ୨୨ଟି ପଂଚାୟତରେ ନାଏବ ସରପଂଚ ନିର୍ବାଚନ ଅନୁଷ୍ଠିତ ହୋଇଛି । ୧୯ଟି ପଂଚାୟତରେ ନାଏବ ସରପଂଚ ନିର୍ବାଚନ ହୋଇଥିବା ବେଳେ ଉମୁରି, ଫାମୁଣି ଓ ରାଣିଗଡ ପଂଚାୟତରେ କୋରମ ଅଭାବରୁ ନିର୍ବାଚନ ସ୍ଥଗିତ ରହିଥିବା ଜୟପୁର ବିଡିଓ ସୁରଜ କୁମାର ପଟ୍ଟନାୟକ ସୂଚନା ଦେଇଛି । ସମସ୍ତ ପଂଚାୟତରେ କଡା ସୁରକ୍ଷା ବଳୟରେ ନିର୍ବାଚନ ଅନୁଷ୍ଠିତ ହୋଇଥିଲା ।

# ଗ୍ରୀଷ୍ମଋତୁ ପୂର୍ବରୁ ହୁତୁହୁତୁ ହୋଇ ଜଳୁଛି ତିନିକୋଶିଆ ଜଙ୍ଗଲ

ନୀଳଗିରି, ୧୧/୦୩ (ନି.ପ୍ର): ପ୍ରତିବର୍ଷ ଗ୍ରୀଷଋତୁ ସମୟରେ ଦୁର୍ବୃତମାନେ ତିନିକୋଶିଆ ଓ କୁଲଡିହା ଅଭୟାରଣ୍ୟରେ ନିଆଁ ଲଗାଇବା ଯୋଗୁଁ ଏକର ଏକର ଜଙ୍ଗଲ ଜଳି ପୋଡ଼ି ପାଉଁଶ ହୋଇଥାଏ । ଏହି ନିଆଁକୁ କରାୟତ ପାଇଁ ଉଭୟ ବନବିଭାଗ ନାକେଦମ ହେବାକୁ ପଡ଼ିଥାଏ । ମାତ୍ର ଚଳିତବର୍ଷ ଗ୍ରୀଷ୍ମ ଋତୁ ଆସିବାପୂର୍ବରୁ ସଜନାଗଡ଼-ଉଦଳା ୧୯ନଂ. ରାଜ୍ୟ ରାଜପଥର ଭାଲୁକାଶୁଣି ଛକର ଅନତିଦରରେ ତିନିକୋଶିଆ ଜଙ୍ଗଲରେ ହୁତୁହୁତୁ ହୋଇ ଜଳୁଥିବାର ଦେଖିବାକୁ ମିଳିଛି । ଜଙ୍ଗଲରେ ପଡ଼ିଥିବା



ଶୁଖିଲା ପତ୍ର ଗୁଡ଼ିକ ହୁତୁହୁତୁ ହୋଇ ଜଳୁଥିବା ବେଳେ ବହୁ ମୂଲ୍ୟବାନ ଗଛ ଗୁଡ଼ିକ ମଧ ନିଆଁ ଲାଗିଯାଇଛି । ନିଆଁ ଲାଗିବା ଘଟଣା ନୀଳଗିରି ବନବିଭାଗ ପାଖରେ ଖବର ନ ଥିବା ଘଟଣା ଅତ୍ୟନ୍ତ ଦୁଃଖଦାୟକ । ଏ ନେଇ ବାଲେଶ୍ୱର ଡି.ଏଫ.ଓ.ଙ୍କୁ ଅବଗତ କରାଇଲା ପରେ ନୀଳଗିରି ବନବିଭାଗ ଘଟଣାସ୍ଥଳରେ ପହଂଚି ନିଆଁ ଲିଭା କାର୍ଯ୍ୟ ଆରମ୍ଭ କରିଛନ୍ତି । ଆଗକୁ ଯଦି ଉଭୟ ନୀଳଗିରି ଓ କୁଲଡିହା ବନବିଭାଗ ସତର୍କତା ଅବଲମ୍ବନ ନ କରନ୍ତି, ତେବେ ଗତବର୍ଷ ଭଳି ଏକର ଏକର ଜଙ୍ଗଲ ପୋଡ଼ି ନଷ୍ଟ ହୋଇଯିବ ।


❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❒ ସଂପାଦିକା : ସୈରିନ୍ଧ୍ରୀ ସାହୁ

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❒ Managing & Executive Editor : Srustidhar Parida
❒ Editor: Sairindhree Sahoo